


◀ ଆଜିର 'ସକାଳ' ସହ 'ସିନ୍ଦୁରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-189 ♦SUNDAY ♦4 JANUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୮୯ ♦ରବିବାର ♦୪ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦ (ସିନ୍ଦୁରା ସହ)




ପ୍ରତିଘର ପାଠାଗାର


# ସମକାଳୀନ ଓଡ଼ିଆ କାହାଣୀ ଜଗତର ସବୁଠୁ ଚର୍ଚ୍ଚିତ ୩୦ ଗଳ୍ପ ପୁସ୍ତକ, ଅଧାମୂଲ୍ୟରେ*

ଆଧୁନିକ ଓଡ଼ିଆ କ୍ଲାସିକ୍ | ମନ ଚହଲେଇଦେବା ଭଳି କାହାଣୀ | ୩୦ଟି ପୁସ୍ତକରେ ୫୦୦ରୁ ଅଧିକ ଗଳ୍ପ | ସୁଯୋଗ ସୀମିତ ସମୟ ପାଇଁ

20 ପେନ୍ ଇନ୍ ବୁକ୍ସ PEN IN BOOKS twenty years of excellence




ଲେଖକ ଅଜୟ ସ୍ୱାଇଁ
ମୂଲ୍ୟ ୧୯୯ ଟଙ୍କା




ଲେଖକ ଗୌରହରି ଦାସ
ମୂଲ୍ୟ ୨୯୯ ଟଙ୍କା




ଲେଖକ ଅରୁଣ କୁମାର ସାହୁ
ମୂଲ୍ୟ ୨୩୯ ଟଙ୍କା




ଲେଖକ ସୁରେଶ ଛୋଟରାୟ
ମୂଲ୍ୟ ୨୪୯ ଟଙ୍କା




ଲେଖକ କ୍ଷୀରୋଦ ଦାସ
ମୂଲ୍ୟ ୨୧୯ ଟଙ୍କା



ଲେଖକ ଜୀବନ କୃଷ୍ଣ ମହାପାତ୍ର
ମୂଲ୍ୟ ୪୪୯ ଟଙ୍କା




ଲେଖକ ଘନବିହାରୀ ମହାରଣା
ମୂଲ୍ୟ ୨୯୯ ଟଙ୍କା



ଲେଖକ ଶୁଭ୍ରାଂଶୁ ପଣ୍ଡା
ମୂଲ୍ୟ ୨୪୯ ଟଙ୍କା




ଲେଖକ ମୋନାଲିସା ମିଶ୍ର
ମୂଲ୍ୟ ୩୯୯ ଟଙ୍କା




ଲେଖକ ଘନଶ୍ୟାମ ପାଣିଗ୍ରାହୀ
ମୂଲ୍ୟ ୨୪୯ ଟଙ୍କା




ଲେଖକ ସୁବ୍ରତ କୁମାର ସେନାପତି
ମୂଲ୍ୟ ୨୧୯ ଟଙ୍କା




ଲେଖକ ବିଭୁ ହୋତା
ମୂଲ୍ୟ ୨୪୯ ଟଙ୍କା




ଲେଖକ ମିୟୋଗ ପାତ୍ର
ମୂଲ୍ୟ ୧୯୯ ଟଙ୍କା




ଲେଖକ ତୃପ୍ତି ରଞ୍ଜନ ଦାସ
ମୂଲ୍ୟ ୧୯୯ ଟଙ୍କା




ଲେଖକ ସ୍ୱାଗତ କୁମାର ପଣ୍ଡା
ମୂଲ୍ୟ ୨୧୯ ଟଙ୍କା




ଲେଖକ ଅଶୋକ କୁମାର ମିଶ୍ର
ମୂଲ୍ୟ ୨୯୯ ଟଙ୍କା



ଲେଖକ ଶୈଳେନ୍ଦ୍ର ଜେନା
ମୂଲ୍ୟ ୧୯୯ ଟଙ୍କା




ଲେଖକ ହିମୁ ସଲ୍କ କ୍ରିଶିଲ୍ ନାଥନ
ମୂଲ୍ୟ ୨୪୯ ଟଙ୍କା




ଲେଖକ ରଞ୍ଜନ ପ୍ରଧାନ
ମୂଲ୍ୟ ୨୧୯ ଟଙ୍କା




ଲେଖକ ହାଡ଼ିବନ୍ଧୁ ମହାଖୁଡ଼
ମୂଲ୍ୟ ୧୯୯ ଟଙ୍କା



ଲେଖକ ଛନ୍ଦା ମିଶ୍ର
ମୂଲ୍ୟ ୨୨୯ ଟଙ୍କା




ଲେଖକ ଶକ୍ତି ମହାନ୍ତି
ମୂଲ୍ୟ ୨୪୯ ଟଙ୍କା



ଲେଖକ ମନୋରଞ୍ଜନ ବେହୁରା
ମୂଲ୍ୟ ୩୨୯ ଟଙ୍କା




ଲେଖକ ପ୍ରିୟଦର୍ଶିନୀ ପଣ୍ଡା
ମୂଲ୍ୟ ୨୩୯ ଟଙ୍କା




ଲେଖକ ଲକ୍ଷ୍ମଣ କୁମାର
ମୂଲ୍ୟ ୧୯୯ ଟଙ୍କା




ଅନୁବାଦ ବଙ୍ଗାଳୀ ନନ୍ଦ
ମୂଲ୍ୟ ୨୪୯ ଟଙ୍କା



ଲେଖକ ସୁଷମା ଚୌଧୁରୀ
ମୂଲ୍ୟ ୨୯୯ ଟଙ୍କା



ଲେଖକ ସୋମନାଥ ବିଶୋୟୀ
ମୂଲ୍ୟ ୧୯୯ ଟଙ୍କା



ଲେଖକ ଶଶାଙ୍କ ପ୍ରିୟସଖା
ମୂଲ୍ୟ ୨୩୯ ଟଙ୍କା



ଲେଖକ ଅରୁଣ କୁମାର ଦାଶ
ମୂଲ୍ୟ ୨୪୯ ଟଙ୍କା

ନିଜ ପାଠାଗାର ବିଷୟରେ ସାମାଜିକ ଗଣମାଧ୍ୟମରେ ଲେଖନ୍ତୁ ଏବଂ ଆମକୁ ହ୍ୟାସ୍‌ଟ୍ୟାଗ୍ ଦେଇ ଯୋଡ଼ନ୍ତୁ। ପେନ୍ ଇନ୍ ବୁକ୍ସ ପ୍ରତି ମାସରେ ଗୋଟିଏ ପାଠାଗାରକୁ ସହଯୋଗ ଓ ପ୍ରୋତ୍ସାହିତ କରିବ।**
#ପ୍ରତିଘରପାଠାଗାର #ପେନ୍‌ଇନ୍‌ବୁକ୍ସ
#PratiGharaPathagara #peninbooks

ପେନ୍ ଇନ୍ ବୁକ୍ସ
ବହି ସାଉଁଟିଆଙ୍କ ସ୍ୱର୍ଗ
୨୦୦୫ ମସିହାରୁ
ଯୋଗାଯୋଗ : ଓଡ଼ିଆ ମିଡ଼ିଆ ପ୍ରାଇଭେଟ ଲିମିଟେଡ, ଏମ୍-୬/୫୧, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର - ୭୫୧୦୧୩
facebook.com/peninbooks
instagram.com/peninbooks_
twitter.com/peninbooks
youtube.com/@PENINBOOKS
peninbooks.com

ଡାକ ଖର୍ଚ୍ଚ ସହ
୩୦ଟି ଗଳ୍ପ ପୁସ୍ତକ
**୩୯୯୯ ଟଙ୍କା**
ଆଜି ହିଁ ୟୁପିଆଇରେ ପଇଠ କରନ୍ତୁ
ନିଜ ଦୁଆର ମୁହଁରେ ପୁସ୍ତକ ପାଆନ୍ତୁ

ପୁସ୍ତକ ପାଇବା ପଦ୍ଧତି

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖ କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୩,୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ। ସ୍ପୀଡ୍‌ପୋଷ୍ଟ ଯୋଗେ କ୍ରେତାଙ୍କୁ ରସିଦ ସହିତ ପୁସ୍ତକ ପଠାଯିବ।
- ଯୋଜନାଟି ୧୭ ଜାନୁଆରୀ ୨୦୨୬, ଶନିବାର ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୩,୯୯୯/ - ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

ଜିତନ୍ତୁ ଏକ ଲକ୍ଷ ଟଙ୍କାର ମାଗଣା ପୁସ୍ତକ
ପଢ଼ିବା ପରେ ଆମାଜନ୍‌ରେ ଅତି କମରେ ୧୦ଟି ପୁସ୍ତକର ସମୀକ୍ଷା ଲେଖନ୍ତୁ। ସମୀକ୍ଷାର ସ୍କ୍ରୀନ୍‌ସଟ୍ ଆମକୁ ପଠାନ୍ତୁ। ୧୦ ଜଣ ପାଠକଙ୍କୁ ମିଳିବ ଏକ ଲକ୍ଷ ଟଙ୍କାର ପୁସ୍ତକ ଉପହାର। ଡାକ ଠିକଣାରେ ପୁସ୍ତକ ପହଞ୍ଚାଇଦିଆଯିବ।

78469 81182

Odia Media Private Limited
odiamedia@icici


ପଇଠର ଦୁଇ ସପ୍ତାହ ମଧ୍ୟରେ ପୁସ୍ତକ ନ ପାଇଲେ ଉପର ଫୋନ୍ ନମ୍ବରରେ ଅନୁସନ୍ଧାନ କରିପାରିବେ। ଫୋନ୍ ନମ୍ବର ସକାଳ ୧୧ଟାରୁ ସଂଧ୍ୟା ୫ଟା ଯାଏଁ ଖୋଲା ରହେ। ଡାକରେ ଯିବା ସମୟରେ ପୁସ୍ତକ ନଷ୍ଟ ହେଲେ ପ୍ରକାଶନ ସଂସ୍ଥା ଦାୟୀ ରହିବ ନାହିଁ। କିଣିବା ପରେ ପୁସ୍ତକ ଫେରସ୍ତ ହେବ ନାହିଁ। ଏ ସମ୍ପର୍କିତ ସମସ୍ତ ବିବାଦ କେବଳ ଭୁବନେଶ୍ୱର ନ୍ୟାୟକ୍ଷେତ୍ର ଅଧୀନରେ ସମାଧାନ ହେବ। *୭,୫୮୦ ଟଙ୍କାର ପୁସ୍ତକ ସହ ଡାକଖର୍ଚ୍ଚ ଓ ପ୍ୟାକେଜିଂ ...

# ବିଚାର ବିବାଦ ବିଧାନ


ରାଜୁତି, ରାଜନୀତି ଓ ରାଷ୍ଟ୍ରଗଠନ ସମ୍ବନ୍ଧରେ ୭ଟି ସ୍ୱତନ୍ତ୍ର ଗ୍ରନ୍ଥ ଏକତ୍ର
୩,୧୯୩ ଟଙ୍କାର ପୁସ୍ତକ ମାତ୍ର ୧,୯୯୯ ଟଙ୍କାରେ




ରାଷ୍ଟ୍ର ଓ ସମାଜ ଗଠନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବୈଚାରିକ ଅବଦାନ
ମୂଲ୍ୟ ୫୯୯/-




୧୯୯୧ରୁ ୨୦୨୦ ପର୍ଯ୍ୟନ୍ତ ଓଡ଼ିଶାର ରାଜନୈତିକ ବିଶ୍ଳେଷଣ
ମୂଲ୍ୟ ୫୯୯/-




୨୦୨୪ ଓଡ଼ିଶା ନିର୍ବାଚନର ରାଜନୀତି, ସମୀକରଣ, ଭିତିରି କଥା ଓ ଫଳାଫଳ
ମୂଲ୍ୟ ୩୯୯/-



ପରାଜୟରୁ ବିଜୟ ଆଡ଼କୁ ବିଜେପିର ଯାତ୍ରାରେ ନରେନ୍ଦ୍ର ମୋଦୀଙ୍କ ଭୂମିକା
ମୂଲ୍ୟ ୩୯୯/-



୨୫ ବର୍ଷର ରାଜନୀତିରେ ନବୀନ ପଟ୍ଟନାୟକଙ୍କ ସଫଳତା ଓ ଉପଲବ୍ଧି
ମୂଲ୍ୟ ୪୯୯/-



ଅରବିନ୍ଦ କେଜରିୱାଲଙ୍କ କଳ୍ପିତ ନୂଆ ଭାରତ ଓ ରାଜନୈତିକ ସଂକଳ୍ପ
ମୂଲ୍ୟ ୨୯୯/-



ରାଜନୀତିରେ ସଫଳ ହେବ କି ରାହୁଲଙ୍କ ନୂଆ ପ୍ରୟୋଗ? ଏକ ଅନୁଶୀଳନ
ମୂଲ୍ୟ ୩୯୯/-

ନିର୍ଦ୍ଦିଷ୍ଟ ପୁସ୍ତକ ବିଷୟରେ ଅଧିକ ଜାଣିବାକୁ ଓ ପୁସ୍ତକଟି କିଣିବାକୁ ଚାହୁଁଥିଲେ, ମୋବାଇଲ କ୍ୟାମେରାରେ ପୁସ୍ତକ ସଂଲଗ୍ନ କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ରାଜନୀତି ବିଷୟରେ ଆଲୋଚନା କରିବା, ନେତାଙ୍କୁ ଗାଳିଦେବା ଅଥବା ଆଖିବୁଜି ସମର୍ଥନ କରିବା, ସାମାଜିକ ଗଣମାଧ୍ୟମ ଓ ଖଟିରେ ମତ ଦେବା, ଅଥଚ ରାଜନୀତି ଓ ଶାସନତନ୍ତ୍ରର ଭିତିରି କଥା ଜାଣିବା ନାହିଁ କି ପଢ଼ିବା ନାହିଁ - ଏ କେମିତିକା କଥା?
ରାଜନୀତି ଓ ରାଷ୍ଟ୍ରନୀତିରେ ଆଗ୍ରହ ରଖୁଥିବା ବ୍ୟକ୍ତିଙ୍କ ପାଇଁ ଏହି ୭ଟି ପୁସ୍ତକ ପଢ଼ିବା ଓ ସାଇତିବା ଜରୁରୀ।

ପୁସ୍ତକ ପାଇବା ପଦ୍ଧତି

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୧,୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ।
- ସ୍ପୀଡ୍‌ପୋଷ୍ଟ / କୋରିଅର୍ ଯୋଗେ କ୍ରେତାଙ୍କୁ ରସିଦ ସହିତ ପୁସ୍ତକ ପଠାଯିବ।*
- ଯୋଜନାଟି ୧୭ ଜାନୁଆରୀ ୨୦୨୬, ଶନିବାର ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୧,୯୯୯ ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

UPI ID - odiamedia@icici

77354 81182

OMPL/2601/SKL03

ସକାଳ
THE SAKALA



www.sakalaepaper.com

### ବିଂଶତମ ମହୋଦଧି ଆଳତି

# ବେଦଧ୍ୱନିରେ ଉଚ୍ଛୁଳିଲା ମହୋଦଧି ତଟ



ପୁରୀ,୩।୧(ସମିସ): ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ଗୁରୁବାର ସନ୍ଧ୍ୟାରେ ବିଂଶତମ ମହୋଦଧି ଆଳତି ଅନୁଷ୍ଠିତ ହୋଇଯାଇଛି। ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ତୀର୍ଥରାଜ ମହୋଦଧିଙ୍କୁ ନୈବେଦ୍ୟ ଅର୍ପଣ ସହ ଆଳତି କରିଥିଲେ। ହଜାର ହଜାର ଭକ୍ତଙ୍କ ସମାବେଶ ସାଙ୍ଗକୁ ଘଣ୍ଟଘଣ୍ଟାର ନାଦ ଓ ବେଦ ଧ୍ୱନିରେ ଉଚ୍ଛୁଳି ପଡ଼ିଥିଲା ମହୋଦଧି ତଟ। ଏହି ଆଳତିର ଅପୂର୍ବ ଦୃଶ୍ୟକୁ ସତେଯେମିତି ଉପଭୋଗ କରିବା ପାଇଁ ସମୁଦ୍ରର ଲହଡ଼ିଗୁଡ଼ିକ ବେଳାଭୂମିରେ ମଥାନତ କରିଥିଲେ। ଏହି ଦିବ୍ୟ ଆଳତି ପୂର୍ବରୁ ସମବେତ ଜନତାଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ।

ସେ କହିଥିଲେ, ବିଶାଳ ଭୂଖଣ୍ଡ ଭାରତକୁ କେହି କେବେ ଦିଶାହୀନ କରିପାରିବେ ନାହିଁ। ଯେବେ ବି ସେମିତି ସ୍ଥିତି ଆସିଛି, ଭଗବାନଙ୍କ ପ୍ରେରଣାରେ ସିଦ୍ଧ ସନ୍ଥ ମନିଷୀମାନେ ଅବତାର ନେଇଛନ୍ତି। ଭଗବତ କୃପାରୁ ଆମକୁ ମଣିଷ ଜନ୍ମ ମିଳିଛି। ଶୁଦ୍ଧ ସାତ୍ତ୍ୱିକ ଗୁଣ ସମ୍ପନ୍ନ ବ୍ୟକ୍ତି ସମସ୍ତଙ୍କ ହିତ ଆଚରଣ କରିଥା'ନ୍ତି। ଶ୍ରୀମଦ୍ ଭାଗବତରେ ମୁକ୍ତି ପରିଭାଷିତ ହୋଇଛି। ମୁକ୍ତି ଏକ ଉତ୍ପାଦ ନୁହେଁ, ଏହା ନିତ୍ୟ ସିଦ୍ଧ ସ୍ୱରୂପ। ସେବା, ସଦ୍‌ଭାବ ଓ ସଂଘର ବଳକୁ ଆପଣାଇ ନିଜ ଜୀବନରେ ଦିବ୍ୟତାର ଆବାହନ କର ବୋଲି ଗୁରୁଜୀ କହିଛନ୍ତି। ଏହି ଅବସରରେ ଜଗତ୍‌ଗୁରୁ ମହୋଦଧି ତଟ ସୁରା ଓ ସୁନ୍ଦରୀଙ୍କ କେନ୍ଦ୍ର ନ ହେଉ। ଏପରିକି, ବେଳାଭୂମିରେ ଧର୍ମକୁ ବିରୁଦ୍ଧ କଲା ଭଳି କାମ ନ ହେଉ ବୋଲି ଆହ୍ୱାନ ଦେଇଛନ୍ତି।

ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଲେ, ଶ୍ରୀପୁରୁଷୋତ୍ତମ କ୍ଷେତ୍ର ହେଉଛି ମହାପ୍ରଭୁଙ୍କ ନିଜ ସ୍ୱରୂପ। ତେଣୁ ଏହି କ୍ଷେତ୍ରକୁ ଯେପରି ଆମିଷ ଓ ଅନୀତିମୁକ୍ତ ରଖିବା, ତାହା ପାଳନ କରିବାକୁ ହେବ। ପିଲାଦିନେ ଆମେ ଯେଉଁ ଶିକ୍ଷା ଗ୍ରହଣ କରୁ, ତାହାଦ୍ୱାରା ଆମ ବ୍ୟକ୍ତିତ୍ୱ ଓ ଚରିତ୍ର ନିର୍ମାଣ ହୋଇଥାଏ। ମାତ୍ର ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ରାମାୟଣ, ଭାଗବତ, ହାଭାରତ, ବେଦର ସ୍ଥାନ ନାହିଁ। ଏବେ ଯଦି ବେଦଶାସ୍ତ୍ରକୁ ପାଠ୍ୟ ଅନ୍ତର୍ଭୁକ୍ତ କରାଯାଏ ତେବେ ଉତ୍ତମ ଚରିତ୍ର, ଆଦର୍ଶ ବ୍ୟକ୍ତିତ୍ୱ ଓ ଉତ୍ତମ ରାଷ୍ଟ୍ର ନିର୍ମାଣ ହୋଇପାରିବ।

ଅନ୍ୟମାନଙ୍କ ମଧ୍ୟରେ ବିଜେପି ସଭାପତି ମନମୋହନ ସାମଲ, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଡ. ସମ୍ବିତ ପାତ୍ର, ଅମର ଶତପଥୀ, ମହନ୍ତ ଅସୀମାନନ୍ଦ ଦାସ, ଜଗଦୀଶ ପ୍ରସାଦ ଖାଡେଙ୍ଗା, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମହେଶ କୁମାର ସାହୁ, ବରିଷ୍ଠ ସେବାୟତ ଜନାର୍ଦ୍ଦନ ପାଟଯୋଶୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମାତୃପ୍ରସାଦ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବହୁ ମଠ ମହନ୍ତ, ବିଦ୍ୱାନ, ଜ୍ଞାନୀଗୁଣି, ନେତାମନ୍ତ୍ରୀ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

### ଜନ୍ମ ଶତବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

# ଜାନକୀବଲ୍ଲଭ ଅନେକଙ୍କ ପାଇଁ ପ୍ରେରଣାଦାୟୀ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୩।୧(ସମିସ): ରାଜ୍ୟ ରାଜନୀତିରେ ଜାନକୀବଲ୍ଲଭ ଅନେକଙ୍କ ପାଇଁ ପ୍ରେରଣାଦାୟୀ ଗୁରୁ। କୌଣସି ସମସ୍ୟାରେ ବିଚଳିତ ନହୋଇ କର୍ମମୟ ଜୀବନରେ ଆଗକୁ ବଢ଼ି ଚାଲିବା, ଜାନକୀ ବଲ୍ଲଭଙ୍କ ଜୀବନୀରୁ ସମସ୍ତେ ଶିକ୍ଷାଲାଭ କରିବା ଉଚିତ। ନିରନ୍ତର କର୍ମ ଓ ଧୈର୍ଯ୍ୟ ହେଉଛି ସଫଳତାର ଅନ୍ୟ ନାମ। ଶନିବାର ଭୁବନେଶ୍ୱରର କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଆୟୋଜିତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାର ଯୁବବର୍ଗଙ୍କୁ ଉଦ୍ୟୋଗୀ କରିବା ପାଇଁ ୧୯୮୦ ମସିହାରେ ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକ ରାଜ୍ୟରେ ପ୍ରଥମଥର ପାଇଁ ବ୍ୟାପକ ଶିଳ୍ପାୟନର ଉଦ୍ୟମ କରିଥିଲେ। ସେତେବେଳେ ହଜାର ଦିନରେ ହଜାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ସେ ଯେଉଁ ଆହ୍ୱାନ ଦେଇଥିଲେ, ତାହା ସେ ସମୟରେ ଯୁବବର୍ଗଙ୍କ ମଧ୍ୟରେ ବିପୁଳ ଉତ୍ସାହ ସୃଷ୍ଟି କରିଥିଲା। ଆମ ସରକାର ଜନକୀ ବାବୁଙ୍କ ସ୍ୱପ୍ନକୁ ପୂରଣ କରିବାକୁ ଯାଉଛି। ପୁଣିଥରେ ରାଜ୍ୟରେ ଶିଳ୍ପ ବିପ୍ଳବ ପୁନର୍ଜୀବୀତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଆହୁରି କହିଥିଲେ ଯେ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ବହୁବିଧ କାର୍ଯ୍ୟ କରି ସେ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ପାଇଁ ସକ୍ରିୟ ଯୋଗଦାନ କରିଛନ୍ତି। ତାଙ୍କ ପରି ଧୈର୍ଯ୍ୟ, ଯଥାର୍ଥ ସାଙ୍ଗଠନିକ ଦକ୍ଷତା, ନିଷ୍ଠା, ଜନସେବକ ଭୂମିକାକୁ ଅବ୍ୟାହତ ରଖିପାରିଲେ ଜଣେ ନେତୃତ୍ୱକୁ ଦୀର୍ଘଜୀବୀ କରିପାରିବା ବୋଲି ଜାନକୀବଲ୍ଲଭ ପ୍ରମାଣ କରିଯାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ବରିଷ୍ଠ କଂଗ୍ରେସ ନେତା ତଥା ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶତବାର୍ଷିକୀ କମିଟିର ଅଧ୍ୟକ୍ଷ ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ ଜାନକୀବାବୁ ଓଡ଼ିଆ ଅସ୍ମିତାର ପଥ ପ୍ରଦର୍ଶକ ଥିଲେ। ଜାନକୀ ବାବୁ ପ୍ରଥମ ମୁଖ୍ୟମନ୍ତ୍ରୀ ଯିଏ ଓଡ଼ିଶାରେ ସ୍ଥିର ଶାସନ ଦେଇପାରିଥିଲେ। ଏଥିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବୀରପ୍ପା ମୋଇଲି, ସାଂସଦ ରଣଦୀପ ସୂର୍ଜେୱାଲା, ସପ୍ତଗିରି ଉଲ୍ଲାକା, ଏଆଇସିସି ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ କଂଗ୍ରେସ ବିଧାୟକ ଦଳନେତା ନରସିଂହ ମିଶ୍ର, ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର ହରେକୃଷ୍ଣ ଶତପଥୀ ପ୍ରମୁଖ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ।

## ଜାନକୀ ବାବୁଙ୍କ ଜୀବନ ସାହିତ୍ୟ, ସଂସ୍କୃତି ଓ ରାଜନୀତିର ତ୍ରିବେଣୀ ସଙ୍ଗମ: ନବୀନ



ଭୁବନେଶ୍ୱର, ୩।୧ (ଓମିସ): ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଯୋଗଦେଇ ବିଶିଷ୍ଟ ଜନନେତା ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଛନ୍ତି।

ନବୀନ କହିଛନ୍ତି, "ଜାନକୀବାବୁଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ତାଙ୍କର ଅମର ଆତ୍ମା ପ୍ରତି ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛି। ସେ ୬୦ ବର୍ଷରୁ ଅଧିକ ସମୟ ଧରି ଓଡ଼ିଶାର ଜନଜୀବନ ସହ ଜଡ଼ିତ ଥିଲେ। ଜଣେ ଛାତ୍ର ନେତା, ସାମ୍ବାଦିକ, ଲେଖକ ଓ ରାଜନୀତିଜ୍ଞ ଭାବେ ଓଡ଼ିଶା ଇତିହାସରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖି ଯାଇଛନ୍ତି। ତାଙ୍କର ଜୀବନ ସାହିତ୍ୟ, ସଂସ୍କୃତି ଓ ରାଜନୀତିର ତ୍ରିବେଣୀ ସଙ୍ଗମ ଥିଲା। ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ତାଙ୍କର ଗଭୀର ଅନୁରାଗ ଥିଲା। ସଂସ୍କୃତ ଭାଷା ଓ ସାହିତ୍ୟରେ ତାଙ୍କର ବିଶେଷ ଦକ୍ଷତା ଥିଲା। ଦୀର୍ଘ ୧୪ ବର୍ଷ ଜାନକୀ ବାବୁ ମୁଖ୍ୟମନ୍ତ୍ରୀ ଭାବରେ ଓଡ଼ିଶାର ସେବା କରିଛନ୍ତି। କୃଷି, ଜଳସେଚନ, ଭିତ୍ତିଭୂମି, ଶିକ୍ଷା ଓ ଆଇଟି କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ଥିଲା। ମୁଁ ମୁଖ୍ୟମନ୍ତ୍ରୀ ଥିଲା ବେଳେ ଜାନକୀ ବାବୁ ୨୦୦୪ରୁ ୨୦୦୯ ଯାଏଁ ବିଧାନସଭାରେ ବିରୋଧୀ ଦଳ ନେତା ଥିଲେ। ବିରୋଧୀ ଦଳ ନେତା ଭାବରେ ବିଧାନସଭାରେ ବିଭିନ୍ନ ପ୍ରସଙ୍ଗରେ ତାଙ୍କର ଗଭୀର ବିଶ୍ଳେଷଣ ଏବଂ ସୁଚିନ୍ତିତ ମତାମତ ଉପସ୍ଥାପନ ରାଜ୍ୟର ସାମାଜିକ, ରାଜନୈତିକ ତଥା ଅର୍ଥନୈତିକ ଦୃଶ୍ୟପଟ୍ଟ ପ୍ରତି ତାଙ୍କର ଗଭୀର ଜ୍ଞାନକୁ ପ୍ରତିଫଳିତ କରୁଥିଲା। ସାଂଗଠନିକ ଦକ୍ଷତା ଓ ଧୈର୍ଯ୍ୟ ତାଙ୍କର ବଡ଼ ଶକ୍ତି ଥିଲା। ମୁଁ ପୁଣିଥରେ ଜାନକୀ ବାବୁଙ୍କ ପ୍ରତି ଗଭୀର ଶ୍ରଦ୍ଧା ନିବେଦନ ସହ ଶତବାର୍ଷିକୀ କମିଟିର ଉଦ୍ୟମ ପାଇଁ ସାଧୁବାଦ ଜଣାଉଛି।"

### ଓସିଏସ୍ ପରୀକ୍ଷାରେ ଓଏଏସ୍, ଓଏଫ୍ଏସ୍, ଓଆରଏସ ପଦ ନ ରହିବା ପ୍ରସଙ୍ଗ

# ସରକାରଙ୍କ ଅପାରଗପଣିଆ ଶିଖର ଛୁଇଁଲାଣି: ବିଜେଡି

ଭୁବନେଶ୍ୱର, ୩।୧(ସମିସ): ଓସିଏସ୍ ପରୀକ୍ଷା ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ଓଏଏସ୍, ଓଏଫ୍ଏସ୍ ଏବଂ ଓଆର୍ଏସ୍ ପଦ ନ ରହିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ। ଶନିବାର ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ କହିଛନ୍ତି, ରାଜ୍ୟରେ ଏକ ଅପାରଗ ସରକାର ଚାଲିଛି। ତେଣୁ, ବାରମ୍ବାର ଏହିଭଳି ତ୍ରୁଟି ବିଚ୍ୟୁତି ନିୟମିତ ଭାବେ ଦେଖିବାକୁ ମିଳୁଛି।

ନବୀନ ସରକାରଙ୍କ ୨୪ ବର୍ଷର ଶାସନରେ ପ୍ରତିବର୍ଷ ଓଏଏସ୍, ଓଏଫ୍ଏସ୍ ଏବଂ ଓଆର୍ଏସ୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଉଥିଲା। ପ୍ରଥମଥର ପାଇଁ ଏହି ପଦ ବିନା ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ଅପାରଗପଣିଆ ଶିଖର ଛୁଇଁଲାଣି। ଗତ ୧୮ ମାସର ବିଜେପି ଶାସନରେ ୨୦ଟି ପରୀକ୍ଷାରେ ବିଭ୍ରାଟ ଦେଖିବାକୁ ମିଳିଲାଣି। ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ଜାତୀୟ ସ୍ତରରେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଚାକିରି ଆଶାୟୀମାନେ ହତାଶ ହୋଇପଡ଼ିଛନ୍ତି। ରାଜ୍ୟ ସରକାର ପରିସ୍ଥିତିରେ ସୁଧାର ଆଣିବା ପରିବର୍ତ୍ତେ ନିଜ ପିଠି ଥାପୁଡ଼ଉଛନ୍ତି। ସରକାର ରାଜ୍ୟର ମେଧାବୀ ଯୁବକମାନଙ୍କ ଭବିଷ୍ୟତ



ସହ ନ ଖେଳିବାକୁ ଚିନ୍ମୟ ଚେତାବନୀ ଦେଇଛନ୍ତି। ଓଏଏସ୍, ଓଏଫ୍ଏସ୍ ଏବଂ ଓଆରଏସ୍ ପଦ ବାହାର ନ କରିବା ରାଜ୍ୟ ସରକାରଙ୍କ ବିଫଳତାକୁ ପଦାରେ ପକାଉଛି। ସାଧାରଣ ପ୍ରଶାସନ ବିଭାଗର ଏହି ବେପରୁଆ ମନୋଭାବ ପାଇଁ ଏବଂ ମୁଖ୍ୟମନ୍ତ୍ରୀ ଏହି ବିଭାଗର ଦାୟିତ୍ୱରେ ଥିବାରୁ ସେ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ସାହୁ ଦାବି କରିଛନ୍ତି।

ସେହିପରି ଇପ୍ସିତା କହିଛନ୍ତି, ତରବରିଆ ଭାବେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଏକ ପ୍ରେସ୍ ବିବୃତ୍ତି ଜାରି କରାଯାଇ ନିଯୁକ୍ତି ପ୍ରକ୍ରିୟାରେ ଏହି ପଦଗୁଡ଼ିକୁ ସାମିଲ କରିବା ପାଇଁ ଅନୁରୋଧ କରାଯାଇଛି ବୋଲି କୁହାଯାଇଛି। ମୁଖ୍ୟମନ୍ତ୍ରୀ କ'ଣ ଏତେ ଅସହାୟ ଯେ ତାଙ୍କୁ ଏହି ପଦ ସାମିଲ କରିବା ଲାଗି ଅନୁରୋଧ କରିବାକୁ ପଡୁଛି ବୋଲି ଇପ୍ସିତା ପ୍ରଶ୍ନ କରିଛନ୍ତି। ସେହିପରି ବିଜେପି ସରକାର ୪୦ ହଜାର ନିଯୁକ୍ତି ଦେଇଥିବା କହୁଥିବା ବେଳେ ବାସ୍ତବରେ ପରୀକ୍ଷା ବିଭ୍ରାଟ ଉତ୍କଟ ହୋଇଛି। ୨୦ଟି ନିଯୁକ୍ତି ପରୀକ୍ଷାରେ ବିଭ୍ରାଟ ହେବା ଦ୍ୱାରା ଆଶାୟୀଙ୍କ ମନୋବଳ ଭାଙ୍ଗିଯାଇଛି। ନବୀନ ସରକାରଙ୍କ ସମୟରେ ୧୭ ହଜାର ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଥିଲା ବେଳେ ବିଜେପି ସରକାର କେବଳ ନିଯୁକ୍ତିପତ୍ର ବାଣ୍ଟି ବାହାସ୍ଫୋଟ ମାରୁଛି ବୋଲି ସେ କଟାକ୍ଷ କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ

# ଓସିଏସ୍ ପରୀକ୍ଷାରେ ସାମିଲ ହେଲା ଓଏଏସ୍, ଓଆର୍ଏସ୍ ପଦ

ଭୁବନେଶ୍ୱର, ୩।୧ (ସମିସ): ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ପରୀକ୍ଷାରେ ସଂଯୋଗ ହୋଇଛି ଓଡ଼ିଶା ପ୍ରାଶାସନିକ ସେବା (ଓଏଏସ୍) ପଦ। ଗତ ୩୧ ତାରିଖରେ ଓସିଏସ୍ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ତହିଁରେ ଗୋଟିଏ ମଧ୍ୟ ଓଏଏସ୍ ପଦ ନଥିଲା। ଏପରିକି, ଓଏଫ୍ଏସ୍ ଓ ଓଆରଏସ୍ ପଦ ବାହାରି ନଥିଲା। ଏହାକୁ ନେଇ ଆଶାୟୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିରୋଧ କରାଯାଇଥିଲା। ଫଳରେ ଏସବୁ ପଦ ସମେତ ମୋଟ ୧୫୧ଟି ଅଧିକ ପଦ ପୂରଣ ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି)କୁ ସରକାର ଅବଗତ କରିଛନ୍ତି। ଓପିଏସସିର ପୂର୍ବ ବିଜ୍ଞପ୍ତିରେ ସମୁଦାୟ ୩୧୪ଟି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ଓଡିଶା ପ୍ରଶାସନିକ ସେବା(ଓଏଏସ୍), ଓଡ଼ିଶା ରାଜସ୍ୱ ସେବା(ଓଆରଏସ୍), ଓଡ଼ିଶା ପରିବହନ ସେବା(ଓଟିଏସ୍) ଓ ଓଡ଼ିଶା ମଙ୍ଗଳ ସେବା(ଓଡବ୍ଲ୍ୟୁଏସ୍) ଆଦି କେତେକ କ୍ୟାଡର୍‌ରେ ଆଦୌ ପଦ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ ଜାଣିବା ପରେ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଏହାର ସମୀକ୍ଷା କରିବା ସହ ଖାଲି ପଦ ପୂରଣ ପାଇଁ ନିର୍ଦ୍ଦେଶ ଦେଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ନୂତନ ଭାବେ ୧୪ଟି ଓଏଏସ୍, ୧୧୩ଟି ଓଆରଏସ୍, ୧୬ଟି ଓଟିଏସ୍ ଓ ୮ଟି ଓଡବ୍ଲ୍ୟୁଏସ୍ ପଦ ପୂରଣ ହେବ। ଅଧିକ ୧୫୧ଟି ପଦ ପୂରଣ କରିବା ପାଇଁ ଓପିଏସ୍‌ସିକୁ ସରକାର ଅନୁରୋଧ କରିଛନ୍ତି। ଅର୍ଥାତ ସମୁଦାୟ ୪୬୫ଟି ପଦ ପାଇଁ ନିଯୁକ୍ତି ପ୍ରକ୍ରିୟା କରାଯିବ।

**୧୫୧ଟି ନୂତନ ପଦ ପୂରଣ ପାଇଁ ଓପିଏସସିକୁ ଅନୁରୋଧ କଲେ ସରକାର**

### ■ ମହଙ୍ଗା ପଡ଼ିଲା ବାଲିମାଫିଆଙ୍କ ସହିତ ସମ୍ପର୍କ

# ଜିଲ୍ଲା ଖଣି ଅଧିକାରୀ ସତୀଶ ତରାଇ ନିଲମ୍ବିତ

ଜଗତସିଂହପୁର, ୩।୧ (ସମିସ): କର୍ତ୍ତବ୍ୟରେ ଅବହେଳା ଏବଂ ବାଲି ମାଫିଆଙ୍କ ସହ ସମ୍ପର୍କ ନେଇ ଜଗତସିଂହପୁର ଜିଲ୍ଲା ଖଣି ଅଧିକାରୀ ସତୀଶ କୁମାର ତରାଇଙ୍କୁ ନିଲମ୍ବନ କରିଛି ରାଜ୍ୟ ଇସ୍ପାତ ଓ ଖଣି ବିଭାଗ। ସୂଚନାନୁସାରେ, ୨୦୨୩ ଡିସେମ୍ବରରେ ଶ୍ରୀ ତରାଇ ଜଗତସିଂହପୁର ଜିଲ୍ଲାରେ ଖଣି ଅଧିକାରୀ ଭାବେ ନିଯୁକ୍ତି ପାଇଥିଲେ। ସେ ତାଙ୍କର ସରକାରୀ ଦାୟିତ୍ୱ ଏବଂ କର୍ତ୍ତବ୍ୟ ପାଳନରେ ଅବହେଳା କରୁଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଥିଲା। ଏହାକୁ ଆଧାର କରି ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ଶ୍ରୀ ତରାଇଙ୍କୁ ବାରମ୍ବାର ତାଗିଦ ସହ କୈଫିୟତ ତଲବ କରାଯାଇଥିଲା। ଶ୍ରୀ ତରାଇ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନଥିବା ବେଳେ ଜିଲ୍ଲାରେ ଚୋରା ବାଲି ଚାଲାଣକୁ ପ୍ରୋତ୍ସାହିତ କରୁଥିବା ପ୍ରଶାସନ ନଜରକୁ ଆସିଥିଲା। ତେଣୁ ଶ୍ରୀ ତରାଇଙ୍କ ଅକ୍ଟୋବର ଦରମା ବନ୍ଦ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଖଣି ବିଭାଗର ନିଷ୍କ୍ରିୟତା ଯୋଗୁଁ ବାଲିମାଫିଆ ସକ୍ରିୟ ହୋଇ ପଡ଼ିଥିଲେ। ଫଳରେ ଗତ ୨୦୨୪ ନଭେମ୍ବର ୨୫ ତାରିଖରେ ତିର୍ତ୍ତୋଲ ତହସିଲ ଅନ୍ତର୍ଗତ କିଳିପାଳ ବାଲିଘାଟରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ଜିଲ୍ଲାପାଳ ଜେ. ସୋନାଲ ଏବଂ ଏସ୍‌ପି ଅଙ୍କିତ କୁମାର ବର୍ମାଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା। ଚଢ଼ଉରେ ୪୬ଟି ହାଇୱା ଏବଂ ୩ଟି ଏକ୍ସାଭେଟର୍ ମେସିନ୍ ଜବତ ହୋଇଥିଲା। ଡିସେମ୍ବର ୧୧ରେ ଜୟପୁର ବାଲିଘାଟରେ ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇଙ୍କ ନେତୃତ୍ୱରେ ଚଢ଼ଉ କରାଯାଇ ୨୨ଟି ହାଇୱା ଏବଂ ୨ଟି ଏକ୍ସାଭେଟର୍ ଜବତ କରାଯାଇଥିଲା। ଏଥିରୁ ଖଣି ଅଧିକାରୀ ଶ୍ରୀ ତରାଇଙ୍କ ବିରୋଧରେ ହୋଇଥିବା ଅଭିଯୋଗରେ ସତ୍ୟତା ରହିଥିବା ଅନୁଭବ କରି ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ ତାଙ୍କ ବିରୋଧରେ ଜଗତସିଂହପୁର ଥାନାରେ ଏତଲା ଦେଇଥିଲେ।

# ରାଜନଗର ବିଡିଓଙ୍କୁ ବିଜେପି କର୍ମୀଙ୍କ ସଂଘବଦ୍ଧ ଆକ୍ରମଣ ଉଦ୍ୟମ

ରାଜନଗର, ୩।୧(ସମିସ): ରାଜନଗର ବ୍ଲକ୍ କାର୍ଯ୍ୟାଳୟରେ ବିଡିଓ ତିଳୋତ୍ତମା ପୃଷ୍ଟିଙ୍କୁ ୩୦ରୁ ଉର୍ଦ୍ଧ୍ୱ ବିଜେପି କର୍ମୀ ସଂଘବଦ୍ଧ ଆକ୍ରମଣ ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଛି। ଖୋଦ୍ ବିଜେପି ନେତା ତଥା ବିଜେପିର ସ୍ଥାନୀୟ ବିଧାୟକ ପ୍ରାର୍ଥୀ ଲଳିତ କୁମାର ବେହେରା ଓ ତାଙ୍କ ସମର୍ଥକମାନେ ସଂଘବଦ୍ଧ ଭାବେ ବିଡିଓଙ୍କୁ ଘେରିଯିବା ସହ ଲାପଟପ୍ ଉଠାଇ ମାରିବାକୁ ଉଦ୍ୟମ କରିଛନ୍ତି। ଖାଲି ସେତିକି ନୁହେଁ, ହତ୍ୟା ଧମକ ମଧ୍ୟ ଦେଇଛନ୍ତି। ଏନେଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ସନ୍ଧ୍ୟାରେ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ରାଜନଗରରେ ଉତ୍ତେଜନା ଲାଗି ରହିଛି। ଅପରପକ୍ଷେ, ଏହାର ପ୍ରତିବାଦରେ ଆଜି ସରପଞ୍ଚ ସଂଘ ସଭାପତି ଆଶୋକ କୁମାର ମହାନ୍ତିଙ୍କ ନେତୃତ୍ୱରେ ସରପଞ୍ଚ, ସମିତି ସଭ୍ୟମାନେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ବ୍ଲକ କ୍ୟାମ୍ପସରୁ ଶୋଭାଯାତ୍ରାରେ ରାଜନଗର ବଜାର ପରିକ୍ରମା କରି ହଂସୁଆ ସେତୁ ନିକଟରେ ଟାୟାର ଜାଳି ରାସ୍ତାରୋକ କରିଥିଲେ। ମହିଳା ବିଡିଓଙ୍କୁ ଆକ୍ରମଣ ଉଦ୍ୟମ କରିଥିବା ବିଜେପି ନେତାଙ୍କୁ ଗିରଫ ଦାବିରେ ଆନ୍ଦୋଳନ ଜୋରଦାର ହୋଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ସ୍ଥିତି ଅଣାୟତ୍ତ ହେବାରୁ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ରାଜନଗର, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଓ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଛନ୍ତି। ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଏସପି ସୁଧାକର ସାହୁ, ଏସଡିପିଓ କ୍ଷମାସାଗର ପଣ୍ଡା ଉତ୍ତ୍ୟକ୍ତ ଜନତା ଓ ବିଜେଡି କର୍ମୀଙ୍କ ସହ ଆଲୋଚନା କରିଥିଲେ। ନିଶ୍ଚିନ୍ତ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକ ହଟିଥିଲା।



# ବଢ଼ିବ ବ୍ରହ୍ମପୁର, ଭୁବନେଶ୍ୱର ମହାନଗର ନିଗମର ପରିସୀମା

ଭୁବନେଶ୍ୱର,୩।୧(ସମିସ): ବଢ଼ିବ ରାଜ୍ୟର ଦୁଇ ମହାନଗର ନିଗମର ପରିସୀମା। ଭୁବନେଶ୍ୱର ମହାନଗର ନିଗମ ଏବଂ ବ୍ରହ୍ମପୁର ମହାନଗର ନିଗମରେ ଯୋଡ଼ିହେବେ ଏହାର ସୀମାବର୍ତ୍ତୀ ଗ୍ରାମ। ଏହାସହ ୱାର୍ଡ ସଂଖ୍ୟାରେ ବୃଦ୍ଧି ହେବ ବୋଲି ଅନୁମାନ କରାଯାଉଛି। ଭୁବନେଶ୍ୱର ମହାନଗର ନିଗମରେ ୨୬ଟି ଏବଂ ବ୍ରହ୍ମପୁର ମହାନଗର ନିଗମରେ ୩୪ ଗ୍ରାମକୁ ଅନ୍ତର୍ଭୁକ୍ତ କରାଯିବାର ପ୍ରସ୍ତାବ ରହିଛି। ଏ ସଂପର୍କରେ ସୂଚନା ଦେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଭୁବନେଶ୍ୱର ସହରକୁ ସବୁଜସୁନ୍ଦର ଓ ନାଗରିକକେନ୍ଦ୍ରିକ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ପରିମଳ, ଆଲୋକୀକରଣ, ଜଳଯୋଗାଣ, ସଫେଇ କାର୍ଯ୍ୟ ଆଦି ପାଇଁ ପଦକ୍ଷେପ ନିଆଯାଉଛି। ସେହିପରି ବୌଦ୍ଧଗଡ, ଆସ୍କା, ଭଞ୍ଜନଗର, ଛତ୍ରପୁର, କବିସୂର୍ଯ୍ୟନଗର, ପୋଲସରା ଓ କରଞ୍ଜିଆ ଆଦି ୭ଟି ଅଞ୍ଚଳକୁ ନୂତନ ପୌରପାଳିକା ଭାବେ ଘୋଷଣା କରାଯାଇଛି। ୩୧ ଡିସେମ୍ବର ୨୦୨୫ରେ ନୂଆ ୪ଟି ଏନ୍ଏସିକୁ ମିଶାଇ ସମୁଦାୟ ୨୮ଟି ଏନ୍ଏସି ମାନ୍ୟତା ପାଇଛି। ଏହି ସବୁ ଏନ୍ଏସିରେ ନୂତନ କାର୍ଯ୍ୟାଳୟ ସ୍ଥାପନ ପାଇଁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଯୋଜନା କରାଯାଉଛି। ଏଥିପାଇଁ ୬କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଏଥିସହ ପ୍ରତି ଏନ୍ଏସିକୁ ପରିମଳ, ଆଲୋକୀକରଣ ଏବଂ ସଫେଇ କାର୍ଯ୍ୟ ପାଇଁ ଦେଢ଼କୋଟି ଟଙ୍କା ଲେଖାଏଁ ଅର୍ଥରାଶି ମଞ୍ଜୁର କରାଯାଇଥିବା ମନ୍ତ୍ରୀ କହିଛନ୍ତି। ଖାରବେଳ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଡା. ମହାପାତ୍ର କହିଛନ୍ତି, ସରକାର ପୁରୀକୁ ଷଷ୍ଠ ମହାନଗର ନିଗମ ଭାବେ ଘୋଷଣା କରିଛନ୍ତି। ଏହାଦ୍ୱାରା ପୁରୀ ସହରର ଭିତ୍ତିଭୂମି ବିକାଶ ପାଇଁ ଅଧିକ ପାଣ୍ଠି ମିଳିବ ଏବଂ ପରିମଳ ଓ ଅନ୍ୟାନ୍ୟ ସେବାରେ ଉନ୍ନତି ଆସିବ।

# ଜିଲ୍ଲାସ୍ତରୀୟ ଅମଲା କ୍ୟାଡରର ହେବ ପୁନର୍ଗଠନ

ଭୁବନେଶ୍ୱର,୩।୧(ସମିସ): ଜିଲ୍ଲାସ୍ତରରେ ବିଭିନ୍ନ ବିଭାଗ ଅଧୀନରେ କାର୍ଯ୍ୟରତ ଅମଲାମାନଙ୍କର କ୍ୟଡାର ପୁନର୍ଗଠନ ହେବ। ଏଥିପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ସାଧାରପଣ ପ୍ରଶାସନ ବିଭାଗ ପକ୍ଷରୁ ସମସ୍ତ ବିଭାଗୀୟ ମୁଖ୍ୟ, ଆରଡିସି ଏବଂ ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଏହି କ୍ୟାଡର ପୁନର୍ଗଠନ ପ୍ରକ୍ରିୟା ୨ ମାସ ମଧ୍ୟରେ ସାରିବାକୁ କୁହାଯାଇଛି। ଅପରପକ୍ଷେ ଯେଉଁ ବିଭାଗ ଏଯାବତ୍ କ୍ୟାଡର ପୁନର୍ଗଠନ କରିନାହାନ୍ତି, ସେହି ବିଭାଗର କର୍ମଚାରୀମାନେ ମଧ୍ୟ ପଦୋନ୍ନତି ପାଇଁ ବିବେଚିତ ହେବେ। ପୁନର୍ଗଠିତ କ୍ୟାଡର ନିୟମାବଳୀ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ପଦୋନ୍ନତି କମିଟି(ଡିପିସି)ର ସୁପାରିଶ ଆଧାରରେ ଜିଲ୍ଲା ସ୍ତରୀୟ ଅମଲା କ୍ୟାଡର ନିୟମାବଳୀ, ୨୦୧୯କୁ ଭିତ୍ତିକରି କର୍ମଚାରୀଙ୍କ ପଦୋନ୍ନତି ପ୍ରକ୍ରିୟା ସମ୍ପାଦିତ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ ଯେ ଜିଲ୍ଲା ସ୍ତରରେ କାର୍ଯ୍ୟରତ ଅମଲାମାନଙ୍କର ପଦବୀ ପୁନର୍ଗଠନ ପାଇଁ ରାଜ୍ୟ ସରକାର ୨୦୨୪ ମସିହା ମାର୍ଚ୍ଚ ୧୫ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରଠାରୁ ଦୀର୍ଘ ଦିନ ଧରି ଅମଲାମାନଙ୍କ ପଦୋନ୍ନତି ସ୍ଥଗିତ ହୋଇ ରହିଥିଲା। ଯଦ୍ୱାରା ଅନେକ ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ଅମଲାମାନଙ୍କର ପଦୋନ୍ନତି ସ୍ଥଗିତ ହୋଇ ରହିଥିବା ବେଳେ ଇତିମଧ୍ୟରେ ଅନେକ ଅମଲା ବିନା ପଦୋନ୍ନତିରେ ଅବସର ମଧ୍ୟ ଗ୍ରହଣ କରି ସାରିଛନ୍ତି। ଓଡ଼ିଶା ରାଜସ୍ୱ ଅମଲା ସଂଘର ନେତୃବୃନ୍ଦ ଏହି ବିଷୟରେ ଅନେକ ଥର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜସ୍ୱ ମନ୍ତ୍ରୀ ଏହି ଦାବିକୁ ବିଚାରକୁ ନେଇ ନୂଆ କ୍ୟାଡର ପୁନର୍ଗଠନ ହେବା ଯାଏଁ ପୁରୁଣା କ୍ୟାଡର ଆଧାରରେ ଯୋଗ୍ୟ କର୍ମଚାରୀଙ୍କ ପଦୋନ୍ନତି ପାଇଁ ସାଧାରଣ ପ୍ରଶାସନ ବିଭାଗ ସହ ଆଲୋଚନା କରିବେ ବୋଲି ଲିଖିତ ଭାବେ ପ୍ରତିଶ୍ରୁତି ପ୍ରଦାନ କରିବେ। ପରେ ଗତ ଡିସେମ୍ବର ୧୨ ତାରିଖରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ବୈଠକର ଆୟୋଜନ ହୋଇଥିଲା। ବୈଠକରେ ରାଜ୍ୟ ସରକାରଙ୍କର ବରିଷ୍ଠ ଅଧିକାରୀଙ୍କ ସହ ଅମଲା ସଂଘ ନେତୃବୃନ୍ଦ ଉପସ୍ଥିତ ରହି ଦାବି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଶେଷକରି ଜିଲ ସ୍ତରୀୟ କାର୍ଯ୍ୟରତ ଅମଲା ମାନଙ୍କର ପଦବୀ ପୁନର୍ଗଠନ, ଦରମାରେ ଥିବା ଅସଙ୍ଗତି ବିଶଷକରି ଗତ ଅଗଷ୍ଟ ୧୧ରୁ ୨୫ ତାରିଖ ମଧ୍ୟରେ ହୋଇଥିବା ଆନ୍ଦୋଳନ ସମୟର ବନ୍ଦ ହୋଇଥିବା ଦରମା ପ୍ରଦାନ କରିବା ସକାଶେ ଆଲୋଚନା ହୋଇଥିଲା। ଏହି ବୈଠକ ପରେ ଗତ ଶୁକ୍ରବାର କ୍ୟାଡର ପୁନର୍ଗଠନ ସହ ସ୍ଥଗିତ ଥିବା ଦରମା ଏବଂ ଦୀର୍ଘ ଦିନ ସ୍ଥଗିତ ଥିବା ଅମଲାମାନଙ୍କର ପଦୋନ୍ନତିକୁ ବିଚାରକୁ ନେବା ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଚିଠି ୧ଠାରେ ନିର୍ଦ୍ଦେଶ ଦିଆଯାଇଛି। ସରକାର ଦାବିକୁ ଗ୍ରହଣ କରିଥିବାରୁ ଅମଲା ସଂଘର ସଭାପତି ତ୍ରିପତି ବାଲାଜୀ ସାହୁ ଏବଂ ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର କୃଥଜ୍ଞତା ଜଣାଇଛନ୍ତି।

**■ କ୍ୟାଡର ପୁନର୍ଗଠନ ନହେବା ଯାଏଁ ପଦୋନ୍ନତି ପାଇଁ ଯୋଗ୍ୟ ବିବେଚିତ ହେବେ କର୍ମଚାରୀ**

**■ ପୁରୁଣା ନିୟମ ଆଧାରରେ ହେବ ପଦୋନ୍ନତି, ସରକାରଙ୍କୁ ଧନ୍ୟବାଦ ଜଣାଇଲା ରାଜସ୍ୱ ଅମଲା ସଂଘ**



ପୌଷ ପୂର୍ଣ୍ଣମୀରେ 'ସୁପର୍ ମୁନ୍'

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-189 ◆SUNDAY ◆4 JANUARY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୧୮୯ ◆ରବିବାର ◆୪ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)


# ବେଆଇନ ପଥର ଖଣିରେ ବିସ୍ଫୋରଣ; ୪ ମୃତ

■ ଢେଙ୍କାନାଳ, ୩।୧(ସମିସ): ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ନିମିଧା ଗ୍ରାମ ନିକଟ ଏକ ବେଆଇନ କଳାମୁଗୁନି ପଥର ଖଣିରେ ବିସ୍ଫୋରଣ ଘଟି ଆଜି ୪ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୬ଜଣ ଗୁରୁତର ଆହତ ହୋଇଛନ୍ତି। ମୃତାହତମାନଙ୍କ ପରିଚୟ ମିଳିନାହିଁ। ପୁଲିସ ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ପଥର ତଳେ ଆଉ କିଛି ଶ୍ରମିକ ଚାପି ହୋଇ ରହିଥିବା ସନ୍ଦେହ କରାଯାଉଛି। ସେହିପରି, ରାତି ହୋଇଯିବାରୁ କେତେଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି, ତାହାର ସବିଶେଷ ତଥ୍ୟ ହସ୍ତଗତ ହୋଇପାରିନାହିଁ।

ସୂଚନାନୁଯାୟୀ, ନିମିଧା ଗ୍ରାମ ନିକଟରେ ମାନସ ରାଉତ ନାମକ ଜଣେ ବ୍ୟକ୍ତିଙ୍କ ଖଣିରେ ଶନିବାର ଅପରାହ୍ଣ ପ୍ରାୟ ୪ଟାରେ ପ୍ରାୟ ୨୦ ଶ୍ରମିକ କାର୍ଯ୍ୟରତ ଥିଲେ। ଏହି ସମୟରେ ଡିନାମାଇଟ୍ ବିସ୍ଫୋରଣ କରି ପଥର ଫଟାଯାଇଥିଲା। ଦୁର୍ଭାଗ୍ୟକୁ ସେଠାରେ କାର୍ଯ୍ୟରତ ଶ୍ରମିକମାନଙ୍କ ଉପରେ ବଡ଼ବଡ଼ ପଥରଖଣ୍ଡ ପଡ଼ିଥିଲା। ପଥର ତଳେ ଚାପି ହୋଇ ବହୁ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

ଗତ ଅଗଷ୍ଟ ମାସରୁ ପ୍ରଦୂଷଣ ବିଭାଗ ଏହି ଖଣିକୁ କ୍ଲୋଜର୍-ନୋଟିସ୍ ଜାରି କରିଥିଲା। କିନ୍ତୁ ଖଣି ମାଲିକ କିଛି ଅସାଧୁ କର୍ମଚାରୀଙ୍କୁ ହାତବାରିସି କରି ଏହି ଖଣିକୁ ବେଆଇନ ଭାବେ ଚଳାଉଥିବା ଜଣାପଡ଼ିଛି। ସେହିପରି, ଖଣି ନିକଟରେ ଥିବା ଏକ ଜଳାଶୟକୁ ଖଣି ମାଲିକ ଆବଦ୍ଧ କରି ଏହି ଜଳକୁ ନିଜ ଖଣିରେ ବ୍ୟବହାର କରୁଥିବା ଜଣାପଡ଼ିଛି। ଓଡ଼ାପଡ଼ା, ହିନ୍ଦୋଳ ତହସିଲ ଅଞ୍ଚଳରେ ୪୦୦ରୁ ଊର୍ଦ୍ଧ୍ୱ ବେଆଇନ ଖଣି ଚାଲୁଥିଲେ ମଧ୍ୟ ପ୍ରଶାସନ କିପରି ଜାଣିପାରୁନାହିଁ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖଣି ମାଫିଆମାନଙ୍କୁ ଜିଲ୍ଲା ଖଣି ଅଧିକାରୀ ଅହେତୁକ ଅନୁକମ୍ପା ସହିତ କୋଟି କୋଟି ଟଙ୍କା ଆଦାୟ କରି ଖଣି ଲୁଟ ପାଇଁ ଅନୁମତି ଦେଉଥିବାର ଅଭିଯୋଗ ହୋଇଛି।

ଢେଙ୍କାନାଳ ଜିଲ୍ଲାରେ ଖଣି ଖାଦାନ ଲୁଟ୍ ନେଇ ରୋଜାଲିନ୍ ପୃଷ୍ଟି ସୂଚନା ଅଧିକାର ଆଇନ ଅନୁସାରେ ତଥ୍ୟ ମାଗିଥିଲେ। ଏହାକୁ ନେଇ ତାଳଚେର ଖଣି ବିଭାଗ ଡେପୁଟି ନିର୍ଦ୍ଦେଶକଙ୍କ ସୂଚନା ଅନୁସାରେ ଜିଲ୍ଲାରେ ୨୭ ଜଣଙ୍କ ବ୍ଲାଷ୍ଟିଂ ଅନୁମତି ରହିଥିବା ବେଳେ ମାତ୍ର ଜଣକୁ ଅନୁମତି ପ୍ରଦାନ କରାଯାଇଛି। ସେହିପରି ୧୭ଜଣଙ୍କ ଆବେଦନ ଜିଲ୍ଲାପାଳଙ୍କ ନିକଟରେ ରହିଛି। ଲିଜ୍‌ଧାରୀମାନଙ୍କ ମଧ୍ୟରୁ ୧୯ଜଣଙ୍କୁ ଟ୍ରାଞ୍ଜିଟ୍ ପାସ୍ ଦିଆଯାଇଥିବା ବେଳେ ନିହଳପ୍ରସାଦ ମେଟାଲକ୍ୱାରୀ, ନହଡ଼ା ରୋଡ୍ ମେଟାଲ କ୍ୱାରୀ, ଟୋଲରପଶି ଖରି ଲିଜଧାରୀମାନଙ୍କ ନିକଟରେ ବିସ୍ଫୋରକ ଷ୍ଟୋରେଜ ଅନୁମତି ରହିଛି ଓ ଅନ୍ୟମାନଙ୍କର ଆବେଦନ ବିଚାରାଧୀନ ରହିଛି। ସବିଶେଷ ତଥ୍ୟ ମେ' ୩ ତାରିଖ ଅନୁସାରେ ୨୬ଟି କ୍ୱାରି ପାଇଁ ଖଣି ଅଧିକାରୀ ନିଜର ଆଇନକୁ ଉଲ୍ଲଙ୍ଘନ କରି କୋଟିକୋଟି ଟଙ୍କା ଆଦାୟ କରିଛନ୍ତି। ଏହାର ତଦନ୍ତ ସହିତ ତାଙ୍କ ବିରୁଦ୍ଧରେ ତଦନ୍ତ କରିବାକୁ ଦାବି ହୋଇଛି।



୬ ଗୁରୁତର; ପ୍ରଶାସନ, ପୁଲିସର ତଦନ୍ତ ଜାରି

## ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ

# ଟ୍ରମ୍ପ ସେନା କବଜାରେ ରାଷ୍ଟ୍ରପତି ନିକୋଲାସ


### ରାଷ୍ଟ୍ରପତି ଭବନରୁ ଦମ୍ପତିଙ୍କୁ ଉଠାଇଆଣିଲା ଆମେରିକୀୟ ସେନା

### ରୁଷର ତୀବ୍ର ପ୍ରତିବାଦ; ଦାବିକଲା ଜାତିସଂଘ ନିରାପତ୍ତା ପରିଷଦର ଜରୁରୀ ବୈଠକ

■ ୱାସିଂଟନ, ୩।୧ (ଏଜେନ୍ସି): ନୂଆବର୍ଷରେ ଭେନେଜୁଏଲା ଉପରେ ଆକ୍ରମଣ କରି ତାଙ୍କର ସାମରିକ ଅଭିଯାନ ଆରମ୍ଭ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଦ୍ୱିତୀୟ ଥର କ୍ଷମତାସୀନ ହେବାପରେ ଭେନେଜୁଏଲା ଉପରେ ବିଷ ଦୃଷ୍ଟି ପକାଇଥିବା ଟ୍ରମ୍ପ ଆଜି ଆକ୍ରମଣ କରି ନିଜର ଲକ୍ଷ୍ୟ ହାସଲ କରିଥିବା ଦାବି କରିଛନ୍ତି। ଆକ୍ରମଣ କରିବା ପରେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଡୁରୋ ଏବଂ ତାଙ୍କ ପତ୍ନୀଙ୍କୁ ନିଜ କବଜାର ରଖିଛନ୍ତି ଆମେରିକା ସେନା।

ତେବେ ନିକୋଲାସ ଦମ୍ପତିଙ୍କୁ କେଉଁଠି ରଖାଯାଇଛି, ତାହା ଜଣାପଡ଼ିନାହିଁ। ଆମେରିକାର ଏଭଳି ଆକ୍ରମଣର ତୀବ୍ର ନିନ୍ଦା କରିଛି ଭେନେଜୁଏଲା ଏବଂ ଅଭିଯୋଗ କରିଛି ଯେ ଜାତିସଂଘର ସମସ୍ତ ନୀତିନିୟମର ଉଲ୍ଲଂଘନ କରିଛନ୍ତି ରାଷ୍ଟ୍ରପତି ଟ୍ରମ୍ପ। ରୁଷ ମଧ୍ୟ ଏହାର ବିରୋଧ କରିବା ସହିତ ଜାତିସଂଘ ସୁରକ୍ଷା ପରିଷଦର ତୁରନ୍ତ ବୈଠକ ଡାକିବା ଲାଗି ଦାବି କରିଛି।

ମିଳିଥିବା ସୂଚନା ଅନୁଯାୟୀ ଆଜି ଭୋର ସମୟରେ ଆମେରିକାର ଯୁଦ୍ଧ ବିମାନ ଭେନେଜୁଏଲା ଉପରେ ଅଚାନକ ଆକ୍ରମଣ କରିବା ଆରମ୍ଭ କରିଦେଇଥିଲେ। ରାଜଧାନୀ କାରାକାସ ସମେତ ଦେଶର ବିଭିନ୍ନ ସାମରିକ ଓ ବେସାମରିକ ପ୍ରତିଷ୍ଠାନ ଉପରେ ପ୍ରଚଣ୍ଡ ବୋମାମାଡ଼



କରିଥିଲେ। ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳ ପ୍ରଚଣ୍ଡ ବିସ୍ଫୋରଣରେ ଥରି ଉଠିଥିଲା। ବିସ୍ଫୋରଣ ସହିତ ନିଆଁ ଓ ଧୂଆଁ ଯୋଗୁଁ ସମଗ୍ର ଅଞ୍ଚଳରେ ଆତଙ୍କଜନିତ ସ୍ଥିତି ସୃଷ୍ଟି ହୋଇଥିଲା। ଲୋକମାନେ ବିଛଣାରୁ ଉଠି ପ୍ରାଣ ବିକଳରେ ଏଣେତେଣେ ଦୌଡ଼ୁଥିବାର ଦେଖାଯାଇଥିଲା।

ଆକାଶମାର୍ଗରୁ ଯୁଦ୍ଧ ବିମାନ ବୋମା ବର୍ଷା କରୁଥିବା ବେଳେ ଆମେରିକାର ସ୍ଥଳ ସେନା (ଡେଲଟା ଫୋର୍ସ) ରାଜଧାନୀରେ ପଶି ଅପରେସନ ଆରମ୍ଭ କରିଥିଲେ। ସେମାନେ ରାଷ୍ଟ୍ରପତି ଭବନରେ ପଶି ରାଷ୍ଟ୍ରପତି ନିକୋଲାସ ଏବଂ ତାଙ୍କ ପତ୍ନୀଙ୍କୁ ଧରିଥିଲେ। ତେବେ କିଛି ଘଣ୍ଟା ମଧ୍ୟରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ଶେଷ ହୋଇଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାରେ ମୃତାହତ ସଂପର୍କରେ କିଛି କୁହାଯାଇ ନାହିଁ। ଆଉ ଏକ ସୂତ୍ରରୁ ପ୍ରକାଶ ଯେ ରାଷ୍ଟ୍ରପତି ନିକୋଲାସ ବଙ୍କର ଭିତରେ ଲୁଚିଥିବା ବେଳେ ଆମେରିକାର ସେନା ତାଙ୍କୁ ଧରିଥିଲେ। ଆମେରିକା ସେନା ନିକୋଲାସ ଦଂପତିଙ୍କୁ କବଜା କରିଥିବା ଟ୍ରମ୍ପ ତାଙ୍କ ସାମାଜିକ ଗଣମାଧ୍ୟମ 'ଟ୍ରୁଥ୍ ସୋସିଆଲ'ରେ ସୂଚନା ଦେଇଥିଲେ। ଏସଂପର୍କରେ ପରବର୍ତ୍ତୀ ସମୟରେ ବିସ୍ତୃତ ବିବରଣୀ ଦିଆଯିବ ବୋଲି କହିଥିଲେ। କିନ୍ତୁ ନିକୋଲାସଙ୍କୁ କେଉଁଠି ରଖାଯାଇଛି, ତାହା ସେ ଜଣାଇନଥିଲେ। କେବଳ ଏତିକି ସେ ଉଲ୍ଲଖ କରିଥିଲେ ଯେ ଆମେରିକା ସେନା ଭେନେଜୁଏଲା ଉପରେ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହାର ରାଷ୍ଟ୍ରପତି ଓ ତାଙ୍କର ପତ୍ନୀଙ୍କୁ କବଜା କରିଛି। ସେମାନଙ୍କୁ ବିମାନ ଯୋଗେ ଦେଶ ବାହାରକୁ ନିଆଯାଇଛି। ଏହାପରେ ରାଷ୍ଟ୍ରପତିଙ୍କ ମୁଖପାତ୍ର କେବଳ ଏତିକି କହିଥିଲେ ଯେ ନିକୋଲାସଙ୍କ ବିରୋଧରେ ଡ୍ରଗ୍ସ ଓ ନାରକୋଟିକ୍ ଆତଙ୍କବାଦ ମାମଲାର ବିଚାର କରାଯିବ। ସୂଚନାଯୋଗ୍ୟ ଯେ ଟ୍ରମ୍ପ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରେ ଭେନେଜୁଏଲା ଉପରେ ବିଷ ଦୃଷ୍ଟି ପକାଇଥିଲେ। ତାଙ୍କ ଟାର୍ଗେଟରେ ଥିଲେ ରାଷ୍ଟ୍ରପତି ନିକୋଲାସ। ଟ୍ରମ୍ପ ଅଭିଯୋଗ କରିଥିଲେ ଯେ ନିକୋଲାସ ଡ୍ରଗ୍ସ କାରବାର ଚଳାଇଛନ୍ତି ଏବଂ ସେ ବିଶ୍ୱ ପ୍ରତି ଡ୍ରଗ୍ସ ଆତଙ୍କ ସୃଷ୍ଟି କରୁଛନ୍ତି। ଆଉ ଏକ ଅଭିଯୋଗ ଥିଲା ଯେ ଭେନେଜୁଏଲା ରାଷ୍ଟ୍ରପତି ଲକ୍ଷ ଲକ୍ଷ ଲୋକଙ୍କୁ ଆମେରିକା ଭିତରକୁ ବେଆଇନ ଭାବେ ପଠାଉଛନ୍ତି। ୨୦୧୩ ପରେ ଆମେରିକା ଭିତରକୁ ୨୦ ଲକ୍ଷରୁ ଅଧିକ ଭେନେଜୁଏଲା ନାଗରିକ ବେଆଇନ ଭାବେ ପଶି ଆସିଛନ୍ତି। ନିକୋଲାସଙ୍କ ଯୋଗୁଁ ଆମେରିକାରେ ▶ପୃଷ୍ଠା-୭

## କଂସ ବଧ; ମଥୁରା ଆଶ୍ୱସ୍ତ



■ ମଥୁରା ନଗରୀ, ୩।୧ (ସମିସ): ଦଇବ ଲିଖନ କେ କରିବ ଆନ। ଯାହାଙ୍କୁ ମାରିବା ପାଇଁ ଏତେ ଆୟୋଜନ, ଏତେ କୂଟକପଟ; ତାଙ୍କର ଉପସ୍ଥିତି କ୍ଷଣେ ସବୁକିଛି ଓଲଟ ପାଲଟ ହୋଇଗଲା। ଭଣଜାଙ୍କୁ ମାରିବା ପାଇଁ ଧନୁଯାତ୍ରାର ଆୟୋଜନ କରିଥିବା ତ୍ରିପୁର ବିଜୟୀ ମହାପ୍ରତାପୀ କଂସ କୃଷ୍ଣ-ବଳରାମଙ୍କୁ ଦେଖିବା ମାତ୍ରକେ ମଞ୍ଚ ଉପରେ ଟଳିପଡ଼ିଲେ।

ଦୁରାଚାରୀ ମହାରାଜ କଂସର ମୃତ୍ୟୁ ପରେ ମଥୁରା ନଗରୀରେ ଖେଳିଯାଇଛି ଆନନ୍ଦର ଲହରୀ। ଉତ୍ସବ ଓ ଆତସବାଜିରେ କମ୍ପି ଉଠିଛି ଭୀତଃତ୍ରସ୍ତ ଥିବା ମଥୁରାକଟକ। କଂସ ବଧ ପରେ ମଥୁରାନଗରୀ ଆଶ୍ୱସ୍ତ ହେବା ସହ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ କଂସର ଦୌରାତ୍ମ୍ୟରୁ ମୁକ୍ତ ହୋଇଛି।

**ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ**

**୧୧ ଦିନର ମୁକ୍ତାକାଶ ରଙ୍ଗମଞ୍ଚରେ ପଡ଼ିଲା ଯବନିକା**

କଂସର ମୃତ୍ୟୁ ପରେ ମଥୁରା ନରନାରୀଙ୍କ କଣ୍ଠରୁ ନିଃସୃତ ହୋଇଛି - "କଂସ ରାଜାର ବଂଶ ବୁଡୁ, କଂସ ମଲେ ଖାଏମା ଲଡୁ।" କଂସାସୁରଙ୍କ ମୃତ୍ୟୁରେ 'ଅସ୍ତି ଓ ପ୍ରାପ୍ତି'ଙ୍କ କାନ୍ଦଣା ଚାଲିଥିବା ସମୟରେ ଉପସ୍ଥିତ ନଗରବାସୀଙ୍କ ମଧ୍ୟରେ ଲଡୁ ବଣ୍ଟାଯାଇଛି। କୃଷ୍ଣ ଓ ବଳରାମ, ଉଗ୍ରସେନଙ୍କ ରାଜ୍ୟାଭିଷେକ କରି ମଥୁରାରେ ଶାନ୍ତି ପ୍ରତିଷ୍ଠା କରିବା ସହ ଦେବକୀ-ବସୁଦେବଙ୍କୁ କାରାମୁକ୍ତ କରିଛନ୍ତି। ଏଥିସହିତ ସମାପ୍ତ ହୋଇଛି ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ। ଦୀର୍ଘ ୧୧ ଦିନର ମୁକ୍ତାକାଶ ରଙ୍ଗମଞ୍ଚରେ ପଡ଼ିଛି ଯବନିକା।

## ପୁଣି ମୁଣ୍ଡ ନେଲା 'ଆମ ବସ୍'



ଟ୍ରାଫିକରେ ଛିଡା ହୋଇଥିବା ଅଟୋକୁ ପଛରୁ ପିଟିଲା; ଚାଳକ ମୃତ

■ ଭୁବନେଶ୍ୱର, ୩।୧ (ସମିସ): ରାଜଧାନୀରେ ପୁଣି ଏକ ମୁଣ୍ଡ ନେଇଛି 'ଆମ ବସ୍'। ଶନିବାର ସକାଳ ପ୍ରାୟ ୧୧ଟା ସମୟରେ ଭୁବନେଶ୍ୱର ରୁପାଲି ଛକ ଟ୍ରାଫିକ୍‌ରେ ଅଟକି ଥିବା ଏକ ଅଟୋକୁ ଆମ ବସ୍ ପଛପଟୁ ହଠାତ୍ ଆସି ଧକ୍କା ଦେଇଥିଲା। ଆଉ ଘଟିଗଲା ଭୟଙ୍କର ଦୁର୍ଘଟଣା। ଛିନ୍‌ଛତ୍ର ହୋଇଗଲା ଅଟୋ। ଘଟଣାସ୍ଥଳରେ ହିଁ ଅଟୋ ଚାଳକ ବିଷ୍ଣୁ ପାତ୍ରଙ୍କ ଜୀବନ ଚାଲିଯାଇଛି। ସୌଭାଗ୍ୟବଶତଃ ଅଟୋରେ ବସିଥିବା ୩ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ସେମାନଙ୍କ ମଧ୍ୟରୁ ନମିତା ପ୍ରଧାନ ଏବଂ ରଶ୍ମିତା ନାୟକ ଆହତ ହୋଇଛନ୍ତି। ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ପୁଲିସ ▶ପୃଷ୍ଠା-୭

## ସୁକୁମାରେ ଏନ୍‌କାଉଣ୍ଟର

# ଯବାନଙ୍କ ଗୁଳିରେ ଟଳିଲେ ୧୪ ମାଓବାଦୀ

■ ମାଲକାନଗିରି, ୩।୧(ସମିସ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାରେ ନୂଆବର୍ଷ ଆରମ୍ଭରୁ ମାଓ ସଂଗଠନକୁ ଏକ ଶକ୍ତ ଧକ୍କା ଲାଗିଛି। ଜିଲ୍ଲାର କୋଣ୍ଟା ଏବଂ କିଷ୍ଟାରାମ ଜଙ୍ଗଲରେ ଯବାନଙ୍କ ଏନ୍‌କାଉଣ୍ଟର୍‌ରେ ୧୪ ମାଓବାଦୀ ନିହତ ହୋଇଛନ୍ତି। ନିହତଙ୍କ ମଧ୍ୟରେ କୋଣ୍ଟା ଏରିଆ କମିଟିର ଡିଭିସିଏମ୍ ସଦସ୍ୟ ସଚିନ ମଙ୍ଗୁଡୁଙ୍କ ସମେତ ବହୁ କୁଖ୍ୟାତ ମାଓବାଦୀ ରହିଛନ୍ତି। ଏହାସହ ଘଟଣାସ୍ଥଳରୁ ଏକେ-୪୭, ଇନ୍‌ସାସ୍ ରାଇଫଲ୍ ଭଳି ବହୁ ଅତ୍ୟାଧୁନିକ ବନ୍ଧୁକ, ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ ହୋଇଛି। ସଂପୃକ୍ତ ଅଞ୍ଚଳରେ କମ୍ବିଂ ଅପରେସନ୍‌କୁ ଜୋରଦାର୍ କରାଯାଇଛି ବୋଲି ସୁକୁମା ଏସ୍‌ପି କିରଣ ଚୌହାନ କହିଛନ୍ତି।

ସୂଚନାନୁଯାୟୀ, କିଷ୍ଟାରାମ ଓ କୋଣ୍ଟା ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ନେଇ ବିଶେଷସୂତ୍ରରୁ ଯବାନଙ୍କୁ ଖବର ମିଳିଥିଲା। ମାଓବାଦୀମାନେ ବ୍ୟବହାର କରୁଥିବା



ମୋବାଇଲକୁ ଟ୍ରାକ୍ କରି ସୁରକ୍ଷା କର୍ମୀଙ୍କ ପକ୍ଷରୁ ଉକ୍ତ ଅଞ୍ଚଳରେ ତଲାସି ଅଭିଯାନ କରାଯାଇଥିଲା। ଡିଆରଜି, ସିଆର୍‌ପିଏଫ୍ ଯବାନଙ୍କ ସହ ସ୍ଥାନୀୟ ପୁଲିସ ପକ୍ଷରୁ କୋଣ୍ଟା ଜଙ୍ଗଲରେ ଗତରାତିରୁ ତଲାସି ଅଭିଯାନ ଜାରି ରହିଥିଲା। ଆଜି ସକାଳେ ▶ପୃଷ୍ଠା-୭

## ତେଲଙ୍ଗାନାରେ ୨୦ ମାଓବାଦୀଙ୍କ ଆତ୍ମସମର୍ପଣ

■ ହାଇଦରାବାଦ, ୩।୧ (ଏଜେନ୍ସି): ଦେଶରେ ମାଓଗଡ଼ ଭୁଶୁଡିବାରେ ଲାଗିଛି। କେତେକ ସ୍ଥାନରେ ମାଓବାଦୀ ଏନ୍‌କାଉଣ୍ଟରରେ ମୃତ୍ୟୁବରଣ କରୁଥିବାବେଳେ ଆଉ କେଉଁଠାରେ ଆତ୍ମସମର୍ପଣ କରୁଛନ୍ତି। ସଦ୍ୟତମ ଘଟଣା ଭାବେ ହାଇଦରାବାଦ୍‌ରେ ଶନିବାର ୨୦ ଜଣ ହାର୍ଡକୋର ମାଓବାଦୀ ତେଲଙ୍ଗାନା ପୁଲିସ ମହାନିର୍ଦ୍ଦେଶକ ଶିବଧର ରେଡ୍ଡୀଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ନିଷିଦ୍ଧ ସିପିଆଇ ମାଓବାଦୀ ପିପୁଲ୍ସ ଲିବରେସନ ଗରିଲା ଆର୍ମି (ପିଏଲ୍‌ଜିଏ) ବାଟାଲିଅନ କମାଣ୍ଡର ସାମିଲ ଅଛନ୍ତି। ▶ପୃଷ୍ଠା-୭

## ତାମିଲନାଡୁ ଆଣିଲା 'ଆସ୍ୟୋର୍ଡ ପେନ୍‌ସନ ସ୍କିମ୍'

# ମିଳିବ ୫୦% ପେନ୍‌ସନ୍

■ ନୂଆଦିଲ୍ଲୀ, ୩।୧ (ଏଜେନ୍ସି): ତାମିଲନାଡୁ ସରକାର 'ଆସ୍ୟୋର୍ଡ ପେନ୍‌ସନ ସ୍କିମ' ତଥା ଟିଏନଏପିଏସ ଆଣିଛନ୍ତି। ଏହି ଯୋଜନାରେ କର୍ମଚାରୀଙ୍କ ୫୦ ପ୍ରତିଶତ ପେନ୍‌ସେନକୁ ସୁନିଶ୍ଚିତ କରାଯାଇଛି। ଲକ୍ଷ ଲକ୍ଷ ସରକାରୀ କର୍ମଚାରୀଙ୍କ ଅନିଶ୍ଚିତତାକୁ ସମାପ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ଏହି ପଦକ୍ଷେପ ନେଇଛନ୍ତି। ୨୦୦୩ ପରଠାରୁ ପୁରୁଣା ପେନସେନ ଯୋଜନା (ଓପିଏସ)କୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ କର୍ମଚାରୀମାନେ ସଂଘର୍ଷ କରୁଥିଲେ। ୨୦୦୩ ଏପ୍ରିଲ ୧ ପରେ ସରକାରୀ ସେବାରେ ସାମିଲ ହୋଇଥିବା କର୍ମଚାରୀଙ୍କୁ ଏହି ଯୋଜନାର ପ୍ରତ୍ୟକ୍ଷ ଲାଭ ମିଳିବ। ଏ ପର୍ଯ୍ୟନ୍ତ କର୍ମଚାରୀ 'କଣ୍ଟ୍ରିବ୍ୟୁଟାରୀ ପେନ୍‌ସନ ଯୋଜନା (ସିପିଏସ)'ରେ ସାମିଲ ହୋଇଥିଲେ। ଏଥିରେ ରିଟର୍ଣ୍ଣ ବଜାରର ହ୍ରାସବୃଦ୍ଧି ଉପରେ ନିର୍ଭର କରୁଥିଲା। ନୂଆ ▶ପୃଷ୍ଠା-୭

## ଥାନା ଆଗରେ ଯୁବକଙ୍କୁ ହତ୍ୟା

■ ତାଳଚେର ସହର, ୩।୧(ସମିସ): ବେକରେ ପେଚକସ୍ ପୂରାଇ ଯୁବକଙ୍କୁ ହତ୍ୟା। ତାଳଚେର ଥାନା ନିକଟରେ ଆଜି ଏପରି ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ତାଳଚେର ଟାଉନ୍ ଅଞ୍ଚଳର ସନ୍ତୋଷ ମହାପାତ୍ର। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ଚଗଲା ଅମାନ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ଚଗଲା କିଛି ଦିନ ତଳେ ସନ୍ତୋଷଙ୍କୁ ଏକ ଭୋଜିରେ ରୋଷେଇ କରିବାକୁ ଡାକି ନେଇଥିଲେ। ସେଠାରେ ଚଗଲାଙ୍କ ୭ ହଜାର ୨୦୦ ଟଙ୍କା ଚୋରି ହୋଇଯାଇଥିଲା। ଏହା ସନ୍ତୋଷର କାମ ବୋଲି ଚଗଲା ସନ୍ଦେହ କରି ତାକୁ ପାଟିତୁଣ୍ଡ କରିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଶନିବାର ପୁଣି ଉକ୍ତ ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ତାଳଚେର ଥାନା ନିକଟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଚଗଲା ଏକ ପେଚକସ୍‌ରେ ସନ୍ତୋଷଙ୍କ ବେକକୁ ଆକ୍ରମଣ କରିଥିଲା। ପୁଲିସ ସନ୍ତୋଷଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ମଣ୍ଡାପାଳ ▶ପୃଷ୍ଠା-୭

# ଭୁବନେଶ୍ୱର ବିମାନବନ୍ଦରରୁ ୮ କୋଟିର ମାରିଜୁଆନା ଜବତ

## ୭ ଦିନରେ ଜବତ ହେଲାଣି ୧୨ କୋଟିର ବ୍ୟାଙ୍ଗକକ୍ ନିଶା

■ ଭୁବନେଶ୍ୱର, ୩।୧ (ସମିସ): ପୁଣି ଭୁବନେଶ୍ୱର ବିମାନବନ୍ଦରରୁ ଜବତ ହେଲା ୮କୋଟି ଟଙ୍କାର ମାରିଜୁଆନା। ବିଶ୍ୱସ୍ତସୂତ୍ରରୁ ଖବର ପାଇ ଡାଇରେକ୍ଟୋରେଟ୍ ଅଫ୍ ରେଭେନ୍ୟୁ ଇଣ୍ଟେଲିଜେନ୍ସ (ଡିଆର୍‌ଆଇ) ଜଣେ ବିମାନଯାତ୍ରୀଙ୍କ ଠାରୁ ଏହି ମାରିଜୁଆନା ଜବତ କରିଛି। ଜବତ ମାରିଜୁଆନାର ପରିମାଣ ୮କେଜି ହେବ ବୋଲି ଜଣାପଡ଼ିଛି। ତେବେ ମହାରାଷ୍ଟ୍ରର ଏହି ଯାତ୍ରୀ ଜଣଙ୍କ ବ୍ୟାଙ୍ଗକକ୍‌ରୁ ମାରିଜୁଆନା ନେଇ ଆସୁଥିବା ଜଣାପଡ଼ିବା




ପରେ ସେ ଅନ୍ତର୍ଜାତୀୟ ନିଶା କାରବାର ର୍‍ୟାକେଟ୍‌ର ସଦସ୍ୟ ବୋଲି ଅନୁମାନ କରାଯାଉଛି। ଡିଆର୍‌ଆଇ ସମ୍ପୃକ୍ତ ବିମାନ ଯାତ୍ରୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ମାତ୍ର ୭ଦିନ ତଳେ ୪କୋଟିର ମାରିଜୁଆନା ଜବତ ହୋଇଥିଲା ବେଳେ ▶ପୃଷ୍ଠା-୭

### ବର୍ଷକରେ ରାଜ୍ୟକୁ ଆସିଲାଣି ୫୨କୋଟିର ମାରିଜୁଆନା

## ବ୍ରାଉନସୁଗର କାରବାରରେ ଆଇନ ଛାତ୍ର

■ ଭୁବନେଶ୍ୱର, ୩।୧ (ସମିସ): ବ୍ରାଉନସୁଗର ଡିଲ୍ ବେଳେ ଚଢ଼ଉ କରିଛି ଅବକାରୀ ବିଭାଗ। ଫରେଷ୍ଟ ପାର୍କ ଭିତରୁ ୩ ନିଶା ମାଫିଆଙ୍କୁ ଗିରଫ କରିବା ସହ ୨୬ ଲକ୍ଷ ଟଙ୍କାର ଧଳାଜହର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଇନ୍ ଛାତ୍ର ତଥା ଭିମଟାଙ୍ଗୀ ଅଞ୍ଚଳର ଦେବୀପ୍ରସାଦ ଦାସ (୩୦), ୟୁନିଟ୍ ୬ ଭୀମପୁର ଅଞ୍ଚଳର ସୁକାନ୍ତ ନାୟକ (୩୬) ଓ ଇନଫୋସିଟି ଥାନା ଅନ୍ତର୍ଗତ ଯାଆଁଳାର ସନ୍ତୋଷ ନାୟକ (୩୩)।



**୩ ଗିରଫ; ୨୬ ଲକ୍ଷର ଧଳାଜହର ଜବତ**

ଅବକାରୀ ବିଭାଗର ସୂଚନା ମୁତାବକ, ୟୁନିଟ୍ ୬ ଅଞ୍ଚଳରେ ବ୍ରାଉନସୁଗର ଡିଲ୍ ଚାଲିଥିବା ନେଇ ଭୁବନେଶ୍ୱର ଅବକାରୀ ବିଭାଗକୁ ଖବର ମିଳିଥିଲା। ବିଭାଗର ସ୍ୱତନ୍ତ୍ର ଟିମ୍ ଫରେଷ୍ଟ ପାର୍କ ଭିତରେ ଚଢ଼ଉ କରିଥିଲା। ସେଠାରୁ ଦେବୀପ୍ରସାଦ, ସୁକାନ୍ତ ଓ ସନ୍ତୋଷକୁ ଗିରଫ ▶ପୃଷ୍ଠା-୭

## କନ୍ୟା ସନ୍ତାନ ଓ ପରିବେଶ ସୁରକ୍ଷା ପାଇଁ ପ୍ରୟାସ

ଛେଣ୍ଡିପଦା,୩।୧(ସମିସ): ରାଜ୍ୟରେ ପୁଅଙ୍କ ତୁଳନାରେ ଦିନକୁ ଦିନ ହ୍ରାସ ହେଉଛି କନ୍ୟା ସନ୍ତାନଙ୍କ ସଂଖ୍ୟା। ଏଥିସହ ପ୍ରଦୂଷଣ ମାତ୍ରା ମଧ୍ୟ ବୃଦ୍ଧି ପାଉଛି। କନ୍ୟା ସନ୍ତାନ ସଂଖ୍ୟା ବୃଦ୍ଧି ଓ ପରିବେଶ ସୁରକ୍ଷା ପାଇଁ ନିଆରା ପ୍ରୟାସ କରିଛି ଛେଣ୍ଡିପଦା କ୍ରିସ୍ ହସ୍ପିଟାଲ। ହସ୍ପିଟାଲ ପରିଚାଳକ ଡା. କଲାକର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିଶୁ ବିଭାଗ ଡାକ୍ତର କୃଷ୍ଣପ୍ରସାଦ ବେହେରା ଯୋଗଦେଇ ନୂଆବର୍ଷରେ ହସ୍ପିଟାଲରେ ଜନ୍ମ ନେଇଥିବା ୫ଜଣ



କନ୍ୟା ସନ୍ତାନଙ୍କ ପିତାମାତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ସହ କନ୍ୟା ସନ୍ତାନ ବୃଦ୍ଧି ପାଇଁ ପରାମର୍ଶ ଦେଇଛନ୍ତି। ଏଥିସହ ଏକ ଆମ୍ବ ଚାରା ମଧ୍ୟ ପ୍ରଦାନ କରାଯାଇ ତାହାକୁ ରୋପଣ କରିବା ସହ ଯତ୍ନ ନେବାକୁ ପରାମର୍ଶ ଦିଆଯାଇଛି। କନ୍ୟା ସନ୍ତାନମାନଙ୍କୁ ଉପହାର ସ୍ୱରୂପ ନୂତନ ବସ୍ତ୍ର ମଧ୍ୟ ପ୍ରଦାନ କରାଯାଇଛି। ହସ୍ପିଟାଲର ଏହି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ବାଲ୍ୟ ବିବାହ ବିରୋଧୀ ବକ୍ତୃତା ପ୍ରତିଯୋଗିତା



କିଶୋରନଗର,୩।୧(ସମିସ): ବଇଣ୍ଡା ଜନତା ମହାବିଦ୍ୟାଳୟରେ ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ କାର୍ଯ୍ୟକ୍ରମ ଓ ତ୍ରିଧାର ସାହିତ୍ୟ ସଂସଦ ମିଳିତ ଉଦ୍ୟମରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଅତିଥି ଭାବେ ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ତ୍ରିଧାର ସାହିତ୍ୟ ସଂସଦ ସଭାପତି ରମେଶ ଚନ୍ଦ୍ର ମିଶ୍ର, ଜନତା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ଖମାରି, ଅଧ୍ୟାପକ ନିରଞ୍ଜନ ଦାସ, ଅଞ୍ଜନ ପ୍ରଧାନ ଯୋଗଦେଇଥିଲେ। ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରଛାତ୍ରୀମାନେ ବାଲ୍ୟ ବିବାହ ଓ ସମାଜ ଉପରେ ଏହାର ପ୍ରଭାବ ବିଷୟବସ୍ତୁ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ସଂକ୍ଷେପରେ ଉଦାହରଣ ଦେଇ ବାଲ୍ୟ ବିବାହର କୁପରିଣାମ ଓ ସମାଜ ଉପରେ ପଡୁଥିବା ଏହାର କୁପ୍ରଭାବ ବିଷୟରେ ଆଲୋଚନା କରିଥିଲେ। ତ୍ରିଧାର ସାହିତ୍ୟ ସଂସଦ ସଭାପତି ରମେଶ ଚନ୍ଦ୍ର ମିଶ୍ର ପିଲାମାନଙ୍କୁ ସମସ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ଓ ଅତିଥିମାନେ ବାଲ୍ୟ ବିବାହ ନିଷେଧ ପାଇଁ ଶପଥପାଠ କରିଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଆସନ୍ତା ଜାନୁଆରୀ ୧୮ ତାରିଖ ହେବାକୁ ଥିବା ତ୍ରିଧାର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ବିଶ୍ୱ ଯୁବକେନ୍ଦ୍ରର ସଂଯୋଜିକା ପୂଜା ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କ୍ଷେତ୍ର ଅଧିକାରୀ ଜ୍ୟୋସ୍ନିତା ପ୍ରଧାନ ସହଯୋଗ କରିଥିଲେ।

## ଅସହାୟଙ୍କୁ କମ୍ବଳ ବଣ୍ଟନ

କିଶୋରନଗର,୩।୧(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ମଇମୁରା ପଞ୍ଚାୟତ ପିତାଲିବାହାଲ, କାଳଚିକଟା, ମଇମୁରା, ଠାକୁରଗଡ଼ ପଞ୍ଚାୟତ ଠାକୁରଗଡ଼, ରାଣୀବନ୍ଧ ଆଦି ଗ୍ରାମରେ ୩୦ ଜଣ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ଓ ଟର୍ଚ୍ଚ ଲାଇଟ ବଣ୍ଟନ କରିଛନ୍ତି ସମାଜସେବୀ ସଞ୍ଜୟ ପ୍ରଧାନ। ଏଥିସହ ଧୁଡ଼ାଖୋଲ ଗ୍ରାମରେ ୫୦ ଶିଶୁଙ୍କ ପାଇଁ ନୂଆବର୍ଷରେ ବଣଭୋଜି ଆୟୋଜନ କରିଛନ୍ତି। ସଞ୍ଜୟ ୫ ବର୍ଷ ହେବ ଏପରି ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରୁଛନ୍ତି। ଆଗକୁ ଏମିତି ସେବାକାର୍ଯ୍ୟ ଜାରି ରଖିବେ ବୋଲି କହିଛନ୍ତି।

## ଜାତୀୟ ସଡ଼କ ସୁରକ୍ଷା ମାସ ଉପଲକ୍ଷେ ଗଣଦୌଡ଼

ଅନୁଗୋଳ,୩।୧(ସମିସ): 'ସଚେତନତାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ'ର ବାର୍ତ୍ତା ନେଇ ଜାତୀୟ ସଡ଼କ ସୁରକ୍ଷା ମାସ-୨୦୨୬ ଜାନୁଆରୀ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ପାଳନ ହେଉଛି। ଏହି ଉପଲକ୍ଷେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ଏକ ଗଣଦୌଡ଼ ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଅନୁଗୋଳ ଏସ୍‌ପି ରାହୁଲ ଜୈନ ଯୋଗଦେଇ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଶୈଳଶ୍ରୀକ୍ଷେତ୍ରଠାରୁ ଗଣଦୌଡ଼ ବାହାରି ସୂଚନା କେନ୍ଦ୍ର ଛକ, ବଜାର ଛକ, ରାଜା ଛକ, ଥାନା ଛକ ଦେଇ



ଷ୍ଟାଡିୟମଠାରେ ପହଞ୍ଚିଥିଲା। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ୍ ଧଳ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠଙ୍କ ସମେତ ପୁଲିସ କର୍ମଚାରୀ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସ୍ୱେଚ୍ଛାସେବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ସାମିଲ ହୋଇଥିଲେ।

## ଝୁଲନ୍ତା ମୃତଦେହ ଉଦ୍ଧାର

ଛେଣ୍ଡିପଦା,୩।୧(ସମିସ): ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା କଞ୍ଚାରାରୁ ଖମ୍ବେଶ୍ୱରୀ ଠାକୁରାଣୀଙ୍କ ପୀଠକୁ ସଂଯୋଗ କରୁଥିବା ରାସ୍ତା ପାଖର୍ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଜରଡ଼ା ଗାଁର ସୂର୍ଯ୍ୟକାନ୍ତ ସାହୁ। ମୃତଦେହ ଝୁଲୁଥିବା ଦେଖି ଶନିବାର ରାତି ପ୍ରାୟ ୮ଟାରେ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ତେବେ ମୃତ୍ୟୁର କାରଣ ଜଣାପଡ଼ିନାହିଁ।

### ମିଲର-ଚାଷୀ-ପାକ୍ସ ସମ୍ପାଦକଙ୍କ ସମନ୍ୱୟ ବୈଠକ

# ୭ରୁ ଧାନକିଣା; କଟନିଛଟନି ନେଇ ଉଦବେଗ

କିଶୋରନଗର,୩।୧(ସମିସ)

ଆଠମଲ୍ଲିକ ଉପଖଣ୍ଡରେ ଆସନ୍ତା ୭ ତାରିଖରୁ ପାକ୍ସ ମାଧ୍ୟମରେ ଧାନକିଣା ଆରମ୍ଭ ହେବାକୁ ଯାଉଛି। ଏ ନେଇ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଡାକବାଜି ଯନ୍ତ୍ର, ପ୍ରଚାରପତ୍ର ତଥା ପ୍ୟାକ୍ସଗୁଡ଼ିକରେ ବ୍ୟାନର ଲଗାଯାଇ ଲୋକଙ୍କୁ ସଚେତନ କରାଯାଉଛି। ଧାନକିଣା ଆରମ୍ଭ ପୂର୍ବରୁ ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ମିଲର, ଚାଷୀ ଓ ପାକ୍ସ ସମ୍ପାଦକଙ୍କୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ପୌରୋହିତ୍ୟ କରିଥିଲେ। ଆଠମଲ୍ଲିକ ଉପଖଣ୍ଡରେ ଥିବା ୨୪ଟି ପାକ୍ସର ସମ୍ପାଦକ, ୭ଟି ମିଲରଙ୍କ ପ୍ରତିନିଧି, ଆଠମଲ୍ଲିକ ଓ କିଶୋରନଗର ବ୍ଲକର ବହୁ ଅଗ୍ରଣୀ ଚାଷୀ ବୈଠକରେ ଯୋଗଦେଇଥିଲେ। ଗତବର୍ଷ ଉପଖଣ୍ଡରେ ଥିବା ୨୪ ପାକ୍ସ ମାଧ୍ୟମରେ ପ୍ରାୟ ୪ ଲକ୍ଷ ୯୦ ହଜାର କ୍ୱିଣ୍ଟାଲ ଧାନ କିଣା ହୋଇଥିବା ବେଳେ ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ ୭୦ ପ୍ରତିଶତ ଅନୁଯାୟୀ ୩ ଲକ୍ଷ ୪୩ ହଜାର କ୍ୱିଣ୍ଟାଲ ଧାନ କିଣିବା ପାଇଁ ସରକାର ଧାର୍ଯ୍ୟ କରିଥିବା ଉପଖଣ୍ଡ ଯୋଗାଣ ଅଧିକାରୀ ସତ୍ୟବ୍ରତ ସେଠୀ ସୂଚନା ଦେଇଥିଲେ। ଗତବର୍ଷ ଖରିଫ ଧାନକିଣା



ସମୟରେ ବିଭିନ୍ନ ପାକ୍ସରେ ଦେଖାଦେଇଥିବା ତ୍ରୁଟିବିଚ୍ୟୁତି ସମ୍ପର୍କରେ ଆଲୋଚନା ହୋଇଥିଲା। କେତେକ ପାକ୍ସରେ ହୋଇଥିବା କଟନିଛଟନି ଘଟଣା, ମିଲରମାନେ ଚାଷୀଙ୍କୁ ଅଖା ଫେରାଉ ନ ଥିବା ଅଭିଯୋଗ ହୋଇଥିଲା। ଚଳିତ ବର୍ଷ ଧଉପାଲ୍ଲୀ ସମିତିରେ ଶତାଧିକ ଚାଷୀଙ୍କ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ ହୋଇପାରି ନ ଥିବା ଚାଷୀ ହୃଦାନନ୍ଦ ପ୍ରଧାନ ଓ ରତ୍ନାକର ପ୍ରଧାନ ଅଭିଯୋଗ କରିଥିଲେ। ଏଫ୍‌ଏକ୍ୟୁ ମାନର ଧାନ ଆସିଲେ କଟନିଛଟନି କରାଯିବ ନାହିଁ ବୋଲି ମିଲରମାନେ କହିଥିଲେ। ଆର୍ଦ୍ରତା ଶୂନ୍ୟ ଧାନ ଯେପରି ପାକ୍ସକୁ ଆସିବ ସେଥି ପାଇଁ ଧାନ ଦେବାକୁ ଆରଏମ୍‌ସି ସମ୍ପାଦକ ଓ ସହକାରୀ ଜିଲ୍ଲା କୃଷି ଅଧିକାରୀଙ୍କୁ ଉପ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଧାନକିଣା ସମୟରେ ଚାଷୀଙ୍କ ଅଭିଯୋଗ ପାଇଲେ ଆଠମଲ୍ଲିକ ଓ କିଶୋରନଗର ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ଅଭିଯୋଗ ସମାଧାନ କରିବାକୁ ଉଭୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟେ ଚାଷୀ ଶୃଙ୍ଖଳା ଧାନ ମଣ୍ଡିରେ ଦେଲେ ବି ମିଲରମାନେ କଟନିଛଟନି କରିବା ସହ ଚାଷୀଙ୍କୁ ଅଖା ଫେରାଉ ନାହାନ୍ତି ବୋଲି ଆଇନଜୀବୀ ଅଞ୍ଜନ ପ୍ରଧାନ ଅଭିଯୋଗ ଉଠାଇଥିଲେ। ଚାଷୀଙ୍କୁ ଅଖା ଫେରାଇ ଦିଆଯିବ ବୋଲି ମିଲରମାନେ ବୈଠକରେ ପ୍ରକାଶ କରିଛନ୍ତି।

## ଚାଲାଣକୁ ନେଇ ଅସନ୍ତୋଷ; କମିଶନଙ୍କୁ ଅଭିଯୋଗ

ବଇଣ୍ଡା,୩।୧(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ଆମ୍ବସରମୁଣ୍ଡା ପଞ୍ଚାୟତ ଭୁଆଶୁଣିନାଳି ଗ୍ରାମର ଅକ୍ଷୟ କୁମାର ସାହୁଙ୍କର କାର୍ ଚାଲାଣକୁ ନେଇ ଅସନ୍ତୋଷ ଦେଖାଦେଇଛି। ତାଙ୍କ କାର୍‌ର ପଲ୍ୟୁସନ ସାର୍ଟିଫିକେଟ ନ ଥିବାରୁ ଜଟଣୀ ଗଙ୍ଗାପଡ଼ା ଟୋଲ ଗେଟରେ ୧୦ ହଜାର ଟଙ୍କାର ଚାଲାଣ କଟିଥିବା ମୋବାଇଲକୁ ମେସେଜ ଆସିଛି। ତେବେ ତାଙ୍କ କାର୍ (ଓଡି୦୨-ସିଏଚ୪୯୩୮) ଘରେ ଥିବା ବେଳେ ଉକ୍ତ ଟୋଲ ଗେଟରେ କିପରି ଚାଲାଣ କଟିଲା ସେ ନେଇ ସେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏ ନେଇ ଶନିବାର ସେ ରାଜ୍ୟ ପରିବହନ କମିଶନଙ୍କୁ ପତ୍ର ମଧ୍ୟମରେ ଅଭିଯୋଗ କରିଛନ୍ତି। ଟୋଲଗେଟଗୁଡ଼ିକରେ ବେଆଇନ ଭାବେ ଏଭଳି ଚାଲାଣ କଟାଯାଉଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ମହିଳାଙ୍କୁ ଠେଙ୍ଗାରେ ଆକ୍ରମଣ ଅଭିଯୋଗ

ବଇଣ୍ଡା,୩।୧(ସମିସ): ଅନୁଗୋଳ ଜିଲ୍ଲା କସ୍ତୁରୀବାହାଳ ଗ୍ରାମର ମମତା ରାଉଳଙ୍କୁ ସେହି ଗ୍ରାମର କରୁଣା ବାରିକ ଓ ତାଙ୍କ ସମ୍ପର୍କୀୟ ଠେଙ୍ଗାରେ ଆକ୍ରମଣ କରିଥିବା ଶୁକ୍ରବାର ମମତା କିଶୋରନଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ଶଶୁରଙ୍କ ନାମରେ ଥିବା ଜମିରେ ସେ ବାଡ଼ ଦେଉଥିଲେ। ଏହାକୁ କରୁଣା ବିରୋଧ କରିଥିଲେ। ପରେ ସମ୍ପର୍କୀୟଙ୍କ ସହ ମିଶି ତାଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ କରୁଣାଙ୍କ ସମ୍ପର୍କୀୟ କଣ୍ଡେଇ ବାରିକ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କୁ ବିନା କାରଣରେ ମମତା ରାଉଳ, ସନ୍ତୋଷ ରାଉଳ, ସୁପ୍ରିୟ ରାଉଳ ମାଡ଼ ମାରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ଆଉ ଏକ ମାମଲା ରୁଜୁ କରିଛି।

### ତାଳଚେର ଓ ଅନୁଗୋଳରେ ପ୍ରଦୂଷଣ ଉତ୍କଟ

## ନିର୍ଦ୍ଦେଶାବଳୀ ଜାରିକଲେ ଜିଲ୍ଲାପାଳ

ଅନୁଗୋଳ,୩।୧(ସମିସ): ତାଳଚେର ଓ ଅନୁଗୋଳରେ ପ୍ରଦୂଷଣ ଉତ୍କଟ। ତାଳଚେରର ଏକ୍ୟୁ ମାନ ଦିଲ୍ଲୀକୁ ଟପିଛି। ଯାହାକୁ ନେଇ ସବୁ ବର୍ଗରେ ଚିନ୍ତା ପ୍ରକଟ କରାଯାଇଥିବା ବେଳେ ତାଳଚେର ପୌର ଅଞ୍ଚଳରେ ବାୟୁ ପ୍ରଦୂଷଣ ବଢୁଥିବାରୁ ଅନୁଗୋଳ ଜିଲ୍ଲାପାଳ ଏକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରତିଦିନ ସନ୍ଧ୍ୟା ୬ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ସମସ୍ତ ନିର୍ମାଣ କାର୍ଯ୍ୟକଳାପ ସହିତ ଯେକୌଣସି ଭଙ୍ଗା କିମ୍ବା ମାଟି କାମକୁ ନିଷେଧ କରାଯାଇଛି। ପୌରପାଳିକାର ସମସ୍ତ ରାସ୍ତାରେ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ଏମସିଏଲ ପକ୍ଷରୁ ଦିନକୁ ଅତି କମରେ ୩ଥର ପାଣି ସିଞ୍ଚନ କରାଯିବ। ତାଳଚେର ସହର ଭିତରକୁ ଭାରୀଯାନ ପ୍ରବେଶ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଏପରିକି ଖୋଲାରେ ଅଳିଆ ପୋଡ଼ିବା, ଢାବାରେ କୋଇଲା ପୋଡ଼ିବା ଏବଂ ଯେକୌଣସି ସ୍ଥାନରେ ଖୋଲା ନିଆଁ ଲଗାଇବାକୁ ବାରଣ କରାଯାଇଛି। ଏଥିସହ ତାଳଚେରର ଉପଜିଲ୍ଲାପାଳ ଏବଂ ପରିବହନ ଅଧିକାରୀ ଦିନରେ ସମସ୍ତ କୋଇଲା ଏବଂ ପାଉଁଶ ଟ୍ରକ ଚଳାଚଳ ଉପରେ ମଧ୍ୟ ଅଲଗା କଟକଣା ଲଗାଇପାରିବେ। ୧୪୯ ନଂ ଜାତୀୟ ରାଜପଥରେ କୌଣସି ଟ୍ରକରେ ପାଲ ଘୋଡ଼ାଯାଇ ନ ଥିଲେ ଚଳାଚଳ କରିବାକୁ ଅନୁମତି ଦିଆଯିବ ନାହିଁ। ଜାତୀୟ ରାଜପଥ ପ୍ରାଧିକରଣ ପାଲଲହଡ଼ା ଜାତୀୟ ରାଜପଥ ଡିଭିଜନ ନିର୍ବାହୀ ଯନ୍ତ୍ରୀ ସେମାନଙ୍କ ସମସ୍ତ ନିର୍ମାଣ ସ୍ଥାନରେ ପାଣି ସିଞ୍ଚନ ନିଶ୍ଚିତ କରିବେ। ଏହି ଜରୁରୀକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଆଦେଶ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ (୨) ଅନୁଯାୟୀ ଏକ ପାକ୍ଷିକ ଭାବେ ଜାରି କରାଯାଇଛି। ଏହି ଆଦେଶ ୭ ଦିନ ପାଇଁ ବଳବତ୍ତର ରହିବ। ଆବଶ୍ୟକ ପଡ଼ିଲେ ଏହାକୁ ବୃଦ୍ଧି କରାଯିବ। ପୁଲିସ, ପୌରପାଳିକା, ସମସ୍ତ କାର୍ଯ୍ୟନିର୍ବାହୀ ଏଜେନ୍ସି ଏବଂ ପରିବହନ ସଂସ୍ଥା ଏହାକୁ କଡ଼ାକଡ଼ି ପାଳନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତାଳଚେରର ସବ-ଡିଭିଜନାଲ୍ ମାଜିଷ୍ଟ୍ରେଟ୍ ପ୍ରତିଦିନ ତଦାରଖ କରିବା ସହିତ ଦୈନିକ ରିପୋର୍ଟ ଦାଖଲ କରିବେ ବୋଲି କୁହାଯାଇଛି।

## ୧୬ ବୋମା ଜବତ, ଜଣେ ଶିକାରୀ ଗିରଫ

ଛେଣ୍ଡିପଦା,୩।୧(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନବିଭାଗ ଆଜି ସକାଳେ ୧୬ଟି ବୋମା ସହିତ ଜଣେ ଶିକାରୀକୁ ଗିରଫ କରିଛି। ଛେଣ୍ଡିପଦାରେଞ୍ଜ ଦୁର୍ଗାପୁର ସଂରକ୍ଷିତଜଙ୍ଗଲ ଭିତରୁ ବୋମା ବିଛାଇବା ଶିକାର କରିବା ପାଇଁ ଯାଉଥିବା ୫ ଜଣ ଶିକାରୀଙ୍କୁ ଦେଖି ବନ ବିଭାଗର ଛେଣ୍ଡିପଦା ରେଞ୍ଜର ଶୁଭ୍ରାସୁଚିସ୍ମିତା ସଦଳେବେଳେ ଜଙ୍ଗଲରେ ଚଢ଼ାଉ କରିଥଲେ। ବନ କର୍ମଚାରୀଙ୍କୁ ଦେଖି ୪ଜଣ ଶିକାରୀ ଜଙ୍ଗଲରେ ଫେରାର ହୋଇ ଯାଇଥିବା ବେଳେ ବନ କର୍ମଚାରୀ ମାନେ ଜରପଡ଼ା ଥାନା ଦୁର୍ଗାପୁର ଗ୍ରାମର କପିଳ ସେଠୀ ନାମକ ଜଣେ ଶିକାରୀକୁ ମାଡିବସିବା ସହ ଶିକାର ପାଇଁ ବ୍ୟବହାର କରିବାକୁ ରଖିଥିବା ୧୬ଟି ବୋମା ଜବତ କରିଥିଲେ। ବନବିଭାଗ କପିଳଙ୍କୁ ଗିରଫ କରିବା ସହିତ ବୋମାକୁ ଜବତ କରି ବନାଞ୍ଚଳ କାର୍ଯ୍ୟାଳୟକୁ ଆଣି ଛାନଭିନ ଚଳାଇଛି।

## ନିଟ୍ କୃତୀଛାତ୍ର ଓ ବୁଦ୍ଧିଜୀବୀଙ୍କୁ ସମ୍ବର୍ଦ୍ଧନା


କଣିହାଁ,୩।୧(ସମିସ): କଣିହାଁ ବ୍ଲକ କମରେଇ ପଞ୍ଚାୟତ ଦଣ୍ଡସିଂହା ଗୋପାଳସାହି ପକ୍ଷରୁ ପଞ୍ଚାୟତର ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା କୃତୀ ଛାତ୍ର ଓ ବୁଦ୍ଧିଜୀବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଦଣ୍ଡସିଂହା ଗ୍ରାମ ସଭାପତି ଜଳଧର ମହାନ୍ତି, ନାଏବ ସରପଞ୍ଚ ଆରତି ପରିଡ଼ା ଓ



ସାହିବାସିନ୍ଦାଙ୍କ ଉପସ୍ଥିତିରେ ସାହିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନିକଟରେ ନିଟ ପରୀକ୍ଷାରେ ସଫଳତା ହାସଲ କରିଥିବା ଦୁଇ ଛାତ୍ର ସୌମ୍ୟରଞ୍ଜନ ପରିଡ଼ା ଓ ବିକାଶ ରଞ୍ଜନ ପରିଡ଼ା, ବିଜେଡି ଅନୁଗୋଳ ଜିଲ୍ଲା ଉପସଭାପତି ଭାବେ ନିଯୁକ୍ତ ହୋଇଥିବା ସୁନୀଲ ପ୍ରଧାନ, ନୂତନ ଶିକ୍ଷକ ଭାବେ ନିଯୁକ୍ତ ତପନ ପରିଡ଼ାଙ୍କୁ ଫୁଲତୋଡ଼ା ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସାହିର ଗୁମାନି ପରିଡ଼ା, ନରେଶ ପରିଡ଼ା, ମହୁର ପରିଡ଼ା, ଦେବରାଜ ପରିଡ଼ା, ଗୁଣନିଧି ପରିଡ଼ା, ଗିରୀଶ ପରିଡ଼ା ପଦ୍ମଚରଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ୬୩ନଂ ରାଜ୍ୟ ରାଜପଥରେ କୋଇଲା ପରିବହନ ବନ୍ଦ ନେଇ ରାଷ୍ଟ୍ରପତିଙ୍କୁ ଦାବିପତ୍ର

ଛେଣ୍ଡିପଦା,୩।୧(ସମିସ): ଅନୁଗୋଳ-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥରେ କୋଇଲା ପରିବହନ ବନ୍ଦ କରିବା ପାଇଁ କୋଶଳା ଗ୍ରାମବାସୀ ରାଷ୍ଟ୍ରପତିଙ୍କ ଅଭିଯୋଗ ପୋର୍ଟାଲରେ ଅଭିଯୋଗ କରିଛନ୍ତି। ଏହି ରାଜ୍ୟ ରାଜପଥରେ କୋଇଲା ପରିବହନ ବନ୍ଦ କରାଯାଇ ଏକ ସ୍ୱତନ୍ତ୍ର ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ କେନ୍ଦ୍ର ଖଣିମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସାଂସଦ ଓ ଛେଣ୍ଡିପଦା ବିଧାୟକଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଏନେଇ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଗ୍ରାମକମିଟି ପକ୍ଷରୁ ରାଷ୍ଟ୍ରପତିଙ୍କ ନିକଟରେ ଅଭିଯୋଗ କରାଯାଇଛି। ଗ୍ରାମବାସୀଙ୍କ କହିବାନୁଯାୟୀ ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ବିଭିନ୍ନ କମ୍ପାନୀ ପକ୍ଷରୁ କୋଇଲା ଉତ୍ତୋଳନ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ କେତେକ କୋଇଲା ଖଣିରୁ ଟ୍ରକରେ ରାଜ୍ୟ ରାଜପଥ ଦେଇ କୋଇଲା ପରିବହନ ଜାରି ରହିଛି। କେତେକ କୋଇଲା ଖଣିରେ କୋଇଲା ଉତ୍ପାଦନ କରାଯାଉଥିଲେ ମଧ୍ୟ ଏଯାବତ କୋଇଲା ପରିବହନ ହୋଇପାରିନାହିଁ। ଏହି କୋଇଲା ପରିବହନ ପାଇଁ ଅନୁଗୋଳ-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥର କୋଶଳା ଦେଇ ଯିବାକୁ କମ୍ପାନୀ ମାନେ ମସୁଧା ଚଳାଇଥିବାବେଳେ ଏହାକୁ କୋଶଳା ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ଏହି ରାସ୍ତାରେ ଭାରୀଯାନ ଚଳାଚଳ କରିବା ଦ୍ୱାରା ଛକ ବଜାର ବିଦ୍ୟାଳୟ ଓ ମହାବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ଓ କାର୍ଯ୍ୟାଳୟକୁ ଯିବା ଆସିବା ସହ ମାତ୍ରାଧିକ ଧୂଳି ଉଡ଼ିବା ଯୋଗୁଁ ରାସ୍ତାରେ ଭିଡ଼ ଓ ଜାମ୍ ହେଉଛି। ଏବେଠାରୁ ଯାତାୟାତରେ ବହୁ ସମସ୍ୟା ଉପୁଜୁଛି ଏବଂ ଆଗକୁ ଆହୁରି ମଧ୍ୟ ଦେଖାଦେବ। ଉକ୍ତ ରାସ୍ତା ଦେଇ କିଛି କୋଇଲା ଖଣି କମ୍ପାନୀ ପକ୍ଷରୁ କୋଇଲା ପରିବହନ କରିବା ପାଇଁ ମସୁଧା ଚଳାଇଥିବା ବେଳେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିବା ପରେ ରାସ୍ତାରେ ଆଦୌ କୋଇଲା ପରିବହନ ହୋଇପାରିବ ନାହିଁ ବୋଲି ଜଣାପଡ଼ିଛି। ଏହି ରାସ୍ତାରେ ଭାରୀଯାନରେ କୋଇଲା ପରିବହନ କରାଗଲେ ଜନସାଧାରଣ ଗୁରୁତର ଭାବେ ପ୍ରଭାବିତ ହେବେ। ବାୟୁ ପ୍ରଦୂଷଣ ହୋଇ ଜନସାଧାରଣ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବେ। ଦୁର୍ଘଟଣା ବଢ଼ିବ, ଟ୍ରାଫିକ ଜାମ୍ ହେବ। ତେଣୁ ଉକ୍ତ ରାସ୍ତାରେ କୋଇଲା ପରିବନ ନ କରିବାକୁ ଗ୍ରାମବାସୀ ରାଷ୍ଟ୍ରପତିଙ୍କ ଅଭିଯୋଗ ପୋର୍ଟାଲରେ ଲିଖିତ ଅଭିଯୋଗ କରିଛନ୍ତି।
















# ବିଧାୟକଙ୍କ ଦ୍ୱିତୀୟ ଚିଲିକା ପର୍ଯ୍ୟଟନସ୍ଥଳୀ ପରିଦର୍ଶନ

ପାଲଲହଡ଼ା,୩।୧(ସମିସ)

ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ପ୍ରଶାସନିକ ଅଧିକାରୀମାନେ ଦ୍ୱିତୀୟ ଚିଲିକା ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିବା ସହ ଏକ ବୈଠକ କରିଛନ୍ତି। ବୈଠକରେ ପର୍ଯ୍ୟଟନସ୍ଥଳୀର ବିକାଶ ବିଷୟରେ ଆଲୋଚନା କରାଯାଇଥିଲା। ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ତହସିଲଦାର ଆକାଂକ୍ଷା ମହାପାତ୍ର, ବନ ବିଭାଗ ଅଧିକାରୀ, ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ, ବ୍ଲକ ସହକାରୀ ଯନ୍ତ୍ରୀ, ଲିଙ୍ଗରାଜ ଦାଶ, ତନ୍ମୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ପର୍ଯ୍ୟଟକଙ୍କ ସୁବିଧା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଟ୍ରାଫିକ ସମସ୍ୟା, ଶୌଚାଳୟ କାର୍ଯ୍ୟକ୍ଷମ, ପାନୀୟ ଜଳ ଯୋଗାଣ ଭଳି ମୁଖ୍ୟ ସମସ୍ୟାଗୁଡ଼ିକ



ସମ୍ପର୍କରେ ଆଲୋଚନା ହୋଇଥିଲା। ବିଧାୟକ ମହାନ୍ତି ଦ୍ୱିତୀୟ ଚିଲିକା ପରିସରରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଚିନ୍ତାବ୍ୟକ୍ତ କରିଥିଲେ। ଅପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ନୌକା ବିହାର ବେଳେ ଅସାବଧାନତା ଦେଖି ମଧ୍ୟ ଚିନ୍ତା ବ୍ୟକ୍ତ କରିଥିଲେ। ରୋମାଞ୍ଚକୁ କେବେ ମଧ୍ୟ ସୁରକ୍ଷାଠାରୁ ଉପରେ ରଖିବା ଉଚିତ୍ ନୁହେଁ। ଦ୍ୱିତୀୟ ଚିଲିକାର ଛବି କୌଣସି ପରିସ୍ଥିତିରେ ଖଣ୍ଡିତ ହେବା ଉଚିତ୍ ନୁହେଁ। ବୋଟ୍ ଚାଳକମାନେ ସମସ୍ତ ସୁରକ୍ଷା ନିୟମ ଅନୁସରଣ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଦ୍ୱିତୀୟ ଚିଲିକାରେ ଶିଶୁ ଉଦ୍ୟାନ ନିର୍ମାଣ, ପର୍ଯ୍ୟଟକଙ୍କ ସୁବିଧା ପାଇଁ ଆବଶ୍ୟକ ସମସ୍ତ ବ୍ୟବସ୍ଥା କରିବା, ସମଗ୍ର ଅଞ୍ଚଳର ସ୍ୱଚ୍ଛତା ଓ ନିୟମିତ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରାଇବା, ସୌର ପ୍ରକଳ୍ପ ସ୍ଥାପନ, ପର୍ଯ୍ୟଟନ ଋତୁ (ନଭେମ୍ବରରୁ ଫେବୃଆରୀ ପର୍ଯ୍ୟନ୍ତ) ସମୟରେ ଅସ୍ଥାୟୀ ପୁଲିସ୍ ବିଟ୍ ସ୍ଥାପନ କରି ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣ କରିବା, ପିଣ୍ଡି ନିର୍ମାଣ ଓ ପ୍ରବେଶ ପଥରେ ସ୍ୱାଗତ ତୋରଣ ନିର୍ମାଣ ଭଳି ପ୍ରସ୍ତାବଗୁଡ଼ିକ ଯଥାଶୀଘ୍ର କାର୍ଯ୍ୟକାରୀ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ।

## ଚୋରି ପରେ ଦୋକାନରେ ନିଆଁ ଲଗାଇଦେଲେ

● ବ୍ୟବସାୟୀଙ୍କ ମହଲରେ ଆତଙ୍କ

କେନ୍ଦ୍ରାପଡ଼ା,୩।୧(ସମିସ): କୁଜାଙ୍ଗଗରୀ ଥାନା କଜାବୁଦା ବାରେଣୀ ବଜାରରେ ବ୍ୟବସାୟୀ ସୁବାସ ମଲ୍ଲିକଙ୍କ ଦୋକାନ ଭିତରେ ପୋଡ଼ି ମାରିବା ଘଟଣା ମନରୁ ଲିଭି ନ ଥିବାବେଳେ ପୁଣି ଏକ ଭୟାବହ ଘଟଣା ପାଟକୁରା ଥାନା ପୁଦାଳ ହାଟରେ ଦେଖିବାକୁ ମିଳିଛି। ଅଜଣା ଦୁର୍ବୃତ୍ତ ପ୍ରଥମେ ଦୋକାନରୁ ଚୋରି କରିବା ପରେ ତିନିଟି ଷ୍ଟକ୍ ରୁମରେ ନିଆଁ ଲଗାଇ ପୋଡ଼ି ଦେଇଛନ୍ତି।

ଏଥିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଛି। ଏହି ଅଗ୍ନିକାଣ୍ଡରେ ବ୍ୟବସାୟୀ କୁଞ୍ଜପ୍ରତାପ ସାହୁ, ମହେନ୍ଦ୍ର ସାହୁ ଓ ଯଦୁମଣି ସାହୁଙ୍କ ଦୋକାନର ଷ୍ଟକ୍ ରୁମ ଭସ୍ମୀଭୂତ ହୋଇଛି। ସେହିପରି ଏକ ହାର୍ଡୱେର ଷ୍ଟୋର ଓ ଗୋଟିଏ ମେଡିସିନ ଦୋକାନକୁ ମଧ୍ୟ ଦୁର୍ବୃତ୍ତମାନେ ତାଡ଼ିବାକୁ ଉଦ୍ୟମ କରିଥିବା ବେଳେ ଏକ ଲୁଗା ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରା ଭାଙ୍ଗି ଦେଇଛନ୍ତି। ତେବେ ବଜାରର ଅନ୍ୟ ସିସିଟିଭି କ୍ୟାମେରାରେ ଦୁଇ ଦୁର୍ବୃତ୍ତଙ୍କ ଚଳାଚଳର ଫୁଟେଜ ଧରାପଡ଼ିଥିବା ସୂଚନା ମିଳିଛି। ଚୋରି ପରେ ନେଇଯାଇଥିବା ସାମଗ୍ରୀରୁ କିଛି ରାସ୍ତାରେ ଫୋପାଡ଼ି ମଧ୍ୟ ଦେଇଥିବା ଦେଖିବାକୁ ମିଳିଛି। ଯାହା ଘଟଣାକୁ ଆହୁରି ସନ୍ଦେହଜନକ କରିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଥିବା ବେଳେ ସିସିଟିଭି ଫୁଟେଜ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଲୁଟେରାଙ୍କ ଫଟୋକୁ ନେଇ ବିଭିନ୍ନ ସ୍ଥାନରେ ତଲାସି ଚାଲିଛି। ଏନେଇ ପାଟକୁରା ଥାନା ଅଧିକାରୀ ମହମ୍ମଦ କାମସେଦ କହିଛନ୍ତି ଯେ ଘଟଣାକୁ ଗୁରୁତ୍ୱର ସହ ନିଆଯାଇଛି। ଶୀଘ୍ର ଦୁର୍ବୃତ୍ତଙ୍କୁ ଚିହ୍ନଟ କରି ଗିରଫ କରାଯିବ ବୋଲି ସେ କହିଛନ୍ତି। ଲଗାତର ଏପରି ଘଟଣାରେ ଅଞ୍ଚଳର ବ୍ୟବସାୟୀ ମହଲରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ରାତିରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି ଜୋର ଧରିଛି।

# କୋଟି କୋଟି ଟଙ୍କାର ସ୍ପର ଧସୁଛି, ଭୁଶୁଡୁଛି ଭରସା

କେନ୍ଦ୍ରାପଡ଼ା,୩।୧(ସମିସ)





କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ପଥର ସ୍ପର ଗୋଟିଏ ଗୋଟିଏ ପରେ ଗୋଟିଏ ଧସିଯାଉଛି। ନଦୀକୁ ରୋକିବା ପାଇଁ ହୋଇଥିବା ପ୍ରକଳ୍ପ ଆଜି ନଦୀରେ ଭାସିଯାଉଛି। ଏବେ ପ୍ରଶ୍ନ, ଏହା କେବଳ ପ୍ରକୃତିର ପ୍ରକୋପ, ନା ବିଭାଗୀୟ ଅବହେଳା ଓ ଲୁଟ୍‌ର ଜୀବନ୍ତ ଉଦାହରଣ।

ଚିତ୍ରୋତ୍ପଳା ନଦୀର ପୁଦାଳ ନିକଟ ଜିରାଳ ଅଞ୍ଚଳରେ ପୁଣି ଧସିଛି ପଥର ସ୍ପର। କିନ୍ତୁ ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ମଧ୍ୟ ଗୋଟିଏ ପରେ ଗୋଟିଏ ସ୍ପର ଭୁଶୁଡ଼ି ଚାଲିଛି। ଏହା ପୂର୍ବରୁ ଲୁଣା ନଦୀର ବଛରାଇ, ପାଇକା ନଦୀର ବଟିରା ଗାଁ, ଏବଂ ଏବେ ଚିତ୍ରୋତ୍ପଳା ନଦୀର ଜିରାଳଠାରେ ଭୁଶୁଡ଼ିଥିବା ଦେଖିବାକୁ ମିଳିଛି। ଏଭଳି ଗୋଟିଏ ପରେ ଗୋଟିଏ ସ୍ଥାନରେ ସ୍ପର ଭୁଶୁଡ଼ି ପଡ଼ିଛି ଏବଂ ଅନେକ ସ୍ପର ଭୁଶୁଡ଼ିବାକୁ ଅପେକ୍ଷା କରିଛି। ଏତେ ଘଟଣା ପରେ ମଧ୍ୟ ଆଜିପର୍ଯ୍ୟନ୍ତ କେହି ଦାୟୀ ନୁହନ୍ତି, ଏହା ହିଁ ସବୁଠୁ ବଡ଼ ପ୍ରଶ୍ନ।



**ଜଳସେଚନ ବିଭାଗ ପାଇଁ 'ଶନିଦଶା' ନା ଲୁଟ୍‌ର ମାଷ୍ଟରପ୍ଲାନ?**

କୋଟି କୋଟି ଟଙ୍କା ସରକାରୀ ଅର୍ଥ ବ୍ୟୟ ହେଲା, କିନ୍ତୁ କାମର ଗୁଣମାନ କେଉଁଠି? ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଜଳସେଚନ ବିଭାଗ, ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ସଲାସୁତୁରାରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରି କାମ କରାଯାଇଛି। ଫଳରେ ସରକାରୀ ଟଙ୍କା ପାଣି ଭଳି ନଦୀରେ ଭାସିଯାଉଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ପର ନିର୍ମାଣ ହେଲା ସତ, କିନ୍ତୁ ଏବେ ଲାଗୁଛି, ସେଗୁଡ଼ିକ ନଦୀ ରୋକିବା ପାଇଁ ନୁହେଁ ବରଂ ଲୁଟ୍‌ର ସ୍ମାରକ ଭାବେ ତିଆରି ହୋଇଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କୌଣସି ବିଭାଗୀୟ ତନାଘନା ନାହିଁ, କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ, କୌଣସି ଦାୟିତ୍ୱବୋଧ ଦେଖାଯାଉନି। କେବଳ ପ୍ରକଳ୍ପ ଉପରେ ପ୍ରକଳ୍ପ, କେବଳ କାଗଜରେ ଉନ୍ନତି, ଆଉ ମାଟିରେ ଭୁଶୁଡୁଥିବା ହେଉଛି ଭରସା। ଏହା କି ସତରେ ଜଳସେଚନ ବିଭାଗର 'ଶନିଦଶା' ନା ସଚେତନ ଭାବେ ତିଆରି ହୋଇଥିବା ଲୁଟ୍‌ର ମାଷ୍ଟରପ୍ଲାନ? ଲୋକେ ଉତ୍ତର ଚାହୁଁଛନ୍ତି। ଦୋଷୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଚାହୁଁଛନ୍ତି। ନଚେତ୍ ଆଗାମୀ ବନ୍ୟାରେ ସ୍ପର ସହ ପ୍ରଶାସନ ଉପରେ ଲୋକଙ୍କ ଭରସା ମଧ୍ୟ ଭୁଶୁଡ଼ିଯିବ ବୋଲି ମତପ୍ରକାଶ ପାଇଛି।

## ମନ୍ଦିର ଭାଙ୍ଗିବାକୁ ଯାଇ ଗ୍ରାମବାସୀଙ୍କ ଆକ୍ରୋସର ଶିକାର ହେଲେ ଅଧିକାରୀ

● ମରାମତି ପ୍ରତିଶ୍ରୁତି ଦେଇ ଛାଡ଼ ପାଇଲେ



ଡେରାବିଶ,୩।୧(ସମିସ): ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବାକୁ ଯାଇ ଆବଶ୍ୟକତାଠାରୁ ଅଧିକ ଭାଙ୍ଗିଦେବାରୁ ଶନିବାର ଡେରାବିଶ ତହସିଲ ଓ ପୁଲିସ୍ ପ୍ରଶାସନ ଗ୍ରାମବାସୀଙ୍କ ଆକ୍ରୋସର ଶିକାର ହୋଇଛି। ତେବେ ମରାମତି କରିବାକୁ ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀଙ୍କଠାରୁ ଛାଡ଼ ପାଇଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଡେରାବିଶ ତହସିଲ ବଳଭଦ୍ରପୁର ଆର୍‌ଆଇ କାର୍ଯ୍ୟାଳୟ ଅଧୀନ ସାତବାଟିଆ ଗ୍ରାମବାସୀ ବହୁ ବର୍ଷ ପୂର୍ବରୁ ଗ୍ରାମରେ ଏକ ଲକ୍ଷ୍ମୀ ମନ୍ଦିର ନିର୍ମାଣ କରିଥିଲେ। ହେଲେ ମନ୍ଦିରର ଡାହାଣପଟ ଦେଇ ଯାଇଥିବା ସରକାରୀ ରାସ୍ତାର କିଛି ଅଂଶକୁ ମଡ଼ାଇ ଗ୍ରାମବାସୀ ମନ୍ଦିର କାନ୍ଥ କରିଥିବାରୁ ଏହି ରାସ୍ତାରେ ଗାଡ଼ିମଟର ଚଳାଚଳ କରିପାରୁ ନ ଥିବା ଓ ଗ୍ରାମର କିଛି ପରିବାର ସମସ୍ୟା ଭୋଗୁଥିବା ନେଇ ଗ୍ରାମର ଖଗେଶ୍ୱର ସାହୁ ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ଫେରାଦ ହୋଇଥିଲେ। ଗତ ଡିସେମ୍ବରରେ ଉଚ୍ଚନ୍ୟାୟାଳୟ ଏହି ମାମଲାର ଫଇସଲା କରି ସରକାରୀ ରାସ୍ତାକୁ ଅବରୋଧମୁକ୍ତ କରିବା ପାଇଁ ଡେରାବିଶ ତହସିଲ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ କରିବାକୁ ଡିସେମ୍ବର ୨୯ ତାରିଖ ଅତିରିକ୍ତ ତହସିଲଦାର ଭାସ୍କର ବେହେରା ସାତବାଟିଆ ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରି ଜବରଦଖଲ ଅଂଶରେ ଥିବା କାନ୍ଥକୁ ଭାଙ୍ଗିବା ପାଇଁ କହିଥିଲେ। ଗ୍ରାମବାସୀ ମଧ୍ୟ କାନ୍ଥର କିଛି ଅଂଶ ଭାଙ୍ଗିଥିଲେ ସୁଦ୍ଧା ସମ୍ପୂର୍ଣ୍ଣ କରି ନ ଥିବାରୁ ଶନିବାର ତହସିଲ ପ୍ରଶାସନ ଡେରାବିଶ ଥାନା ପୁଲିସ ଉପସ୍ଥିତିରେ ଜେସିବି ମେସିନ ଲଗାଇ ମନ୍ଦିର କାନ୍ଥ ଭାଙ୍ଗିଥିଲେ। ହେଲେ ଏହି ସମୟରେ ମନ୍ଦିରର ନିଜସ୍ୱ ସ୍ଥିତିବାନ ଜାଗାରେ ଥିବା କାନ୍ଥରେ ବିରାଟ ଫାଟ ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହ ସମସ୍ତେ ତହସିଲର ଓ ପୁଲିସ କର୍ମଚାରୀଙ୍କୁ ଘେରଉ କରି କ୍ଷତିପୂରଣ ଦାବି କରିଥିଲେ। ତହସିଲଦାର ସରୋଜକାନ୍ତ ନାୟକ ଓ ଅତିରିକ୍ତ ତହସିଲଦାର ଭାସ୍କର ବେହେରା ସରପଞ୍ଚ ଅରକ୍ଷିତ କାଣ୍ଡି ଓ ସମିତିସଭ୍ୟ ଫନୀନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କ ସହ ଆଲୋଚନା କରାଯିବା ସହ ଏ ବିଷୟରେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଓ ବିଡିଓଙ୍କୁ ମଧ୍ୟ ଅବଗତ କରାଇଥିଲେ। ଡେରାବିଶ ବିଡିଓ ନମିତା ବାରିକ ପଞ୍ଚାୟତ ପାଣ୍ଠିରୁ କ୍ଷତିଗ୍ରସ୍ତ ମନ୍ଦିରର ମରାମତି କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ସମାଜସେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ,୩।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ କଖାରୁଣୀ ଗ୍ରାମର ପୂର୍ବତନ ସରପଞ୍ଚ କୀର୍ତ୍ତିଚନ୍ଦ୍ର ଜେନାଙ୍କ ଧର୍ମପତ୍ନୀ ସମାଜସେବୀ ତଥା ଧର୍ମପ୍ରାଣା ବିମଳୀ ଦେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି।

ପୁଅ ସମିର ଜେନାଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ, କଖାରୁଣୀ ସରପଞ୍ଚ ରମେଶ ଚନ୍ଦ୍ର ମଲ୍ଲିକ, ବରିଷ୍ଠ ବିଜେଡି ନେତା ଅମୂଲ୍ୟ ପ୍ରଧାନ, ଡ. ନବନିରୋଦ କର, କଂଗ୍ରେସ ନେତା ମଳୟ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ବିମଳୀ ଦେବୀଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ନିଃସହାୟ ବୃଦ୍ଧବୃଦ୍ଧାମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା।

## ବିପଦସଙ୍କୁଳ ରାଏତୁଣ୍ଡି ପାଟନାଳି ପୋଲ

ପଞ୍ଚୁପାଣ୍ଡବ,୩।୧(ସମିସ): ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ରାଏତୁଣ୍ଡି ଗ୍ରାମଦେଇ ଯାଇଥିବା ପାଟନାଳି ପୋଲ ବିପଦସଙ୍କୁଳ



ଅବସ୍ଥାରେ ରହିଛି। ଏହି ପୋଲ କଂଗ୍ରେସ ସରକାର ଅମଳରେ ଦୀର୍ଘ ୩୦ ଊର୍ଦ୍ଧ୍ୱ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ବେଳେ ଏବେ ଭାଙ୍ଗିରୁଜି ଯାଇଛି। ଏ ବିଷୟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସରକାର ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ସେ ସମୟରେ ପୋଲ ନ ଥିବାରୁ ଲୋକେ ବିଭିନ୍ନ ସ୍ଥାନକୁ ଡଙ୍ଗାରେ ଯିବାଆସିବା କରୁଥିଲେ। ଏପରିକି ସ୍କୁଲ କଲେଜ ଯିବାକୁ ମଧ୍ୟ ଛାତ୍ରଛାତ୍ରୀମାନେ ଡଙ୍ଗା ଉପରେ ନିର୍ଭର କରୁଥିଲେ। ୧୯୯୫ରେ ଏଠାରେ ପୋଲ ତିଆରି ହୋଇଥିଲା। ତେବେ ରକ୍ଷଣାବେକ୍ଷଣ ଅଭାବରୁ ପୋଲର ତଳ ପଟରୁ କିଛି ଅଂଶ ଢଳେଇ ଭାଙ୍ଗିଥିବା ବେଳେ ଶତାଧିକ ଜାଗାରେ ରଡ୍ ଦେଖାଯାଉଛି। ଏହି ପୋଲ ଉପରେ ଶହ ଶହ ଲୋକେ ନିର୍ଭର କରୁଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟକୁ କୋମଳମତି ଶିଶୁମାନେ ଏହି ପୋଲ ଉପରେ ଯାତାୟାତ କରୁଛନ୍ତି। କେତେବେଳେ ବି ଅଘଟଣ ଘଟିବା ଆଶଙ୍କା ରହିଛି। ତୁରନ୍ତ ଏଠାରେ ନୂଆ ପୋଲ ନିର୍ମାଣ କରିବାକୁ ଗ୍ରାମର ପୀତାମ୍ବର ପାଣ୍ଡବ, ପୂର୍ବତନ ସମିତି ସଭ୍ୟ ରଞ୍ଜନ କୁମାର ବେହେରା, ବାବୁଲି ମଲ୍ଲିକ, ବଂଶୀଧର ସାହୁ, ଅନାଦି ଚରଣ ବେହୁରା, ଧୀରେନ୍ଦ୍ର ସାମଲ ପ୍ରମୁଖ ଦାବି କରିଛନ୍ତି।

## ତୃତୀୟ ବୃତ୍ତି ପରୀକ୍ଷାରେ ଜ୍ୟୋତିସ୍ମିତା ଟପ୍ପର



ମହାକାଳପଡ଼ା,୩।୧(ସମିସ): ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ମହାକାଳପଡ଼ା ବ୍ଲକରେ ଶୀର୍ଷ ସ୍ଥାନରେ ରହିଛନ୍ତି ରାଜଗଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଜ୍ୟୋତିସ୍ମିତା ଦାସ। ମହାକାଳପଡ଼ା ବ୍ଲକ୍ ବଳିପାଳ ପଞ୍ଚାୟତ ଘଣ୍ଟିଆପଲ୍ଲୀ ଗ୍ରାମର ଶିକ୍ଷକ ସର୍ବେଶ୍ୱର ଦାସଙ୍କ ସାନଝିଅ ଜ୍ୟୋତିସ୍ମିତା ତୃତୀୟଶ୍ରେଣୀ ବୃତ୍ତି ପରୀକ୍ଷାରେ ବ୍ଲକ୍ ଟପ୍ପର ହୋଇଛନ୍ତି। ଜ୍ୟୋତିସ୍ମିତା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ରାଜଗଡରେ ପାଠ ପଢୁଛନ୍ତି। ଏହି ସଫଳଥା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଝିଅର ସଫଳତା ପାଇଁ ସର୍ବେଶ୍ୱର ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଓ ଗୁରୁମାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ମହାକାଳପଡ଼ା,୩।୧(ସମିସ): ଜଙ୍ଗଲ ଭିତରେ ବିଛାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ତନ୍ତିଆପାଳ ସାମୁଦ୍ରିକ ଥାନା ସୁନିତି ଗ୍ରାମର ନିତାଇ ମାନ୍ନା। ଏ ନେଇ ନିତାଇଙ୍କ ସ୍ତ୍ରୀ ଯମୁନା ମାନ୍ନା ଥାନାରେ ଅଭିଯୋଗ କରିଛନ୍ତି।

**ଶିକାର ପାଇଁ ତାର ବିଛାଯାଇଥିବା ଆଶଙ୍କା**

ଅଭିଯୋଗ ମୁତାବକ ଶୁକ୍ରବାର ନିତାଇ ବୋଟ୍‌ରେ ମାଛ ମାରିବାକୁ ଯାଇଥିଲେ। ମାଛ ମାରି ଫେରିବା ପରେ ବୋଟ୍ ମାଲିକଙ୍କ ଘରକୁ ତାଙ୍କ ପୁଅକୁ ନେଇ ଭୋଜି ଖାଇବାକୁ ଯାଇଥିଲେ। ନିତାଇଙ୍କ ପୁଅକୁ ବୋଟ୍ ମାଲିକଙ୍କ ପୁଅ ସୁମନ୍ତ ଗିରି ରାତିରେ ତାଙ୍କ ଘରେ ଛାଡ଼ିଆସିଥିଲେ। ଯମୁନା ଫୋନ୍ କରି ବୋଟ୍ ମାଲିକଙ୍କୁ ପଚାରିବାରୁ ଭୋଜି ଖାଇ ନିତାଇ ଫେରିବେ ବୋଲି କହିଥିଲେ। ହେଲେ ରାତି ଅଧିକ ହେବାରୁ ଯମୁନା ଶୋଇପଡ଼ିଥିଲେ। ସକାଳ ପର୍ଯ୍ୟନ୍ତ ନିତାଇ ଘରକୁ ଆସି ନ ଥିବା ଦେଖି ସେ ବୋଟ୍ ମାଲିକଙ୍କୁ ଫୋନ୍ କରିଥିଲେ। ତେବେ ନିତାଇ ରାତିରୁ ହିଁ ଚାଲିଯାଇଥିବା ବୋଟ ମାଲିକ କହିଥିଲେ। ଶନିବାର ସକାଳେ ବବାଙ୍ଗଡିଅ ସଂରକ୍ଷିତ ଜଙ୍ଗଲ ନିକଟରେ ନିତାଇଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କ ହାତରେ ବିଦ୍ୟୁତ ଆଘାତ ଲାଗିଥିବା ଦେଖାଯାଇଛି। ଶିକାର ପାଇଁ ବେଆଇନ ଭାବେ ବିଦ୍ୟୁତ୍ ତାର ବିଛାଯାଇଥିବା ଓ ଏହା ସଂସ୍ପର୍ଶରେ ଆସି ନିତାଇଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ତଦନ୍ତ ଆରମ୍ଭ କରିଛି।


ଜାନୁଆରୀ ପହିଲାରୁ
ପୂର୍ବ ତଟ ରେଳପଥ ଦ୍ୱାରା
ନୂତନ ସମୟ ସାରଣୀ
2026
(ସମୟ ପରିବର୍ତ୍ତନର ମୁଖ୍ୟ ବୈଶିଷ୍ଟ୍ୟ)



**ନୂତନ ଟ୍ରେନ୍ ପ୍ରଚଳନ**

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ଚଳାଚଳ ଦିବସ | କାର୍ଯ୍ୟକାରୀ ହେବା ତାରିଖ |
|---|---|---|---|---|
| 1 | 19021 | ଉଧନା ଜଂ - ବ୍ରହ୍ମପୁର | ସାପ୍ତାହିକ | 05.10.2025 |
| 2 | 19022 | ବ୍ରହ୍ମପୁର - ଉଧନା ଜଂ | ସାପ୍ତାହିକ | 06.10.2025 |
| 3 | 18311 | ସମ୍ବଲପୁର - ବୌଦ୍ଧ | ସାପ୍ତାହିକ | 22.06.2025 |
| 4 | 18312 | ବୌଦ୍ଧ - ସମ୍ବଲପୁର | ସାପ୍ତାହିକ | 24.06.2025 |
| 5 | 18313 | ବୌଦ୍ଧ - ଭୁବନେଶ୍ୱର ନୂଆ | ସାପ୍ତାହିକ | 23.06.2025 |
| 6 | 18314 | ଭୁବନେଶ୍ୱର ନୂଆ - ବୌଦ୍ଧ | ସାପ୍ତାହିକ | 23.06.2025 |

**ଟ୍ରେନଗୁଡ଼ିକର ସଂପ୍ରସାରଣ**

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ସଂପ୍ରସାରିତ ସ୍ଥାନ | w.e.f |
|---|---|---|---|---|
| 1 | 12871 | ହାଓଡ଼ା - ଟିଟିଲାଗଡ଼ | ଜୁନାଗଡ଼ ରୋଡ଼ | ପରେ ସୂଚିତ |
| 2 | 12872 | ଟିଟିଲାଗଡ଼ - ହାଓଡ଼ା | ଜୁନାଗଡ଼ ରୋଡ଼ | କରାଯିବ |
| 3 | 58305 | ବଲାଙ୍ଗୀର - ସୋନପୁର | ପୁରୁଣାକଟକ | 23.06.2025 |
| 4 | 58306 | ସୋନପୁର - ବଲାଙ୍ଗୀର | ପୁରୁଣାକଟକ | 23.06.2025 |
| 5 | 58307 | ବଲାଙ୍ଗୀର - ସୋନପୁର | ପୁରୁଣାକଟକ | 23.06.2025 |
| 6 | 58308 | ସୋନପୁର - ବଲାଙ୍ଗୀର | ପୁରୁଣାକଟକ | 23.06.2025 |
| 7 | 12893 | ଭୁବନେଶ୍ୱର - ସୋନପୁର | ପୁରୁଣାକଟକ | 23.06.2025 |
| 8 | 12894 | ସୋନପୁର - ଭୁବନେଶ୍ୱର | ପୁରୁଣାକଟକ | 24.06.2025 |
| 9 | 22820 | ବିଶାଖାପାଟଣା - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 12.05.2025 |
| 10 | 22819 | ଭୁବନେଶ୍ୱର - ବିଶାଖାପାଟଣା | ଭୁବନେଶ୍ୱର ନୂଆ | 12.05.2025 |
| 11 | 17015 | ଭୁବନେଶ୍ୱର - ସିକନ୍ଦରାବାଦ | ଭୁବନେଶ୍ୱର ନୂଆ | 12.05.2025 |
| 12 | 17016 | ସିକନ୍ଦରାବାଦ - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 11.05.2025 |
| 13 | 11020 | ଭୁବନେଶ୍ୱର - CSMT ମୁମ୍ବାଇ | ଭୁବନେଶ୍ୱର ନୂଆ | 12.05.2025 |
| 14 | 11019 | CSMT ମୁମ୍ବାଇ - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 11.05.2025 |

**ଟ୍ରେନ୍‌ଗୁଡ଼ିକର ଚଳାଚଳରେ ବୃଦ୍ଧି**

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ଚଳାଚଳ ଦିବସ | ନୂତନ ଚଳାଚଳ ଦିବସ | w.e.f |
|---|---|---|---|---|---|
| 1 | 19021 | ଉଧନା ଜଂ - ବ୍ରହ୍ମପୁର | ସାପ୍ତାହିକ | ସପ୍ତାହକୁ ତିନିଥର | 19.11.2025 |
| 2 | 19022 | ବ୍ରହ୍ମପୁର - ଉଧନା ଜଂ | ସାପ୍ତାହିକ | ସପ୍ତାହକୁ ତିନିଥର | 20.11.2025 |

**ଟ୍ରେନ୍‌ଗୁଡ଼ିକର ଚଳାଚଳ ଦିବସରେ ପରିବର୍ତ୍ତନ**

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ଚଳାଚଳ ଦିବସ | ନୂତନ ଚଳାଚଳ ଦିବସ | w.e.f |
|---|---|---|---|---|
| 20707 | ସିକନ୍ଦରାବାଦ - ବିଶାଖାପାଟଣା | ଗୁରୁବାର | ସୋମବାର | 02.12.25 |
| 20708 | ବିଶାଖାପାଟଣା - ସିକନ୍ଦରାବାଦ | ବ୍ୟତୀତ | ବ୍ୟତୀତ | 02.12.25 |
| 20835 | ରାଉରକେଲା - ପୁରୀ | ଶନିବାର | ମଙ୍ଗଳବାର | 03.06.25 |
| 20836 | ପୁରୀ - ରାଉରକେଲା | ବ୍ୟତୀତ | ବ୍ୟତୀତ | 03.06.25 |

**ଟ୍ରେନ୍‌ଗୁଡ଼ିକର ଗତିରେ ବୃଦ୍ଧି (w.e.f. 01.01.2026)**

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ TOR | ନୂତନ TOR | [illegible] |
|---|---|---|---|---|
| 12805 | ବିଶାଖାପାଟଣା - ଲିଙ୍ଗମପାଲି | 13 ଘ. 20 ମି. | 12 ଘ. 55 ମି. | 25 |
| 12806 | ଲିଙ୍ଗମପାଲି - ବିଶାଖାପାଟଣା | 13 ଘ. 30 ମି. | 12 ଘ. 55 ମି. | 35 |
| 20804 | ଗାନ୍ଧୀଧାମ ଜଂ - ବିଶାଖାପାଟଣା | 35 ଘ. 15 ମି. | 35 ଘ. 10 ମି. | 05 |
| 18451 | ହାଟିଆ - ପୁରୀ | 09 ଘ. 35 ମି. | 09 ଘ. 30 ମି. | 05 |
| 18529 | ଦୁର୍ଗ - ବିଶାଖାପାଟଣା | 13 ଘ. 30 ମି. | 13 ଘ. 10 ମି. | 20 |
| 58303 | ସମ୍ବଲପୁର - ଜୁନାଗଡ଼ ରୋଡ଼ | 08 ଘ. 05 ମି. | 07 ଘ. 50 ମି. | 15 |
| 12819 | ଭୁବନେଶ୍ୱର - ଆନନ୍ଦ ବିହାର ଟର୍ମିନାଲ | 27 ଘ. 20 ମି. | 27 ଘ. 18 ମି. | 02 |
| 68413 | ବାଲେଶ୍ୱର - ପୁରୀ | 05 ଘ. 45 ମି. | 05 ଘ. 20 ମି. | 25 |
| 12846 | SMVT ବେଙ୍ଗାଲୁରୁ - ଭୁବନେଶ୍ୱର | 25 ଘ. 50 ମି. | 25 ଘ. 45 ମି. | 05 |
| 18573 | ବିଶାଖାପାଟଣା - ଭଗତ କୀ କୋଠି | 38 ଘ. 10 ମି. | 38 ଘ. | 10 |

**ଟ୍ରେନ୍ ସମୟ ପରିବର୍ତ୍ତନ (w.e.f 01.01.2026)**

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ସମୟ ପ୍ରସ୍ଥାନ (ପ୍ରାରମ୍ଭିକ ଷ୍ଟେସନରେ) | ପୂର୍ବ ସମୟ ଆଗମନ (ଅନ୍ତିମ ଷ୍ଟେସନ ପାଖ) | ନୂତନ ସମୟ ପ୍ରସ୍ଥାନ | ନୂତନ ସମୟ ଆଗମନ |
|---|---|---|---|---|---|
| 58303 | ସମ୍ବଲପୁର - ଜୁନାଗଡ଼ ରୋଡ଼ | 0645 | 1450 | 0700 | 1450 |
| 18422 | ସୋନପୁର - ପୁରୀ | 1910 | 0635 | 1900 | 0640 |
| 18302 | ରାୟଗଡ଼ା - ସମ୍ବଲପୁର | 1320 | 1935 | 1320 | 1945 |
| 18304 | ପୁରୀ - ସମ୍ବଲପୁର | 1545 | 2240 | 1545 | 2255 |
| 18516 | କିରଣ୍ଡୁଲ - ବିଶାଖାପାଟଣା | 1630 | 0340 | 1600 | 0340 |
| 18517 | କୋରବା - ବିଶାଖାପାଟଣା | 1610 | 0640 | 1610 | 0645 |
| 22809 | ପାରାଦୀପ - ବିଶାଖାପାଟଣା | 2215 | 0800 | 2215 | 0815 |
| 22853 | ଶାଲିମାର - ବିଶାଖାପାଟଣା | 1815 | 0800 | 1815 | 0815 |
| 22873 | ଦିଘା - ବିଶାଖାପାଟଣା | 1705 | 0800 | 1705 | 0815 |
| 18529 | ଦୁର୍ଗ - ବିଶାଖାପାଟଣା | 1833 | 1030 | 1833 | 1005 |
| 20804 | ଗାନ୍ଧୀଧାମ ଜଂ - ବିଶାଖାପାଟଣା | 2305 | 1020 | 2305 | 1015 |
| 58503 | ଭବାନୀପାଟଣା - ବିଶାଖାପାଟଣା | 0115 | 1010 | 0115 | 1020 |
| 18574 | ଭଗତ କୀ କୋଠି - ବିଶାଖାପାଟଣା | 2040 | 1005 | 2040 | 1030 |
| 18524 | ବାରଣାସୀ - ବିଶାଖାପାଟଣା | 1500 | 1930 | 1500 | 1945 |
| 12806 | ଲିଙ୍ଗମପାଲି - ବିଶାଖାପାଟଣା | 0615 | 1945 | 0655 | 1950 |
| 58502 | କିରଣ୍ଡୁଲ - ବିଶାଖାପାଟଣା | 0600 | 2045 | 0600 | 2100 |
| 58505 | ଗୁଣୁପୁର - ବିଶାଖାପାଟଣା | 1430 | 2100 | 1430 | 2110 |
| 18005 | ହାଓଡ଼ା - ଜଗଦଲପୁର | 2210 | 2200 | 2210 | 2230 |
| 18447 | ଭୁବନେଶ୍ୱର - ଜଗଦଲପୁର | 1935 | 1115 | 1935 | 1215 |
| 12805 | ବିଶାଖାପାଟଣା - ଲିଙ୍ଗମପାଲି | 0620 | 1940 | 0620 | 1915 |
| 58538 | ବିଶାଖାପାଟଣା - କୋରାପୁଟ | 0630 | 1530 | 0645 | 1545 |
| 58501 | ବିଶାଖାପାଟଣା - କିରଣ୍ଡୁଲ | 0645 | 2045 | 0700 | 2100 |
| 67289 | ବିଶାଖାପାଟଣା - ପଲାସା | 0750 | 1300 | 0745 | 1300 |
| 18448 | ଜଗଦଲପୁର - ଭୁବନେଶ୍ୱର | 1630 | 0820 | 1600 | 0820 |
| 17244 | ରାୟଗଡ଼ା - ଗୁଣ୍ଟୁର | 1530 | 0450 | 1500 | 0450 |

**କେଉଁ ଗୁଡ଼ିକ LHB ରେକ୍‌ରେ ରୂପାନ୍ତରିତ ହୋଇଥିବା ଟ୍ରେନ**

| କ୍ର.ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | w.e.f |
|---|---|---|---|
| 1 | 12892 | ପୁରୀ - ବାଙ୍ଗିରିପୋଷି | 29.04.2025 |
| 2 | 12891 | ବାଙ୍ଗିରିପୋଷି - ପୁରୀ | 29.04.2025 |
| 3 | 20837 | ଭୁବନେଶ୍ୱର - ଜୁନାଗଡ଼ ରୋଡ଼ | 25.08.2025 |
| 4 | 20838 | ଜୁନାଗଡ଼ ରୋଡ଼ - ଭୁବନେଶ୍ୱର | 25.08.2025 |

**ପରିବର୍ତ୍ତିତ ହୋଇଥିବା ଟ୍ରେନ୍ ନଂ**

| କ୍ର.ନଂ. | ପୂର୍ବ ଟ୍ରେନ୍ ନଂ. | ନୂତନ ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | w.e.f |
|---|---|---|---|---|
| 1 | 12892 | 18402 | ପୁରୀ - ବାଙ୍ଗିରିପୋଷି | 01.02.2026 |
| 2 | 12891 | 18401 | ବାଙ୍ଗିରିପୋଷି - ପୁରୀ | 01.02.2026 |

**ଟ୍ରେନଗୁଡ଼ିକର ଅତିରିକ୍ତ ଷ୍ଟପେଜ୍**

| କ୍ର. ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ଅତିରିକ୍ତ ଷ୍ଟପେଜ୍ | w.e.f |
|---|---|---|---|---|
| 1 | 18005 | ହାଓଡ଼ା - ଜଗଦଲପୁର | ଲୋଇସିଂହା | 19.11.2025 |
| 2 | 18006 | ଜଗଦଲପୁର - ହାଓଡ଼ା | ଲୋଇସିଂହା | 19.11.2025 |
| 3 | 13351 | ଧାନବାଦ - ଆଲେପି | ବଗଲା ରୋଡ଼ | 04.03.2025 |
| 4 | 13352 | ଆଲେପି - ଧାନବାଦ | ବଗଲା ରୋଡ଼ | 03.03.2025 |
| 5 | 18423 | ଭୁବନେଶ୍ୱର - ଦଣପଲ୍ଲୀ | ବୋଲଗଡ଼ ବାଇନ | 20.01.2025 |
| 6 | 18424 | ଦଣପଲ୍ଲୀ - ଭୁବନେଶ୍ୱର | ବୋଲଗଡ଼ ବାଇନ | 21.01.2025 |
| 7 | 68449 | ପୁରୀ - ଦଣପଲ୍ଲୀ | ରାଜପଦର | 20.01.2025 |
| 8 | 68450 | ଦଣପଲ୍ଲୀ - ପୁରୀ | ରାଜପଦର | 21.01.2025 |
| 9 | 68443 | ଭଦ୍ରକ - ଦଣପଲ୍ଲୀ | ରାଜପଦର | 21.01.2025 |
| 10 | 68444 | ଦଣପଲ୍ଲୀ - ଭଦ୍ରକ | ରାଜପଦର | 20.01.2025 |
| 11 | 68429 | ଭୁବନେଶ୍ୱର - ଦଣପଲ୍ଲୀ | ରାଜପଦର | 21.01.2025 |
| 12 | 68430 | ଦଣପଲ୍ଲୀ - ଭୁବନେଶ୍ୱର | ରାଜପଦର | 20.01.2025 |
| 13 | 18423 | ଭୁବନେଶ୍ୱର - ଦଣପଲ୍ଲୀ | ରାଜପଦର | 20.01.2025 |
| 14 | 18424 | ଦଣପଲ୍ଲୀ - ଭୁବନେଶ୍ୱର | ରାଜପଦର | 21.01.2025 |
| 15 | 68429 | ଭୁବନେଶ୍ୱର - ଦଣପଲ୍ଲୀ | ଦରାବୋଇ | 17.09.2025 |
| 16 | 68430 | ଦଣପଲ୍ଲୀ - ଭୁବନେଶ୍ୱର | ଦରାବୋଇ | 17.09.2025 |
| 17 | 68449 | ପୁରୀ - ଦଣପଲ୍ଲୀ | ଦରାବୋଇ | 17.09.2025 |
| 18 | 68450 | ଦଣପଲ୍ଲୀ - ପୁରୀ | ଦରାବୋଇ | 17.09.2025 |
| 19 | 18423 | ଭୁବନେଶ୍ୱର - ଦଣପଲ୍ଲୀ | ଦରାବୋଇ | 17.09.2025 |
| 20 | 18424 | ଦଣପଲ୍ଲୀ - ଭୁବନେଶ୍ୱର | ଦରାବୋଇ | 17.09.2025 |
| 21 | 68443 | ଭଦ୍ରକ - ଦଣପଲ୍ଲୀ | ଦରାବୋଇ | 17.09.2025 |
| 22 | 68444 | ଦଣପଲ୍ଲୀ - ଭଦ୍ରକ | ଦରାବୋଇ | 17.09.2025 |
| 23 | 12896 | ପୁରୀ - ଶାଲିମାର | ସାକ୍ଷୀଗୋପାଳ | 21.08.2025 |
| 24 | 12895 | ଶାଲିମାର - ପୁରୀ | ସାକ୍ଷୀଗୋପାଳ | 15.08.2025 |
| 25 | 15639 | ପୁରୀ - କାମାକ୍ଷା | ସାକ୍ଷୀଗୋପାଳ | 19.08.2025 |
| 26 | 15640 | କାମାକ୍ଷା - ପୁରୀ | ସାକ୍ଷୀଗୋପାଳ | 19.08.2025 |
| 27 | 18449 | ପୁରୀ - ପଟନା ଜଂ | ସାକ୍ଷୀଗୋପାଳ | 18.08.2025 |
| 28 | 18450 | ପଟନା ଜଂ - ପୁରୀ | ସାକ୍ଷୀଗୋପାଳ | 21.08.2025 |
| 29 | 20807 | ବିଶାଖାପାଟଣା - ଅମୃତସର ଜଂ | ନରାଜ ମାର୍ଥାପୁର | 15.08.2025 |
| 30 | 20808 | ଅମୃତସର ଜଂ - ବିଶାଖାପାଟଣା | ନରାଜ ମାର୍ଥାପୁର | 15.08.2025 |
| 31 | 12837 | ହାଓଡ଼ା - ପୁରୀ | ମଞ୍ଚେଶ୍ୱର | 15.08.2025 |
| 32 | 12838 | ପୁରୀ - ହାଓଡ଼ା | ମଞ୍ଚେଶ୍ୱର | 15.08.2025 |
| 33 | 20823 | ପୁରୀ - ଆଜମେର ଜଂ | ମଞ୍ଚେଶ୍ୱର | 15.08.2025 |
| 34 | 20824 | ଆଜମେର ଜଂ - ପୁରୀ | ମଞ୍ଚେଶ୍ୱର | 16.08.2025 |
| 35 | 18447 | ଭୁବନେଶ୍ୱର - ଜଗଦଲପୁର | ଭୁବନେଶ୍ୱର | 15.08.2025 |
| 36 | 18448 | ଜଗଦଲପୁର - ଭୁବନେଶ୍ୱର | ଭୁବନେଶ୍ୱର | 14.08.2025 |
| 37 | 20861 | ପୁରୀ - ଅହମଦାବାଦ ଜଂ | ବଇଣ୍ଡା | 20.08.2025 |
| 38 | 20862 | ଅହମଦାବାଦ ଜଂ - ପୁରୀ | ବଇଣ୍ଡା | 17.08.2025 |
| 39 | 18425 | ପୁରୀ - ଦୁର୍ଗ | ବଇଣ୍ଡା | 15.08.2025 |
| 40 | 18426 | ଦୁର୍ଗ - ପୁରୀ | ବଇଣ୍ଡା | 15.08.2025 |
| 41 | 12807 | ବିଶାଖାପାଟଣା - ହଜରତ ନିଜାମୁଦ୍ଦିନ | ଥେରୁବାଲି | 16.08.2025 |
| 42 | 12808 | ହଜରତ ନିଜାମୁଦ୍ଦିନ - ବିଶାଖାପାଟଣା | ଥେରୁବାଲି | 15.08.2025 |
| 43 | 13351 | ଧାନବାଦ - ଆଲେପି | ଥେରୁବାଲି | 15.08.2025 |
| 44 | 13352 | ଆଲେପି - ଧାନବାଦ | ଥେରୁବାଲି | 15.08.2025 |
| 45 | 17481 | ବିଲାସପୁର ଜଂ - ତିରୁପତି | ଆମ୍ଲୋଦଲା | 16.08.2025 |
| 46 | 17482 | ତିରୁପତି - ବିଲାସପୁର ଜଂ | ଆମ୍ଲୋଦଲା | 15.08.2025 |
| 47 | 13351 | ଧାନବାଦ - ଆଲେପି | ଆମ୍ଲୋଦଲା | 15.08.2025 |
| 48 | 13352 | ଆଲେପି - ଧାନବାଦ | ଆମ୍ଲୋଦଲା | 15.08.2025 |
| 49 | 18518 | ବିଶାଖାପାଟଣା - କୋରବା | ମୁନିଗୁଡ଼ା | 15.08.2025 |
| 50 | 18517 | କୋରବା - ବିଶାଖାପାଟଣା | ମୁନିଗୁଡ଼ା | 15.08.2025 |
| 51 | 18301 | ସମ୍ବଲପୁର - ରାୟଗଡ଼ା | ଦେଓଗାଁ ରୋଡ଼ | 16.04.2025 |
| 52 | 18302 | ରାୟଗଡ଼ା - ସମ୍ବଲପୁର | ଦେଓଗାଁ ରୋଡ଼ | 16.04.2025 |
| 53 | 22827 | ପୁରୀ - ଆଜମେର ଜଂ | ତାଳଚେର ରୋଡ଼ | 04.01.2026 |
| 54 | 22828 | ଆଜମେର ଜଂ - ପୁରୀ | ତାଳଚେର ରୋଡ଼ | 06.01.2026 |
| 55 | 12837 | ହାଓଡ଼ା - ପୁରୀ | ନିର୍ଗୁଣ୍ଡୀ | 01.01.2026 |
| 56 | 12838 | ପୁରୀ - ହାଓଡ଼ା | ନିର୍ଗୁଣ୍ଡୀ | 01.01.2026 |

**ପ୍ରମୁଖ ଷ୍ଟେସନରେ ଟ୍ରେନ୍ ଚଳାଚଳ ସମୟର ପରିବର୍ତ୍ତନ**

12145 (ଲୋକମାନ୍ୟ ତିଲକ ଟର୍ମିନସ - ପୁରୀ) ସାପ୍ତାହିକ ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 1830 | 1850 |
| ବଲାଙ୍ଗୀର | 1940 | 1945 |
| ବରଗଡ଼ | 2035 | 2037 |
| ସମ୍ବଲପୁର | 2120 | 2130 |
| ଅନୁଗୁଳ | 0125 | 0127 |
| ତାଳଚେର | 0145 | 0205 |
| କଟକ | 0330 | 0335 |
| ଭୁବନେଶ୍ୱର | 0410 | 0415 |
| ଖୋର୍ଦ୍ଧା ରୋଡ଼ | 0425 | 0430 |

12879 (ଲୋକମାନ୍ୟ ତିଲକ ଟର୍ମିନସ - ଭୁବନେଶ୍ୱର) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 0010 | 0030 |
| ଅନୁଗୁଳ | 0314 | 0316 |
| କଟକ | 0545 | 0550 |

18005 (ହାଓଡ଼ା - ଜଗଦଲପୁର) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 0850 | 0900 |
| ରାୟଗଡ଼ା | 1510 | 1535 |
| କୋରାପୁଟ | 1915 | 1940 |
| ଜଗଦଲପୁର | 2230 | - |

18529 (ଦୁର୍ଗ - ବିଶାଖାପାଟଣା) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 0010 | 0020 |
| ସିଙ୍ଗାପୁର ରୋଡ଼ | 0453 | 0455 |
| ରାୟଗଡ଼ା | 0520 | 0530 |
| ପାର୍ବତୀପୁରମ | 0625 | 0630 |
| ବୋବିଲି | 0655 | 0700 |
| କୋଉଭଲାସା | 0830 | 0832 |
| ଶିମହାଚଳମ | 0926 | 0928 |
| ବିଶାଖାପାଟଣା | 1005 | - |

18451 (ହାଟିଆ - ପୁରୀ) ତପସ୍ୱିନୀ ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 2205 | 2225 |
| ଅନୁଗୁଳ | 0134 | 0136 |
| ତାଳଚେର | 0150 | 0210 |
| କଟକ | 0345 | 0350 |
| ଭୁବନେଶ୍ୱର | 0430 | 0440 |
| ଖୋର୍ଦ୍ଧା ରୋଡ଼ | 0500 | 0505 |
| ପୁରୀ | 0655 | - |

22865 (ଲୋକମାନ୍ୟ ତିଲକ ଟର୍ମିନସ - ପୁରୀ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 0010 | 0030 |
| ଅନୁଗୁଳ | 0314 | 0316 |
| କଟକ | 0545 | 0550 |

13351 (ଧାନବାଦ - ଆଲେପି) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 0120 | 0130 |

20807 (ବିଶାଖାପାଟଣା - ଅମୃତସର) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 1250 | 1310 |

20862 (ଅହମଦାବାଦ - ପୁରୀ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 1935 | 1955 |
| ବଲାଙ୍ଗୀର | 2045 | 2050 |
| ବରଗଡ଼ | 2143 | 2145 |
| ହୀରାକୁଦ | 2223 | 2225 |
| ସମ୍ବଲପୁର | 2245 | 2255 |
| ରେଢ଼ାଖୋଲ | 0010 | 0012 |
| ବଇଣ୍ଡା | 0208 | 0210 |

18422 (ସୋନପୁର - ପୁରୀ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ବଲାଙ୍ଗୀର | 2030 | 2050 |
| ବରଗଡ଼ | 2140 | 2145 |
| ହୀରାକୁଦ | 2223 | 2225 |
| ସମ୍ବଲପୁର | 2245 | 2255 |
| ରେଢ଼ାଖୋଲ | 0010 | 0012 |
| ବଇଣ୍ଡା | 0208 | 0210 |

ପୂର୍ବ ତଟ ରେଳପଥ

www.eastcoastrail.indianrailways.gov.in

ଫୋନ କରନ୍ତୁ 139

- ସୁରକ୍ଷା ସମ୍ବନ୍ଧୀୟ
- ଡାକ୍ତରୀ ସହାୟତା
- କୋଚ୍ ସଫା କରିବା
- କ୍ୟାଟରିଂ ଅଭିଯୋଗ
- ଭିଜିଲାନ୍ସ ଓ ଦୁର୍ନୀତି ନିବାରଣ
- ପିଏନଆର ସ୍ଥିତି, ଚାଲୁଥିବା ସ୍ଥିତି ଇତ୍ୟାଦି
- ଟ୍ରେନ୍ ଭିତରେ ଅଭିଯୋଗ

/@EASTCOASTRailway1 | /@EastCoastRail

D-9/25-26


# ମରାମତି ନାମରେ ମାସେ ହେଲା ରାସ୍ତା ଖୋଳି ଦେଇଛନ୍ତି ଠିକାଦାର


## ବଡ଼ ବଡ଼ ମେଣ୍ଟାଲ ଓ ଧୂଳିଧୂଆଁରେ ହୀନସ୍ତା ଅଞ୍ଚଳବାସୀ

ଡେରାବିଶ,୩।୧(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ କେନ୍ଦ୍ରାପଡ଼ା-ଗୋଲରାହାଟ ରାସ୍ତାକୁ ମରାମତି ନାମରେ ଠିକାଦାର ଗତ ଏକ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଖୋଳି ସମ୍ପୂର୍ଣ୍ଣ ପିଚୁ ଉଠାଇ ଦେଇଛନ୍ତି। ଫଳରେ ରାସ୍ତାରେ ଗଡୁଥିବା ବଡ଼ ବଡ଼ ମେଣ୍ଟାଲ ଓ ଧୂଳିଧୂଆଁ ଯୋଗୁ ଅଞ୍ଚଳବାସୀ ହୀନସ୍ତା ହେଉଛନ୍ତି।



ନିର୍ମାଣ ବିଭାଗ ପକ୍ଷରୁ ଏହି ବ୍ଲକ ଅନ୍ତର୍ଗତ ଗୁଆଳସିଂ ପଞ୍ଚାୟତର କେନ୍ଦ୍ରାପଡ଼ା କଲେଜଛକରୁ ଗୋଲରାହାଟ ପଞ୍ଚାୟତ ଗୋଲରାହାଟ ପର୍ଯ୍ୟନ୍ତ ରାସ୍ତାର ମରାମତି ପାଇଁ ଜଣେ ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଛି। ଠିକାଦାର ଜଣକ କେନ୍ଦ୍ରାପଡ଼ା କଲେଜ ଛକରୁ ଡେରାବିଶ ବିଇଓଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାରୁ ପିଚୁକୁ ତାଡ଼ି ଦେଇଛନ୍ତି। ଏଥିସହିତ ରାସ୍ତା ସମ୍ପ୍ରସାରଣ ପାଇଁ ଦୁଇପାଖ ତାଡ଼ି ସେଥିରେ ଡଷ୍ଟ ଭର୍ତ୍ତି କରିଛନ୍ତି। ଏହି ରାସ୍ତାଟି ବ୍ଲକ ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ହୋଇଥିବା ବେଳେ ଦୈନିକ ଶହଶହ ଲୋକ ଡେରାବିଶ ବ୍ଲକ କାର୍ଯ୍ୟାଳୟ, ବିଇଓ କାର୍ଯ୍ୟାଳୟ ଓ ଜିଲ୍ଲା ମୁଖ୍ୟାଳୟ ଯାତାୟାତ ପାଇଁ ଏହାକୁ ବ୍ୟବହାର କରୁଛନ୍ତି। ଶହଶହ ଛାତ୍ରଛାତ୍ରୀ ବିଭିନ୍ନ ସ୍କୁଲ କଲେଜକୁ ଯାଇଥାନ୍ତି। ତେବେ ରାସ୍ତାରେ ଗଡୁଥିବା ବଡ଼ ବଡ଼ ମେଣ୍ଟାଲ ଯୋଗୁ ଦୈନିକ ବହୁ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେଉଥିବା ବେଳେ ଛାତ୍ରଛାତ୍ରୀମାନେ ମଧ୍ୟ ପଡ଼ି ଖଣ୍ଡିଆଖାବରା ହେଉଥିବା ଅଭିଯୋଗ ହେଉଛି। ଏପରିକି ଠିକାଦାର ରାସ୍ତାରେ ପାଣି ସିଞ୍ଚନ କରୁ ନ ଥିବାରୁ ଗାଡ଼ି ଯିବାବେଳେ ଉଡୁଥିବା ଧୂଳିରେ ଅଞ୍ଚଳର ଲୋକମାନେ ଅତିଷ୍ଠ ହୋଇପଡ଼ିଲେଣି। ରାସ୍ତା ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବା ଓ ଧୂଳି ନ ଉଡ଼ିବା ପାଇଁ ରାସ୍ତାରେ ଦୈନିକ ପାଣି ସିଞ୍ଚନ କରିବାକୁ ସ୍ଥାନୀୟ ଲୋକେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ତୁରନ୍ତ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ନ ହେଲେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଦିନେ ଦିନକର କଥା



**ଗଙ୍ଗାଧର ବିଶ୍ୱାଳ**



ଦିନକର କଥାଟି ଏମିତି ।
ଶୀତ ସରି ସରି ଆସୁଥାଏ ।
ପାଚିଲା ଧାନକ୍ଷେତର କିଆରି କିଆରି ହସ ଆଉ ହସ ।

ଚବରଚବର ପାଣିଚିଆ ପାଉଁଜିର ଓଡ଼ିଶୀ ଆତୁଆଳରେ, ମଧୁ ମାଷ୍ଟ୍ରେଙ୍କ ଆଖି ହଳକ ବର୍ଚ୍ଛାର ଚକ୍‌ଚକ୍ ଧାରୁଆ ମୁହଁ । ଘରବାଡ଼ିରେ ଲତା ହେଇ ନଟେଇ ଯାଉଥାଏ, ମଧୁମାଳତୀ । ଫୁଲ୍‌ଫୁଲିଆ ଜହ୍ନରାତି ଆଉ ନିଛାଟିଆ ନିର୍ଜନତା ଦେଖୁଛି, ସାଧୁ ପଧାନର ଯୁବତୀ ଝିଅ ରଙ୍ଗଲତା । ତା' ଡେଣାରେ ଯୋଡ଼ି ଯାଇଛି, ଅପ୍‌ସରୀର ଆହ୍ଲଳା । ରାଜକୁମାର ଜଣେ, ପକ୍ଷୀରାଜ ଘୋଡ଼ା ଚଢ଼ି ଓହ୍ଲେଇ ଆସୁଛି । ଅଭିଆଡ଼ୀ ରଙ୍ଗଲତାର ଦେହରେ ବିବଶ ଜହ୍ନରାତିର ମାଦକତା ।

ଗାଁ ଶେଷ, ପୋଖରୀ । ପୋଖରୀର କାଚକେନ୍ଦୁ ପାଣିରେ ନୌ-ବିହାରରେ ବିଭୋର, ଦୁହେଁ ।

ତା'ପରେ । ଘଟଣାଟିକୁ ସ୍ୱପ୍ନ କୁହାଯାଉ ।
କାରଣ, ଆଜିକାଲି ସ୍ୱପ୍ନରେ ଯାହା ମିଛ, ବାସ୍ତବରେ ତାହା ହିଁ ସତ ।

ଜହ୍ନରାତିର ଆଲୁଅରେ ତିଆରି ଶିଢ଼ିଟାଏକୁ ଆଶ୍ରା କରି, ତଳକୁ ତଳ ପୋଖରୀର ଅକାତକାତ ପାଣିକୁ ପାରି ହେବା ପାଇଁ ଉଦ୍ୟମ ଜାରି । ରାଜକୁମାର ଓ ଅପ୍‌ସରୀର ଜଳକ୍ରୀଡ଼ା । ପାଣି ତଳ ରାଜପ୍ରାସାଦର ଅନ୍ତେବାସୀ, ଭଅଁରର ଫରୁଆ ସାମ୍ରାଜ୍ୟରେ ବିଚରଣ ।

ଏମିତି କେତେକେତେ କଥା ।

ସ୍ୱପ୍ନର କି ହାତଗୋଡ଼ ଥାଏ । ଥାଏ କି, ଯୋଜନ ଯୋଜନ ଦୂରତାର ମାଇଲଖୁଣ୍ଟି ! ?

ତା'ପରେ । ସ୍ୱପ୍ନ ନୁହେଁ, ସତ ।
ସତ ହେଉ, ସପ୍ତରଂଗର ଇନ୍ଦ୍ରଧନୁ ।

ସତସତିକା ମିଛ ଓ ମିଛିମିଛିକା ସତ ହେଇଯାଉ ଦିନକର କଥାଟି । ଦିନକର କଥାରୁ ଲେଖାଯାଉ, କେଇ ଫର୍ଦ୍ଦ ଗପ । ଗପ ଲାଗୁ, ଗପ ଭଳି । ନିଜ ନିଜ ମନକୁ ଛୁଇଁଲା ଭଳି ହେଉ, ଗପ ।

ପୋଖରୀ । ଅତଏବ ପୋଖରୀର ସାତତାଳ ପଙ୍କତଳେ ଥିବା ନଅରର ଏକଛତ୍ରାଧିପତି ରାକ୍ଷସର କଡ଼ଲେଉଟା ନିଦ । ଦୋହଲିଲା, ପୋଖରୀ । ଭଉଁରିଗଲା, ପୋଖରୀର ପାଣି । ଯକ୍ଷଦେବତା ପ୍ରମାଦ ଗଣିଲେ । ଶହେ ଆରପାରିର ଏକାକୀ ଛତ୍ରପତି ବିରାଟକାୟ ମାଛଟିର ଆଖିରେ ପ୍ରଳୟର ନିଆଁ । ନିଆଁ ଚରିଗଲା, ପୋଖରୀ । ନିଆଁ ଚରିଗଲା, ପବନ । ନିଆଁ ଚରିଗଲା, ଜଙ୍ଗଲ । ନିଆଁ ଚରିଗଲା, ଜନବସତି ।

ଅନେକ କିଛି ବଦଳିଗଲା । ବଦଳିଗଲା, ଜୀବନ । ବଦଳିଗଲା ଜୀବିକା ।

ପୋଖରୀ ପରିତ୍ୟାଗ କରି ଭିକାରି ବେଶରେ ପାଣିରୁ ବାହାରିଲେ, ଯକ୍ଷଦେବତା । କପର୍ଦ୍ଦକଶୂନ୍ୟ ଫକୀରର ଭ୍ରମ ଥିଲା ତାଙ୍କ ଚେହେରାରେ । ଲାଗୁଥିଲେ ଅସହଜ ଅସହଜ । ଅଥଚ ଦିଶୁଥିଲେ, ଶାନ୍ତ । ଦିଶୁଥିଲେ, ହସହସ । ଖୁସି ମିଜାଜ୍‌ର । ହୁଏତ ନିଜକୁ ନିଜେ ପସନ୍ଦ କରିବା, ଥିଲା ତାଙ୍କର ପ୍ରଥମ ପସନ୍ଦ ।

ଚାହୁଁ ଚାହୁଁ ରୁପା ମାଛ, ସୁନା ମାଛ ନିଜ ନିଜର ଠାଣି, ବାଣୀ ଆଉ ସୁନ୍ଦର ସ୍ୱରକୁ ନେଇ, ଥିଲେ ଉତ୍‌ଫୁଲ୍ଲିତ । ପାଣି ପହଁରା ଭୁଲି ପବନ ପହଁରାର ଉଡ଼ାଣରେ ଥିଲେ ପ୍ରସ୍ତୁତ । ଧୀବର, କେଉଟଙ୍କ ମାଛଧରା ଜାଲ ଆଉ ନ ଥିଲା । ଥିଲା, ଶିକାର ଉପଲବ୍ଧ ଧନୁ ଆଉ ତୀର । ପାଣିକୁ ଜାଲ ଫିଙ୍ଗିବା ଭୁଲି ସେମାନେ ଆକାଶକୁ ଫିଙ୍ଗୁଥିଲେ, ମାରଣାସ୍ତ୍ର । ଆଗେ ଆଗେ ମାଛ ରୂପୀ ପକ୍ଷୀ ଓ ପଛେ ପଛେ ଜାଲ ରୂପୀ ଜୀବନନାଶକ ଅସ୍ତ୍ର । ଆଗରେ ଜୀବନ । ପଛରେ ମରଣ ।

ଏହା ଦେଖାଦେଖି, ଜହ୍ନଆଲୁଅର ଛାତି ଚିରି, ଚରିଗଲା ଖରା । ଭାଦ୍ରବର ଟାଣ ଖରା । ବର୍ଷା ଓଦା ଚିଡ଼ିଚିଡ଼ା ଖରା । ପୋଖରୀ ହୁଡ଼ାର ଗଛଡ଼ାଳରେ ବିଶ୍ରାମ କାଟୁଥିବା ଅଣ୍ଟଧାରୀ ଚଢ଼େଇମାନେ ନିଜନିଜ ଡେଣାରୁ, ଗଛ ଡାଳରୁ, ନିଦୁଆ ଖରାବେଳରୁ ବିରତି ନେଇ ଗୋଟେ ଗୋଟେ ଅଘଟଣର ଆକଳନ କରିବା କାମରେ, ହେଲେ ଅନ୍ୟମନସ୍କ । ଅନ୍ୟମନସ୍କ, ଜୀବଜଗତ । ଅନ୍ୟମନସ୍କ ମଣିଷ । ଅନ୍ୟମନସ୍କ, ନାରୀ ଓ ପୁରୁଷ ।

ଆଖିରେ, ଦେହରେ, ମନରେ ସେମାନଙ୍କର, ପରିବର୍ତ୍ତନର ରୋମାଞ୍ଚ । ଅନୁଭବ । ପୁଲକ । ଥୁଣ୍ଟାଗଛରେ ପତ୍ରକଅଁଳା ଋତୁ । କୋଇଲିର କଣ୍ଠରେ କା'କା ରାବ । କୁଆର ଡାକରେ ବସନ୍ତର କୁହୁ । ମାଛରଙ୍କାର ଥଣ୍ଟରେ କାଠହଣା ଚଢ଼େଇର ଠକ୍‌ଠକ୍ ପାହାର । ପଡ଼ିଆରେ ଗୋରୁଗାଈ ପିଠିରେ, ପଛରେ ଚାଲି ଚାଲି ଯାଉଥିବା ବଗର ଟିଙ୍କଖିଆ, ପୋକଗିଳା ସ୍ୱଭାବ । ପାରା ଓ କପୋତଙ୍କ ଦଳବଦ୍ଧ ଏକତା ବାହାରେ ଛତ୍ରଭଙ୍ଗର ବିରହ ଜ୍ୱାଳା ।

ଗାତରେ, ଅପନ୍ତରାରେ ଓ ଅଯତ୍ନରେ ପଡ଼ିରହୁଥିବା ସାପଙ୍କ ସ୍ୱଭାବରେ ବେଶ୍ କିଛି ଫରକ । ଲକ୍ଷ୍ୟ କରିବାର କଥା, ଏପରି ହେବା ପଛର ରହସ୍ୟଟି କ'ଣ?

ଫଳନ୍ତି ଗଛର ପତ୍ର ଉହାଡ଼ରେ ଚୁପ୍‌ଚାପ୍ ବସିଥିବା ଶୁଆଶାରୀ । ଘରବାଡ଼ିର ନେଉଳ, ପୋଷାବିରାଡ଼ି, କୁକୁର ଓ ଗୃହପାଳିତ ଜୀବଜନ୍ତୁ । ଆଉ ମଣିଷମାନେ ।

ଦେଖୁଦେଖୁ ବିମର୍ଷ ମୁହଁଟିମାନ ନେଇ ଚାଷୀଭାଇ ବାହାରିଛି, କ୍ଷେତକୁ । କ୍ଷେତରେ ପାଚିଲା ଫସଲ ନାହିଁ । ନାହିଁ, କିଆରି କିଆରି ହସ । ପୋଖରୀଟି ପୋଖରୀ ହେଇ ନାହିଁ । ଶାଗୁଣା, ବିଲୁଆ ମଢ଼କୁ ଘେରି ଭୋଜି ମଉଜରେ ନାହାନ୍ତି । ନାହାନ୍ତି, ବରଗଛ ତଳ ଛାଇରେ ଘଡ଼ିଏ ବସି, ପୁଣି ବାଟ ଚାଲିବା ଅପେକ୍ଷାରେ ଥିବା ବାଟୋଇ । ଗଛ ଓହଳ ଚଢ଼ି ଗଛ ଡାଳରେ ଡାଳ ମାଙ୍କୁଡ଼ି ଖେଳୁଥିବା ପି ଲ । କ ବି ଲ । ଙ୍କ ମନଖୋଲା ରଢ଼ି । ଗାଇଆଳ ପିଲାର ମନଗଢ଼ା ହାତ ତିଆରି ସଂଗୀତର ସ୍ୱର । କୁଆଡ଼େ ଗଲା, ପବନବାହୀ ବାର୍ତ୍ତାର ସୁମଧୁର ଆଳାପ । କିଏ ଚୋରେଇ ନେଲା? ଆହା ! ଗଛତଳ ଛାଇରେ ତାଡ଼ି, ହାଣ୍ଡିଆ ଆସର । ନିଶାପାଣି ବେପାରରେ ବସିଥିବା ଉଠା ସଂସାର । କି ଭରସା, ଏ ଜୀବନକୁ? ଖରା ବର୍ଷା ଶୀତ କାକରରେ ଝାଳ ନିଗାଡ଼ି ଜୀବନ ଜିଇବା ସ୍ୱପ୍ନ ହେଇଗଲା । ଦେହ ମେହେନତିର ମଣିଷ, ମାଟିର ମଣିଷ କି ସ୍ୱପ୍ନରେ, ନିଦରେ, ଶାନ୍ତିରେ ନିଃଶ୍ୱାସ ନେବନି, ରାତିରେ? ରାତିରେ ନଶୋଇଲେ, ସଂସାର ପାଇଁ କାମକୁ ବାହାରିଯିବ କେମିତି, କାଲି ସକାଳେ ।

ଦେଖୁଦେଖୁ, ହାର ବୁଢ଼ୀ ରାତିଅଧିଆ ବାହାରିଛି, ମଶାଣି ଭୂଇଁ । ଗୋଡ଼କୁ ଟେକି ପାଦରେ ଚାଲି ଚାଲି ଘୁଅ ଚରେ, ଡାଆଣୀ ହେଇ । କଅଁଳା ଛୁଆର ଜିଅନ୍ତା ମାଂସ ଖାଏ । ମଲା ଛୁଆକୁ ବଞ୍ଚାଏ । ଖେଳାଏ । ଗେଲ କରେ । ଭୋର୍ ଭୋର୍ ଘରମୁହାଁ ହୁଏ ।

ଭୋର୍‌ରୁ, ନିଦରୁ ଉଠି ବାରିକଘରର ପୁଅ ଝିଅ ବହି ପଢ଼ନ୍ତି । ପାଠ ଘୋଷନ୍ତି । ଛବିଳ ମଧୁ ବର୍ଣ୍ଣବୋଧରୁ ବନାନ ଶୁଦ୍ଧି ହୁଅନ୍ତି । ଶଙ୍କି ବିଲେଇ ଜୁଲୁଜୁଲୁ ଅନାଇଥାଏ ତ ନଜର ଥାଏ ଖଳାବାଡ଼ିର ଗଭୀର ବିଲ ଧାନକଳିର ଗାଦିତଳ ମାଟିକୁ । ମୂଷାଗାତର ମାଟିକୁ, ଧାନର ଅମାରକୁ । ଅଥଚ ବହିରେ ଲେଖାଥାଏ, "ବିଲେଇ ନାନୀ ଉଠାଏ ଫଟୋ ମୂଷାପଲଙ୍କୁ ଦେଖି ।"

ଦିନେ କିନ୍ତୁ ସାତତାଳ ପାଣିତଳ ନଅରର ରାକ୍ଷସ ମଲା । ମଲା, ଭଅଁର । ଯେଉଁ ଭଅଁରଟି ରାକ୍ଷସର ଜୀବନନାଟିକା ।

ଚାହୁଁ ଚାହୁଁ, ସ୍ୱପ୍ନ ଲାଗିଲା ସତ ।
ଦେଖୁଦେଖୁ, ସତ ଲାଗିଲା ସ୍ୱପ୍ନ ।
ଅତଏବ, ଜୀବନ ସ୍ୱପ୍ନ ଆଉ ସତ, ସତ ଆଉ ସ୍ୱପ୍ନ ।

ଏତେସବୁ କଥା ଜାଣିବା ବେଳକୁ କିଛିଦିନ ବିତିଯାଏ । ବିତିଯାଏ, ମାସମାସ, ବର୍ଷବର୍ଷ । ପୂର୍ବଭଳି ସମୟ ହୁଏ ସ୍ୱାଭାବିକ । ସବୁକିଛି ହୁଏ ଠିକ୍‌ଠିକ୍ । ସମୟର ବାଟଭୁଲାମନ ଆଉ ଅନ୍ୟମନସ୍କ ମନଟି ଧାରାବାହିକ ବିବରଣୀରୁ, ପ୍ରବଚନରୁ ବିରତ ହେଇ ପୁଣି ଫେରିବାବେଳକୁ ଲାଗିଯାଏ ଅନେକ ଦିନ । ଅନେକ ରାତି ।

ପୁଣି ସମୟ ଫେରେ, ଫେରିବା ବାଟକୁ । ଆଲୁଅ ପରି ନୁହେଁ, ଲତା ପରି । ଗୁଡ଼େଇ ତୁଡ଼େଇ । ଲାଗେ, ଯୁଗଟିଏ ବିତିଗଲା । ଯେମିତି, ହଜିଯାଇଥିବା ଅନିମା, ଦିନେ ନା ଦିନେ ଅବଶ୍ୟ ଫେରିବ । ■

'ଆମ ଘର'
ନିଉ କଲୋନି, ନେଳିଆବାଗ, ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧
ମୋ: ୯୪୩୭୧୨୯୨୬୫

## ଅଜାତଶତ୍ରୁ

**ଫନୀ ମହାନ୍ତି**



ମୋହବନ୍ଧର ମାୟାଜାଲରୁ
ବିମୁକ୍ତ କରି
ମତେ ନୂଆ ଜୀବନ ଦିଅ
ମୁଁ ତଲ୍ଲୀନ ହୋଇଯିବାକୁ
ଚାହେଁ ଭୂମିରେ
ଭୂମାରେ, ଘଟରେ
ପଟରେ, ଅଘଟନ ଘଟନ
ପଟିୟସୀ ମାୟାବର୍ତ୍ତର
ମାୟାନ୍ଧକାରରେ
ସଚରାଚରରେ, ମଧୁର ପ୍ରେମରେ ।

ଅନୌପଚାରିକତାରେ
ଅଣଲୋଡ଼ାରେ ମୋର
ହୋଇ କିଛି ହିଁ
ନରହୁ ଯେ' ଭବବନରେ,


ମୋର ପରିଚିତି
ମୋର ଅସ୍ମିତା
ମୋର ସ୍ୱାଭିମାନ
ମୋର ଅହଂକାର
ନିପାରିଲାପଣର
ନିଟୋଳ ପୁରୁଷକାର
ବିନଷ୍ଟ ହୋଇଯାଉ ପଛେ

କାଳକାଳ ଅନନ୍ତକାଳ
କିନ୍ତୁ, ଲକ୍ଷ୍ୟଚ୍ୟୁତ ନ ହେଉ

ମୋ ଗାଣ୍ଡିବ ତୂଣୀରର ନିକ୍ଷିପ୍ତ
ଶରଜାଲରେ
ମୁଁ ଥାଏ କି, ନ ଥାଏ
ଆମ ଏହି ଦ୍ୟାବା ପୃଥିବୀରେ

ବିଷାଦ ଅପନୋଦନର
ଅଭୟ କବଚ
ଦିଅ ମତେ ଇଶ୍ୱର
"ହେ ପରମେଶ୍ୱର!
ନିତ୍ୟ ନୂତନତାରେ ଉନ୍ମୀଳିତ କର
ମତେ ଉନ୍ମୁଖ କର
ବିସ୍ତୃତରୁ ବିସ୍ତୃତତର କର
ଅଜାତଶତ୍ରୁ କର
ନିଟୋଳ ପ୍ରେମର ମଧୁରିମାରେ
ମତେ ଉଦ୍ଦୀପିତ କର
ଛଳଛଳ ଛଳକପଟରୁ ମୁକ୍ତ
କର ହେ ମୋର ପ୍ରିୟତମ ଅବିନଶ୍ୱର ।। ■

ପୁଷ୍ପଧନୁ, ବମିଖାଲ, ଭୁବନେଶ୍ୱର



## ସମୟ ତା' ନିଜ ବାଟରେ

**ଅପର୍ଣ୍ଣା ମହାନ୍ତି**



ସମୟ ତା' ନିଜ ବାଟରେ
ଅପର୍ଣ୍ଣା ମହାନ୍ତି
ମହାକାଳର ବା
କ'ଣ ଯାଏ ଆସେ !

ମଣିଷ ଇ
ବଦଳାଉଥାଏ କ୍ୟାଲେଣ୍ଡର
ମଣିଷ ପାଇଁ ହିଁ
ଆରମ୍ଭ ହୁଏ ଓ ସରିଯାଏ
ସମୟ... ।

ସମୟକୁ ହାତମୁଠାରେ
ଧରି ରଖିବାର ଅହଙ୍କାର
ଏଇ ମଣିଷର,
ମଣିଷକୁ ଇ
ଛଟପଟ କରେ ମୃତ୍ୟୁର ଆତଙ୍କ
କାଳ ଗ୍ରାସର ଭୟ ।

କାଳେ କେତେବେଳେ ମରିଯିବ
ତା' ଆଗରୁ, ସାରା ବସୁନ୍ଧରାକୁ
ପଦାନତ କରିଯିବ ବୋଲି ତ
ସେ ଥରକୁ ଥର
ରକ୍ତରେ ମାଟି ପଖାଳେ

ବିନାଶର ତାଣ୍ଡବରେ
ସମୟକୁ ଥରହର କରେ

ପାଣି, ପବନ, ଆକାଶ
ଆଲୋକରେ ବିଷ ଭରେ
ସର୍ବନାଶର ଶିଖରରେ
ପତାକା ପୋତି
ଘୋଷଣା କରେ
ବିଜୟ...ବିଜୟ...

ଏତେ ଜଞ୍ଜାଳ ନ ଥାଏ
ଚଢ଼େଇ ଛୁଆର
ଫୁଲ ପାଖୁଡ଼ାର
କି ଶୀତ ସକାଳର
ଏଇ କାକର ଟୋପାର ।

ନା ଏସବୁ ଦ୍ୱନ୍ଦ୍ୱ ସଂଘାତ
ବି ନଥାଏ ଆଣ୍ଠୁଆ ଗୋପାଳର
ବୁଲା ଫକୀରର

ମୁଗ୍ଧ ପ୍ରେମିକର
ବିଭୋର କବିର
ମଗ୍ନ ସନ୍ନ୍ୟାସୀର... ।


ସମୟକୁ ଏମାନେ
ତା' ନିଜ ବାଟରେ
ଯିବାକୁ ନେଲାବେଳେ
ମହାକାଳ,
ଏଇମାନଙ୍କ ନିଷ୍ପାପପଣର
ପଛେ ପଛେ...
ଛପି ଛପି ଗୋଡ଼ାଇଥାନ୍ତି
ଖାଲି ଦିଶିବାକୁ
ଟିକିଏ ନିର୍ମଳ, ନିର୍ଭୟ । ■

ଗ୍ରା:/ପୋ: କପାଳେଶ୍ୱର
ଭାୟା: ଠାକୁରପାଟଣା
କେନ୍ଦ୍ରାପଡ଼ା- ୭୫୪୨୫୦

## ପୁସ୍ତକ ଓ ପତ୍ରିକା ପରିଚୟ

### ସୁଭାଷିତ ଶତଦଳ

**ସୁଷମା ପରିଜା**





ବନଫୁଲ
ଭିଏସ୍ଏସ୍ ନଗର,
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ ୨୨୫ ଟଙ୍କା

ନିକଟ ଅତୀତରେ ପ୍ରକାଶ ପାଇଛି ସୁଷମା ପରିଜାଙ୍କ 'ସୁଭାଷିତ ଶତଦଳ' ପୁସ୍ତକ । ଏହି ପୁସ୍ତକରେ ୧୦୦ଟି ପ୍ରବନ୍ଧ ସଂକଳିତ ହୋଇଛି । ପ୍ରତିଟି ପ୍ରବନ୍ଧରେ ଜୀବନ ଜିଜ୍ଞାସା, ଜୀବନର ମୂଲ୍ୟବୋଧ, ମାନବିକତା, ଦାର୍ଶନିକ ଚିନ୍ତାଧାରା, ଐଶ୍ୱରୀୟ ଚେତନା ପ୍ରତିଫଳିତ ହୋଇଛି । 'ବର୍ତ୍ତମାନ ସମୟ ହିଁ ଶ୍ରେଷ୍ଠ ସମୟ', 'ଅନ୍ୟର କଥା ଶୁଣି ବିବ୍ରତ ହୁଅନା', 'ବୃହଭେଦ', 'ସଂପର୍କ', 'ଆଧ୍ୟାତ୍ମିକତା', 'ମଧୁମୟ ବିଶ୍ୱ', 'ଜୀବନ ଏକ ଯାତ୍ରା', 'ସମାଜ ଆଉ ଆମେ', 'କଷ୍ଟ କଲେ କୃଷ୍ଣ ମିଳେ', 'କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ', 'ସୁଖର ସନ୍ଧାନ', 'ନୀରବତାର ହିଁ ଶ୍ରେୟସ୍କର', 'ଜୀବନ ଅଳିକ', 'ଉତ୍ତମ ବନ୍ଧୁ' ଆଦି ପ୍ରବନ୍ଧଗୁଡ଼ିକ ମନନଶୀଳ, ଶିକ୍ଷଣୀୟ ଓ ପ୍ରେରଣାପ୍ରଦ ହୋଇଛି । 'ସୁଭାଷିତ ଶତଦଳ'ର ପ୍ରବନ୍ଧଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ବୁଢ଼ୀମା ଓ ଅନ୍ୟାନ୍ୟ ଗଳ୍ପ

**ପ୍ରଭାତ ସିହ୍ନା**




ଶାନ୍ତିସେନା ପବ୍ଲିକେଶନ୍‌ସ
ଜଗତସିଂହପୁର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ ୧୫୦ ଟଙ୍କା

ଜଣେ ବୁଢ଼ୀମା'ର ପ୍ରେମ, ମମତା ଓ ସଂଘର୍ଷମୟ ଜୀବନକୁ ନେଇ ଗତିଶୀଳ ହୋଇଛି 'ବୁଢ଼ୀମା' ଗପର କାହାଣୀ । ପ୍ରଭାତ ସିହ୍ନାଙ୍କ 'ବୁଢ଼ୀମା ଓ ଅନ୍ୟାନ୍ୟ ଗଳ୍ପ' ପୁସ୍ତକରେ ସଂକଳିତ ହୋଇଛି ୧୪ଟି ଗପ । 'ଖରା ଲେଉଟାଣି', 'ବୁଢ଼ୀମା', 'ପ୍ଲାଟ୍‌ଫର୍ମ ଟିକଟ', 'କଣ୍ଢେଇ ରାଣୀ', 'ଭୋକ ଓ ଭୋଟ', 'ଅଧାଖୋଲା ଝର୍କା', 'ପ୍ରେମ ଓ ପ୍ରଳୟର ପର୍ବ', 'ସପନର ରେଳଗାଡ଼ି', 'ଲଭ ଷ୍ଟେସନ୍' ଆଦି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ଏହି ପୁସ୍ତକରେ ସଂକଳିତ ଗପଗୁଡ଼ିକ ମାନବୀୟ ଭାବାବେଗ, ସାମାଜିକ ବାସ୍ତବତା, ଜୀବନଧର୍ମୀ ହୋଇଛି । ଏକ ଅପ୍ରୀତିକର ଘଟଣାରୁ କିଭଳି ଦୁଇଟି ପରିବାର ମଧ୍ୟରେ ବନ୍ଧୁତ୍ୱ ସୃଷ୍ଟି ହୋଇଛି, ତାହା 'ସପନର ରେଳଗାଡ଼ି' ଗଳ୍ପରେ ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି । ଏହି ପୁସ୍ତକର ଗପଗୁଡ଼ିକର ସରଳ ଭାଷା, ନିଆରା କାହାଣୀ ପାଠକମାନଙ୍କୁ ବାନ୍ଧି ରଖିବ ବୋଲି ଆଶା କରାଯାଏ । ■

### ଲେଖନୀ


**ମୁଖ୍ୟ ସଂପାଦକ: ଅକ୍ଷୟ କୁମାର ଜେନା**




ଧର୍ମଶାଳା ସଂସ୍କୃତି ପରିଷଦ
ଧର୍ମଶାଳା, ଯାଜପୁର
ମୂଲ୍ୟ ୫୦ ଟଙ୍କା

ଅକ୍ଷୟ କୁମାର ଜେନାଙ୍କ ସଂପାଦନାରେ ପ୍ରକାଶିତ ତ୍ରୈମାସିକ ପତ୍ରିକା 'ଲେଖନୀ'ର ସାରଳା ବିଶେଷାଙ୍କ ପ୍ରକାଶ ପାଇଛି । ଏହି ସଂଖ୍ୟାରେ କୃଷ୍ଣ ବଳଙ୍କ 'ସେ ଯେମନ୍ତ ଲେଖିଲେ, କେମନ୍ତ ଲେଖିଲେ: ସାରଳାଙ୍କ ମନୋଚେତନା', ପଣ୍ଡିତ କାମଦେବ ଶତପଥୀଙ୍କ 'ଦୁଇ ମହାଭାରତ: ସଂସ୍କୃତ ଓ ଓଡ଼ିଆ ପ୍ରାକୃତ', ବାମଦେବ ପାଢ଼ୀଙ୍କ 'ପ୍ରାକୃତ ସାହିତ୍ୟର ଆଦିପର୍ବ ଓ ଶୂଦ୍ରମୁନି ସାରଳା ଦାସ', ଡକ୍ଟର ସନ୍ତୋଷ କୁମାର ମହାପାତ୍ରଙ୍କ 'ସାରଳା ମହାଭାରତରେ ଚର୍ଯ୍ୟାଗୀତିର ଭାଷା' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ତଥ୍ୟଭିତ୍ତିକ ହୋଇଛି । ସାରଳା ଦାସଙ୍କ କୃତିଗୁଡ଼ିକ ସଂପର୍କରେ ଜାଣିବା ପାଇଁ 'ଲେଖନୀ'ର ଏହି ସଂଖ୍ୟାଟି ଅତ୍ୟନ୍ତ ଉପାଦେୟ । 'ଲେଖନୀ'ର ସାରଳା ବିଶେଷାଙ୍କ ଗବେଷକ, ଛାତ୍ରଛାତ୍ରୀମାନଙ୍କ ପାଇଁ ସଂଗ୍ରହଣୀୟ ନିଶ୍ଚୟ । ■



**ପୀତବାସ ରାଉତରାୟ**

## "କେତେ ରଙ୍ଗଭରା ସାହିତ୍ୟିକ ଜୀବନ"

କେତେ ରଙ୍ଗର ଏ ଜୀବନ । ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ମୋର ମନେ ପଡ଼ିଯାଉଛି କିମ୍ବଦନ୍ତୀ ପୁରୁଷ ଚନ୍ଦ୍ରଶେଖର ରଥଙ୍କ କଥା । ସେ ପ୍ରଥମେ ପ୍ରବନ୍ଧ ଓ ରମ୍ୟ ରଚନାରୁ ଆରମ୍ଭ କଲେ ସାହିତ୍ୟିକ ଜୀବନ । ପରେ ପରେ ଲେଖି ଚାଲିଲେ ଅସରନ୍ତି ଗଳ୍ପ ତା' ସାଙ୍ଗକୁ ଚହଳ ପକାଇଲା ଭଳି ତିନୋଟି ଉପନ୍ୟାସ । ତା' ପରେ ଆସିଲା କବିତା । ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଲେଖିଲେ ଗଦ୍ୟର ଗୀତଗୋବିନ୍ଦ 'ରଥ ସପ୍ତକ' । ଲେଖା ସହ ଚିତ୍ର ଆଙ୍କିଲେ, ପଥରରେ ମୂର୍ତ୍ତି ଗଢ଼ିଲେ । ଶେଷ ଜୀବନରେ ସଂସ୍କୃତରେ ଶ୍ଳୋକ ଲେଖିବା ଆରମ୍ଭ କରି ଶ୍ରୀଜଗନ୍ନାଥଙ୍କୁ ରଥରେ ସମର୍ପି ଦେବା ପାଇଁ ମୋତେ ଯେତେବେଳେ ଦେଲେ ମୁଁ ସେତେବେଳେ କହିଲି "ସାର୍ ଆପଣ ଓଡ଼ିଆ ଓ ଇଂରାଜୀରେ ସାହିତ୍ୟର ପ୍ରାୟ ସବୁ ଦିଗକୁ ଛୁଇଁ ଚିତ୍ର କଳାକୁ ଆସିଲେ ପୁଣି ଏବେ ସଂସ୍କୃତ ଲେଖନୀ!" ସେ ପଦେ ହସି କହିଥିଲେ "ମାଲିକ ଆମକୁ ଜନ୍ମ ଦେଇଛନ୍ତି ଆମ ଦ୍ୱାରା ଯାହା ସେ କରେଇ ନେବେ ଆମେ ତାକୁ ଆଶୀର୍ବାଦ ବୋଲି ଭାବି ନେବା । " ତାଙ୍କ ଭଳି ଜଣେ ପ୍ରବାଦ ପୁରୁଷଙ୍କ କଥା ମୋର ମନେ ପଡ଼େ ଯେତେବେଳେ ମୁଁ ସାହିତ୍ୟ ରାଜ୍ୟରେ ନିଜକୁ ବିଶ୍ଳେଷଣ କରେ ।

ମୋର ଜନ୍ମ ଏକ ବିଶ୍ୱ ପ୍ରସିଦ୍ଧ ସ୍ଥାନ କୋଣାର୍କ ମନ୍ଦିରର ନିକଟବର୍ତ୍ତୀ ଗ୍ରାମରେ, ଯେଉଁ ଗ୍ରାମର ପୋଖରୀ ତୁଠରୁ କୋଣାର୍କ ମନ୍ଦିର ଦୃଶ୍ୟମାନ ହୁଏ । ଗାଁ ଚାରିପାଖ ବାଲିବନ୍ତ ଓ ଝାଉଁଗଛ । ପିଲାଦିନେ ବାଲିବନ୍ତରେ ଖେଳିବାର ଆନନ୍ଦ ଓ ରାତି ହେଲେ ଜହ୍ନ ଆଲୁଅ ଫାଙ୍କରେ ଝାଉଁଗଛର ଶୋଭା, ଅଦୂରରେ ସମୁଦ୍ରର ଗର୍ଜନ ମନ ଭିତରେ ଗୋଟିଏ ସୃଜନାତ୍ମକ ପରିବେଶ ସୃଷ୍ଟି କରିଥିଲା । ପିଲାଦିନରୁ କୋଣାର୍କ ମନ୍ଦିରର ଶିଳ୍ପକଳା ମନ ଭିତରେ ବିସ୍ମୟ ସୃଷ୍ଟି କରିଥିଲା । ଗାଁ ସ୍କୁଲରେ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ି ଚାଲି ଆସିଲି ଭୁବନେଶ୍ୱର ଯେତେବେଳେ ବାପା ଥିଲେ ସମବାୟ ବିଭାଗରେ ଶିକ୍ଷା ଓ ସଂପ୍ରସାରଣ ଅଧିକାରୀ । ଘରକୁ ଯେତେବେଳେ ଆସୁଥିଲା ସବୁ ଖବର କାଗଜ । ଯେଉଁଥିରେ ଶିଶୁମାନଙ୍କ ପାଇଁ ଗୋଟିଏ ଲେଖାଏଁ ପୃଷ୍ଠା ପ୍ରତି ସପ୍ତାହରେ ମିଳୁଥିଲା । ମୀନାବଜାର ଉଦୟଭାନୁ ପରି ଶିଶୁ ସାହିତ୍ୟ ପୃଷ୍ଠା ମୋ ମନରେ କବିତା ଲେଖିବା ପାଇଁ ସୃଷ୍ଟି କଲା ପ୍ରେରଣା । ସେଇ କବିତାରୁ ଆରମ୍ଭ ହେଲା ସାହିତ୍ୟିକ ଜୀବନ ପିଲାଦିନୁ । ବାପାଙ୍କ ସହ ଯୁଆଡ଼େ ବୁଲିଯାଏ ସେହି ସ୍ଥାନର ବର୍ଣ୍ଣନା କବିତାରେ ପ୍ରକାଶ କରୁଥାଏ । ତା'ପରେ ସ୍କୁଲ ପତ୍ରିକାରୁ ଲେଖା ପ୍ରକାଶ ପାଇ ସାହିତ୍ୟ ପତ୍ରିକାରେ ଲେଖା ପ୍ରକାଶ ପାଇଲା । ବାଣୀବିହାରରେ ଏମ୍.ଏ. ପାଠ ପଢ଼ିଲା ବେଳେ ସାଙ୍ଗମାନଙ୍କୁ ନେଇ ଆରମ୍ଭ କଲି ତ୍ରୈମାସିକ ସାହିତ୍ୟ ପତ୍ରିକା 'ନବତରଙ୍ଗ' । ସାହିତ୍ୟ ରଚନା ସହ ସମ୍ପାଦନାରେ ହାତଦେଇ ଓଡ଼ିଶାର ବହୁ ଲେଖକଙ୍କ ସଂସ୍ପର୍ଶରେ ଆସି ମୋର ସାହିତ୍ୟ ପ୍ରତି ପ୍ରବଳ ଆଗ୍ରହ ସୃଷ୍ଟି ହେଲା । 'ନବତରଙ୍ଗ' ପତ୍ରିକା ୧୯୭୩ରୁ ୧୯୭୫ ମୋର ବାଣୀବିହାର ଏମ୍.ଏ. ପଢ଼ିବା ପର୍ଯ୍ୟନ୍ତ ପ୍ରକାଶ ପାଇ ଓଡ଼ିଶାରେ ଚହଳ ସୃଷ୍ଟି କରିଥିଲା । ତା'ପରେ ସର୍ବଭାରତୀୟ ସଂସ୍ଥାରେ ଚାକିରି କରି ଓଡ଼ିଶା ଓ ଓଡ଼ିଶା ବାହାରେ ରହି ଗଳ୍ପ ରାଜ୍ୟରେ ପ୍ରବେଶ କଲି ଓ ବିଭିନ୍ନ ପତ୍ରପତ୍ରିକାରେ ଲେଖା ପ୍ରକାଶ ପାଇ ପାଠକଙ୍କଠାରୁ ପ୍ରଶଂସା ମୂଳକ ଚିଠିପାଇ ମନ ଖୁସି ହେଉଥିଲା । ଧୀରେ ଧୀରେ କାମର ଚାପରେ ସାହିତ୍ୟ ରାଜ୍ୟ ସଙ୍କୁଚିତ ହୋଇଗଲା । ପୁଣି ଓଡ଼ିଶା ଆସିଲା ପରେ ଗଳ୍ପ ରଚନା ସହ ଆରମ୍ଭ କଲି ବ୍ୟଙ୍ଗଗଳ୍ପ ଓ ରମ୍ୟରଚନା । ପ୍ରଥମେ 'ଖାରିଆଖଡ଼ା' ବ୍ୟଙ୍ଗ ନାମରେ ସମ୍ବାଦ ପୃଷ୍ଠାରେ ଏକ ପାକ୍ଷିକ ସ୍ତମ୍ଭ ୧୯୯୦ରୁ ଲେଖିବା ଆରମ୍ଭ କଲି, ଯାହା ଅତି ଲୋକପ୍ରିୟ ହେବାରୁ ତାକୁ ସାପ୍ତାହିକ ସ୍ତମ୍ଭ କରିବା ପାଇଁ ଅନୁରୋଧ ଆସିଲା । ସମ୍ବାଦରେ ସାପ୍ତାହିକ ଲେଖିବା ସହ 'ସମୟ' ଖବର କାଗଜରେ 'ଅଧୂଆମୂଳା' ନାମରେ ପୁଣି ସାପ୍ତାହିକ ଲେଖା ଲେଖିଲି । ଦୁଇଟି ଛଦ୍ମ ନାମରେ ସଫଳ ହେବାରୁ ମୁଁ ନିଜ ନାମରେ ବ୍ୟଙ୍ଗ ଗଳ୍ପ ଓ ରମ୍ୟରଚନା ଲେଖିବା ଆରମ୍ଭ କଲି । ଏହିଭଳି ଲେଖା କାମ ଚାଲିଥିବାବେଳେ ପ୍ରବେଶ କଲେ ପ୍ରଭୁ ଶ୍ରୀଜଗନ୍ନାଥ ।

ପିଲାଦିନୁ ବାପାଙ୍କ ସହ ପ୍ରତିବର୍ଷ ରଥଯାତ୍ରାରେ ଯାଇ ତିନି ରଥରେ ଭୋଗ କରିବା ପରମ୍ପରାରେ ସାମିଲ ହୋଇ ଶ୍ରୀ ଜଗନ୍ନାଥଙ୍କ ପ୍ରତି ଭକ୍ତିଭାବ ବଢ଼ି ଚାଲିଥାଏ । ବାପାଙ୍କୁ ନବେ ବର୍ଷ ହେବା ପରେ ଶାରୀରିକ ଅକ୍ଷମତା ଯୋଗୁ ତାଙ୍କର ପୁରୀ ଯିବା ସମ୍ଭବ ହେଲା ନାହିଁ । ବାପା ସବୁବେଳେ କହୁଥିଲେ ନିଜ ପାଇଁ କିଛି ମାଗିବୁ ନାହିଁ ପୃଥିବୀର ମଙ୍ଗଳ କାମନା କଲେ ତା' ଭିତରେ ତୁ ମଧ୍ୟ ସାମିଲ ହୋଇଯିବୁ । ବାପା ରଥଯାତ୍ରା ବେଳେ ପୁରୀ ନ ଯାଇ ପାରୁଥିବାର ଦୁଃଖ ଦୂର କରିବା ପାଇଁ ମୁଁ ବାପାଙ୍କୁ ପ୍ରସ୍ତାବ ଦେଲି ବାପା ଆମେ ରଥରେ ଭୋଗ କରି ଘରେ ଖାଇ ନେଉଛୁ ବିଶ୍ୱବାସୀଙ୍କ ପାଇଁ କ'ଣ ଭୋଗ ଦେଉଛୁ? ମୁଁ ଭାବୁଛି ବହୁ ଲୋକଙ୍କ ଅନୁଭୂତିକୁ ସଂଗ୍ରହ କରି ପ୍ରତିବର୍ଷ ରଥରେ ଆମ ଘର ଭୋଗ ସହ ପୁସ୍ତକଟିଏ ସମର୍ପଣ କରିବା ତା' ହେବ ବିଶ୍ୱବାସୀଙ୍କ ପାଇଁ ଭୋଗ । ବାପା ଭାଗ ଗଦ୍‌ଗଦ୍ ହୋଇ ମୋ ପକେଟରେ ୧୦୦୦ ଟଙ୍କା ଗୁଞ୍ଜି ଦେଲେ । ସେଇ ହଜାର ଟଙ୍କାର ମୂଳ ଧନରେ ମୁଁ ୨୦୦୬ ମସିହାରେ ଆରମ୍ଭ କଲି ଅନୁଭୂତି ଓ ଅନୁଭବର ସଂକଳନ । ଆଜି ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କୁ ନେଇ ୨୪ଟି ଅନୁଭୂତିର ସଂକଳନ ଯାହା ସବୁ ଅ'ରୁ ଆରମ୍ଭ 'ଅନୁଭୂତିରେ ଶ୍ରୀଜଗନ୍ନାଥ', 'ଅନୁଭବରେ ଶ୍ରୀଜଗନ୍ନାଥ' ଏପରି ହୋଇ ୨୦୨୫ରେ ପ୍ରକାଶ ପାଇଛି 'ଅମୃତ ପୁରୁଷ ଶ୍ରୀଜଗନ୍ନାଥ' । ସେହିଭଳି ଶ୍ରୀଜଗନ୍ନାଥଙ୍କୁ ନେଇ ଓଡ଼ିଶାର ପ୍ରତିଷ୍ଠିତ ଗାଳ୍ପିକମାନଙ୍କ ଗଳ୍ପକୁ ନେଇ ୧୦ ଗଳ୍ପ ସଂକଳନ, ୪ଟି ଗବେଷଣାମୂଳକ ପ୍ରବନ୍ଧ ସଂକଳନ ଓ ପ୍ରାଚୀନ ଓଡ଼ିଆ କବିଙ୍କ ରଚନାରୁ ଗୋଟିଏ କବିତା ସଂକଳନ । ଏହା ବ୍ୟତୀତ ମୋର ନିଜର ୩ଟି ଗଳ୍ପ ପୁସ୍ତକ, ୬ଟି ବ୍ୟଙ୍ଗ ପୁସ୍ତକ ମଧ୍ୟ ପ୍ରକାଶ ପାଇଛି । ମୁଁ ଗଳ୍ପ ଲେଖକରୁ ବ୍ୟଙ୍ଗଗଳ୍ପ ଲେଖକ ଓ ଏବେ ଜଗନ୍ନାଥିଆ ନାମରେ ନାମିତ ହୋଇ ଗଲାଣି ମାତ୍ର ଶ୍ରୀଜଗନ୍ନାଥଙ୍କ କୃପାରୁ ମୋର ଗଳ୍ପ, ବ୍ୟଙ୍ଗଗଳ୍ପ ଓ ଶ୍ରୀ ଜଗନ୍ନାଥଙ୍କୁ ନେଇ ରଚନା ପ୍ରକାଶ ପାଇ ଚାଲିଛି ସବୁ ସେଇ ମାଲିକଙ୍କ ଇଚ୍ଛା । ତା' ସହିତ ବିଭିନ୍ନ ସାହିତ୍ୟ ସଙ୍ଗଠନରେ ମଧ୍ୟ ସାମିଲ ହୋଇ ଅବସର ଜୀବନ ବିତାଉଛି । ଚାରିଟି ପୁସ୍ତକ ହିନ୍ଦି, ବଙ୍ଗଳା ଓ ଇଂରାଜୀରେ ଅନୁବାଦ ହୋଇଛି ଓ ବହୁ ପୁରସ୍କାର ଓ ସମ୍ବର୍ଦ୍ଧନାରେ ପୋତି ପକାଇ ଅବସର ଜୀବନକୁ କର୍ମମୟ କରିଦେଇଛନ୍ତି ପ୍ରଭୁ । ■

ମୋ: ୯୪୩୭୫୭୪୬୪୯

### ରାଜନଗରରେ ବିଜେପି କର୍ମୀଙ୍କ ଦାଦାଗିରି ଘଟଣାର ଦୃଢ଼ ନିନ୍ଦା କଲା ବିଜେଡି

## ବିଡିଓଙ୍କୁ ଆକ୍ରମଣ ଉଦ୍ୟମ ବିପର୍ଯ୍ୟସ୍ତ ଆଇନ ବ୍ୟବସ୍ଥାର ନଗ୍ନ ଚିତ୍ର

ଭୁବନେଶ୍ୱର,୩।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରରେ ବିଜେପି କର୍ମୀଙ୍କ ଦାଦାଗିରି ଏବଂ ବିଡିଓଙ୍କୁ ସଂଘବଦ୍ଧ ଆକ୍ରମଣ ଉଦ୍ୟମକୁ ଦୃଢ଼ ନିନ୍ଦା କରିଛି ବିଜେଡି। ବିଜେପି ସରକାର ରାଜ୍ୟରେ ଶାସନ ଭାର ଗ୍ରହଣ କରିବା ପରଠାରୁ ଆଇନଶୃଙ୍ଖଳା ବ୍ୟବସ୍ଥା ନିମ୍ନଗାମୀ ହେଉଛି ବୋଲି ଦଳ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି ରାଜନଗର ମହିଳା ବିଡିଓଙ୍କୁ ୪୦ରୁ ଅଧିକ ବିଜେପି କର୍ମୀ ଘେରି ଯାଇ ଆକ୍ରମଣ ଉଦ୍ୟମ ବିପର୍ଯ୍ୟସ୍ତ ଆଇନ ବ୍ୟବସ୍ଥାର ନଗ୍ନ ଚିତ୍ର ବୋଲି ଅଭିହିତ କରିଛନ୍ତି। ଡ. ମହାନ୍ତିଙ୍କ ଅଭିଯୋଗ ଅନୁଯାୟୀ ରାଜ୍ୟନଗର ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରାଙ୍କ ସହିତ ୪୦ରୁ ଅଧିକ ବିଜେପି କର୍ମୀ ବିଡିଓ ତିଳୋତ୍ତମା ପୃଷ୍ଟିଙ୍କ ଅଫିସରେ ପଶି ହଙ୍ଗାମା କରିଥିଲେ। ଏପରିକି ତାଙ୍କ କଥାରେ କାମ କରିବାକୁ ବିଡିଓଙ୍କୁ ଧମକ ଦେଇଥିଲେ। ବିଡିଓ କହିଥିଲେ ଯେ ସରକାରଙ୍କ ନିୟମ ଅନୁଯାୟୀ କାମ ହେବ। ଏଥିରେ ଉତକ୍ଷିପ୍ତ ହୋଇ ବିଜେପି ନେତା ଲଳିତ ବେହେରା ବିଡିଓଙ୍କ ଟେବୁଲ ଉପରେ ଥିବା କମ୍ପ୍ୟୁଟର ଉଠାଇ ଆକ୍ରମଣ ଉଦ୍ୟମ କରିଥିଲେ । କର୍ମୀମାନେ ହାତ ଧରି ଦେବାରୁ ଅଳ୍ପକେ ବିଡିଓଙ୍କ ଜୀବନ ରକ୍ଷାପାଇଯାଇଛି। ଏହା ପରେ ବି ତାଙ୍କ କଥାରେ କାମ ନକଲେ ପରିସ୍ଥିତି ଭୟଙ୍କର ହେବ ବୋଲି ବିଡିଓଙ୍କୁ ଲଳିତ ଧମକ ଦେଇଥିବା ଜଣାପଡ଼ିଛି। ସିସିଟିଭିରେ ଏହି ସବୁ ଭିଡିଓ ରେକର୍ଡ ହୋଇଛି। ବିଡିଓ ଏ ସଂପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି । ମହିଳା ବିଡିଓଙ୍କ ପ୍ରତି ଏପରି ଅମାନବୀୟ ବ୍ୟବହାରକୁ ଦଳ ଦୃଢ଼ ନିନ୍ଦା କରୁଛି ବୋଲି ଡ. ମହାନ୍ତି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ପୂର୍ବରୁ ଗତ ଜୁନ୍ ୩୦ ତାରିଖରେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ସମର୍ଥକମାନେ ଟାଣି ନେଇ ମାଡ଼ ମାରିଥିଲେ। ବିଜେପି ତୁଙ୍ଗ ନେତାମାନେ ତାଙ୍କୁ ଏକ ବିଶାଳ ଶୋଭାଯାତ୍ରାରେ ଜାମିନ ମିଳିବା ପରେ ଆଣିଥିଲେ, ଯାହା ସଙ୍କେତ ଦେଇଥିଲା ଯେ ବିଜେପି ନେତାମାନେ ସବୁକିଛି କରିପାରିବେ ଏବଂ ସହଜରେ ଖସି ଯାଇପାରିବେ । ଏହି ସମସ୍ତ ଘଟଣା ଓଡ଼ିଶାରେ ଆଇନ ଶୃଙ୍ଖଳା ବ୍ୟବସ୍ଥାର ପତନ ଘଟାଉଛି । ଏହି ହିଂସାତ୍ମକ ଆକ୍ରମଣର ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ରାଜ୍ୟରେ ଆଇନ ଶୃଙ୍ଖଳା ସୁନିଶ୍ଚିତ କରିବାକୁ ଡ. ମହାନ୍ତି ଦାବି କରିଛନ୍ତି।

## ବ୍ରାଉନସୁଗର ମାଫିଆକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ

ଭୁବନେଶ୍ୱର,୩।୧ (ସମିସ): ବରମୁଣ୍ଡାରୁ ୩ କୋଟି ଟଙ୍କାର ବ୍ରାଉନସୁଗର ଜବତ ମାମଲାର ରାୟ ଆଜି ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଆଡିସନାଲ୍ ସେସନ୍ସ ଜଜ୍-୩ର ବିଚାରପତି ହିମାଂଶୁ ଶେଖର ମଲ୍ଲିକ ଏହି ମାମଲାର ବିଚାରକରି ନିଶା ମାଫିଆ ଏସକେ ସସିମ୍ ବକ୍ସକୁ ଦୋଷୀ ସାବ୍ୟସ୍ତ କରି ସଜା ଶୁଣାଇଛନ୍ତି। ସୂଚନା ଅନୁସାରେ, ୨୦୨୦ ମସିହା ଅକ୍ଟୋବର ୩୦ ତାରିଖ ଦିନ ହସିମ୍ ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରୁ ବ୍ରାଉନସୁଗର ଆଣି ଭୁବନେଶ୍ୱର ଆସିଥିଲା। ବରମୁଣ୍ଡା ରାଜ୍ ଇଲେକ୍ଟ୍ରୋନିକ ପାଖରେ ଡେଲିଭେରୀ କରିବାକୁ ଅପେକ୍ଷା କରିଥିବା ବେଳେ ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସଟିଏଫ୍) ଇନ୍ସପେକ୍ଟର ଜଗନ୍ନାଥ ସାହୁ ଓ ଅନ୍ୟ ପୁଲିସ କର୍ମଚାରୀମାନେ ଚଢ଼ଉ କରିଥିଲେ। ସେଠାରୁ ହସିମକୁ ଗିରଫ କରିବା ସହ ୧ କିଲୋ ୧୭୭ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ଇନ୍ସପେକ୍ଟର ଶ୍ରୀ ସାହୁଙ୍କ ଅଭିଯୋଗ ଆଧାରରେ ଏସଟିଏଫ୍ କେସ୍ ନଂ - ୨୭/୨୦ ରେ ଦଫା ୨୧(ସି) ଓ ୨୯ ଏନଡିପିଏସ୍ ଆକ୍ଟ ଲଗାଇ ମାମଲା ରୁଜୁ କରିଥିଲା। ତତ୍କାଳୀନ ଇନ୍ସପେକ୍ଟର ତଥା ବର୍ତ୍ତମାନର ଡିଏସପି ସୁନୀତା ପ୍ରଧାନ ଅଭିଯୁକ୍ତ ହସିମକୁ କୋର୍ଟ ଚାଲାଣ କରିବା ସହ ତା' ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସଂପୃକ୍ତ ୧୦ ଜଣ ସାକ୍ଷୀ, ୪୨ଟି ଦସ୍ତାବିଜ ଓ ୯ଟି ଏମ୍ଓ ଆଧାରରେ ମାମଲାର ବିଚାର କରି ଅଭିଯୁକ୍ତ ହସିମକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତକୁ ୨୦ ବର୍ଷ ସଜା ଶୁଣାଇବା ସହ ଦୋଷୀ ସାବ୍ୟସ୍ତ ହୋଇଥିଲା ପ୍ରତ୍ୟକ ଦଫାରେ ଏକ ଲକ୍ଷ ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ଦୁଇ ବର୍ଷ ଜେଲଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ସ୍ୱତନ୍ତ୍ର ସରକାରୀ ଓକିଲ ରଶ୍ମିରଞ୍ଜନ ବ୍ରହ୍ମା ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

## ୧୦ଜିଲ୍ଲା ପାଇଁ ସ୍ଥାନୀୟ ଛୁଟି ଘୋଷଣା ବିଜ୍ଞପ୍ତି

କଟକ, ୩।୧(ସମିସ): ୨୦୨୬ ମସିହାରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୧୦ ଜିଲ୍ଲା ପାଇଁ ସ୍ଥାନୀୟ ସରକାରୀ ଛୁଟି ଘୋଷଣା ସମ୍ପର୍କିତ ବିଜ୍ଞପ୍ତି ଆଜି କେନ୍ଦ୍ରାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟ ତରଫରୁ ପ୍ରକାଶ ପାଇଛି। କଟକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଜୁନ୍ ୧୬ ମଙ୍ଗଳବାର ଶେଷ ରଜକୁ ସ୍ଥାନୀୟ ଛୁଟି ଭାବେ ଘୋଷଣା କରାଯାଇଛି। ସେହିଭଳି ବାଲେଶ୍ୱର ଓ ପୁରୀ ଜିଲ୍ଲା ପାଇଁ ମହାଶିବରାତ୍ରି ପରଦିନ ତଥା ଫେବୃଆରୀ ୧୬ ସୋମବାର, ଭଦ୍ରକ ପାଇଁ କାଳୀପୂଜା ପର ଦିନ ନଭେମ୍ବର ୯ ସୋମବାର, ମୟୂରଭଞ୍ଜ ପାଇଁ ମକରସଂକ୍ରାନ୍ତି ପରଦିନ ଜାନୁଆରୀ ୧୫ ଗୁରୁବାର, ନୟାଗଡ଼ ପାଇଁ ମାଣବସା ଡିସେମ୍ବର ୨୪ ଗୁରୁବାର, ଖୋର୍ଦ୍ଧା ପାଇଁ ଅଶୋକାଷ୍ଟମୀ ମାର୍ଚ୍ଚ ୨୬ ଗୁରୁବାର ଓ ଜଗତସିଂହପୁର ଜିଲ୍ଲା ପାଇଁ ପ୍ରଥମାଷ୍ଟମୀ ଡିସେମ୍ବର ୧ ମଙ୍ଗଳବାରକୁ ସ୍ଥାନୀୟ ସରକାରୀ ଛୁଟି ଦିବସ ଭାବେ ଘୋଷଣା କରାଯାଇଛି।

## ବିଶ୍ୱାସଘାତକତା ଓ ଠକେଇ ମାମଲା ଏକାଠି ଚାଲିପାରିବ ନାହିଁ: ହାଇକୋର୍ଟ

### ନିମ୍ନ ଅଦାଲତଙ୍କ ଆଦେଶ ରଦ୍ଦ

କଟକ,୩।୧(ସମିସ): ଗୋଟିଏ ଅପରାଧ ପାଇଁ 'ବିଶ୍ୱାସଘାତକତା' ଏବଂ 'ଠକେଇ' ଧାରାରେ ଏକାସଙ୍ଗେ ମାମଲା ଚାଲିପାରିବ ନାହିଁ ବୋଲି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ପ୍ରିୟମ ପ୍ରଥମ ସାବତଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଦିଗପହଣ୍ଡି ଜେଏମ୍ଏଫ୍ସି ଅଦାଲତଙ୍କ ଆଦେଶକୁ ରଦ୍ଦ କରିବା ସହ ମାମଲାର ପୁନର୍ବିଚାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କ ବିରୋଧରେ ପ୍ରାୟ ୭୦ଲକ୍ଷ ଟଙ୍କାର ହେରଫେର ଅଭିଯୋଗ ହୋଇଥିଲା। ଏହି ମାମଲାରେ ଦିଗପହଣ୍ଡି ପୁଲିସ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୬(୫) ଏବଂ ଧାରା ୩୧୮(୪) ଅନୁଯାୟୀ ମାମଲା ରୁଜୁ କରିଥିଲା। ଗତ ୨୦୨୫ଅଗଷ୍ଟ ୨୯ରେ ନିମ୍ନ ଅଦାଲତ ଏହି ଦୁଇଟି ଅପରାଧିକ ଧାରାକୁ ଆଧାର କରି ମାମଲା ପରିଚାଳନା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ସମୟରେ ଆବେଦନକାରୀଙ୍କ ଓକିଲ ସୁପ୍ରିମକୋର୍ଟଙ୍କ ବିଭିନ୍ନ ପୂର୍ବ ନିଷ୍ପତ୍ତିର ଉଦାହରଣ ଦେଇ ଦର୍ଶାଇଥିଲେ ଯେ ବିଶ୍ୱାସଘାତକତା ଏବଂ ଠକେଇ ଦୁଇଟି ଭିନ୍ନ ପ୍ରକାରର ଅପରାଧ। ଠକେଇରେ ଅପରାଧିକ ଉଦ୍ଦେଶ୍ୟ ଆରମ୍ଭରୁ ହିଁ ରହିଥାଏ। ଆଉ ବିଶ୍ୱାସଘତକତାରେ ପ୍ରଥମେ ବିଶ୍ୱାସ ସୃଷ୍ଟି କରାଯାଇଥାଏ ଏବଂ ପରବର୍ତ୍ତୀ ସମୟରେ ତାହାର ଅପବ୍ୟବହାର କରାଯାଇଥାଏ। ଚାର୍ଜସିଟ୍‌ରେ ଥିବା ତଥ୍ୟକୁ ସଠିକ୍ ଭାବେ ଅନୁଧ୍ୟାନ ନକରି ଦୁଇଟି ଯାକ ଧାରା ଏକ ଅପରାଧ ପାଇଁ ଏକ ସଂଗେ ଲଗାଇବା ଆଇନଗତ ଭାବେ ଠିକ୍ ନୁହେଁ ବୋଲି ହାଇକୋର୍ଟ ମତ ଦେଇଛନ୍ତି। ଏଥିସହ ଉପଲବ୍ଧ ପ୍ରମାଣ ଓ ତଥ୍ୟକୁ ପୁଣି ଥରେ ଯାଞ୍ଚ କରି ଦୁଇଟି ମଧ୍ୟରୁ କେଉଁ ଅପରାଧ ଘଟିଛି, ସେ ସମ୍ପର୍କରେ ଏକ ସ୍ୱଷ୍ଟ ଓ ଯୁକ୍ତିଯୁକ୍ତ ଆଦେଶ ପ୍ରଦାନ କରିବା ପାଇଁ ଦିଗପହଣ୍ଡି ଜେଏମଏଫସି କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଅବଶିଷ୍ଟାଂଶ

### ଟ୍ରମ୍ପ ସେନା କବଜାରେ...

ବେଆଇନ ଶରଣାର୍ଥୀ ସମସ୍ୟା ଗୁରୁତର ହୋଇପଡ଼ିଛି। ତେବେ ଏହିସବୁ ଅଭିଯୋଗକୁ ଭେନେଜୁଏଲା ଖଣ୍ଡନ କରି ଆସୁଛି। ସୂଚନାଯୋଗ୍ୟ ଯେ ନିକୋଲାସ ୨୦୧୩ରୁ ରାଷ୍ଟ୍ରପତି ପଦରେ ଅଛନ୍ତି। ଇତିମଧ୍ୟରେ ଭେନେଜୁଏଲା ସରକାର ଟ୍ରମ୍ପଙ୍କ ଆକ୍ରମଣର ଦୃଢ଼ ନିନ୍ଦା କରିଛନ୍ତି। ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ଯେ ଆମେରିକା ଆମ ଉପରେ ଆକ୍ରମଣ କରିଛି। ତେବେ ଏହାକୁ ନେଇ ଦେଶରେ ଅରାଜକତା ସୃଷ୍ଟି ନକରିବା ଲାଗି ପ୍ରତିରକ୍ଷା ମନ୍ତ୍ରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଦେଶରେ ଜରୁରୀ ପରିସ୍ଥିତି ଜାରି କରାଯିବା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସେନା ମୁତୟନ କରାଯାଇଥିବା ସେ ଘୋଷଣା କରିଛନ୍ତି। କିନ୍ତୁ ରାଷ୍ଟ୍ରପତି ନିକୋଲାସଙ୍କ ସଂପର୍କରେ ସେ କିଛି କହି ନାହାନ୍ତି।

### ମିଳିବ ୫୦%...

ଯୋଜନାରେ ଏହି ଚିନ୍ତାକୁ ଉଚ୍ଛେଦ କରିଦିଆଯାଇଛି। ଏବେ ୨୫ ବର୍ଷ ସେବା ପୂରଣ କରିଥିବା କର୍ମଚାରୀଙ୍କୁ ଶେଷ ଦରମାର ୫୦ ପ୍ରତିଶତ ପେନ୍‌ସନ ଭାବେ ଦିଆଯିବ। ଏଥିରେ ପାରିବାରିକ ପେନସନ, ସମୟ ସମୟରେ ମହଙ୍ଗା ଭତ୍ତା (ଡିଏ) ଏବଂ ଡିଆର ମଧ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ତେଣୁ ଏହାକୁ ପୁରୁଣା ପେନସନ ଯୋଜନା ସହ ତୁଳନା କରାଯାଉଛି। ରାଜସ୍ଥାନ, ହିମାଚଳ ପ୍ରଦେଶ ଭଳି ରାଜ୍ୟ ଓପିଏସକୁ ଫେରିବାକୁ ନିଷ୍ପତ୍ତି ନେଇଥିବାବେଳେ ତାମିଲନାଡୁ ଏକ ହାଇବ୍ରିଡ ମଡେଲ ଆପଣାଇଛି। ଏବେ ରାଜ୍ୟରେ ପ୍ରାୟ ୬ ଲକ୍ଷ ସରକାରୀ କର୍ମଚାରୀଙ୍କୁ ଏହାର ଲାଭ ମିଳିବ।

### ଯବାନଙ୍କ ଗୁଳିରେ...

ଯବାନଙ୍କୁ ଦେଖି ମାଓବାଦୀମାନେ ଅତର୍କିତ ଗୁଳି ଚଳାଇଥିଲେ। ଯବାନଙ୍କ ପକ୍ଷରୁ ଏହାର ପାଲଟା ଜବାବ ଦିଆଯାଇଥିଲା। ଏଥିରେ ୧୪ଜଣ ମାଓବାଦୀ ନିହତ ହୋଇଥିଲେ। ଅନ୍ୟ ମାଓବାଦୀମାନେ ପ୍ରାଣ ବିକଳରେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ସୂଚନା ଥାଉକି, ଛତିଶଗଡ଼ର ଅନେକ କୁଖ୍ୟାତ ମାଓ ନେତାଙ୍କ ସହ ୪୦ଜଣ ମାଓବାଦୀ ଗତକାଲି ତେଲଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ବର୍ତ୍ତମାନ ମାଓ ସଂଗଠନ ନିଜର ଶେଷ ନିଶ୍ୱାସ ନେଉଥିବା କୁହାଯାଉଛି।

### ତେଲଙ୍ଗାନାରେ ୨୦...

ମାଓବାଦୀମାନେ ଆମେରିକା ନିର୍ମିତ କୋଲ୍ଟ ରାଇଫଲ, ଇସ୍ରାଏଲ ନିର୍ମିତ ଟାଭୋର ରାଇଫଲ, ଏକେ-୪୭, ଆଇଏନ୍‌ଏସ୍‌ଏଏସ୍ ରାଇଫଲ, ଏସ୍‌ଏଲ୍‌ଆର୍ ରାଇଫଲ ସମେତ ମୋଟ ୪୮ଟି ଅସ୍ତ୍ରଶସ୍ତ୍ର, ବିଭିନ୍ନ କ୍ୟାଲିବରର ବିପୁଳ ପରିମାଣର ଗୁଳି ଏବଂ ନଗଦ ୨୦.୩୦ ଲକ୍ଷ ଟଙ୍କା ପୁଲିସକୁ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ଡିଜିପି କହିଛନ୍ତି ଯେ, ଏହି ଆତ୍ମସମର୍ପଣ ସହିତ ସିପିଆଇ ମାଓବାଦୀଙ୍କ ଶେଷ ଦୁର୍ଗ ଧ୍ୱଂସ ପାଇଛି। ଏହା ପିଏଲଜିଏ ଓ ତେଲଙ୍ଗାନା ରାଜ୍ୟ କମିଟିର ଅସ୍ତିତ୍ୱକୁ ଧ୍ୱଂସ କରିଛି ଓ ଆଗକୁ ମାଓ ଦମନ ଅଭିଯାନ ଜାରି ରହିବ। ପୁନର୍ବାସ ପ୍ୟାକେଜ ଅଂଶଭାବେ ପୁଲିସ ମୋଟ୍ ୧ କୋଟି ୮୧ ଲକ୍ଷ, ୯୦ ହଜାର ଟଙ୍କା ପୁରସ୍କାର ଘୋଷଣା କରିଛି। ପ୍ରତ୍ୟେକଙ୍କୁ ତୁରନ୍ତ ସହାୟତା ବାବଦରେ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି।

### ଭୁବନେଶ୍ୱର...

ପୁଣି ଆଉ ଏକ ମରିଜୁଆନା ଜବତ ହେବା ସୁରକ୍ଷା ଏଜେନ୍ସି ଗୁଡ଼ିକର ଚିନ୍ତାକୁ ବଢାଇ ଦେଇଛି। ଡିଆର୍‌ଆଇ ସୂଚନା ମୁତାବକ, ଯାତ୍ରୀ ଜଣଙ୍କ ବିଦେଶରୁ ଭୁବନେଶ୍ୱର ଆସୁଥିଲେ। ସେ ତାଙ୍କ ବ୍ୟାଗ୍‌ରେ ଏକ ଗୁପ୍ତ ଚ୍ୟାମ୍ବର କରିଥିଲେ। ଏହି ଚ୍ୟାମ୍ବରରେ ଉଚ୍ଚ ଗୁଣବତ୍ତା ମାରିଜୁଆନା ପ୍ୟାକେଟ୍ ରଖା ଯାଇଥିଲା। ପରେ ଏହାକୁ ସିଲାଇ କରି ଦିଆଯାଇଥିଲା। ଜଣେ ବ୍ୟାଗ୍ ଖୋଲିଲେ ବି ଯେପରି ମରିଜୁଆନା ଠାବ କରି ପାରବ ନାହିଁ। ଯାତ୍ରୀ ଜଣଙ୍କ ଏଭଳି ଭାବେ ବିମାନରେ ମାରିଜୁଆନା ନେଇ ଆସୁଥିବା ନେଇ ଡିଆର୍‌ଆଇକୁ ପୂର୍ବରୁ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ଯାତ୍ରୀଙ୍କ ବ୍ୟାଗ୍ ଖୋଲାଯାଇଥିଲା। ହେଲେ କିଛି ମିଳି ନଥିଲା। ପରେ ବ୍ୟାଗ୍‌କୁ କାଟି ଖଣ୍ଡ ଖଣ୍ଡ କରାଯିବା ଏଥିରୁ ମାରିଜୁଆନା ପ୍ୟାକେଟ୍ ମିଳିଥିଲା। ଅଭିଯୁକ୍ତଙ୍କୁ ଡିଆର୍‌ଆଇ ତୁରନ୍ତ ହେପାଜତକୁ ନେଇ ପଚାରାଉଚରା ଚଳାଇଛି।

ମାତ୍ର ୪ଦିନ ତଳେ ଅର୍ଥାତ ଭୁବନେଶ୍ୱର ବିମାନବନ୍ଦରରୁ ୪କୋଟିର ହାଇ ଗ୍ରେଡ୍ ମାରିଜୁଆନା ଜବତ ହୋଇଥିଲା। ଅଭିଯୁକ୍ତ ଜଣଙ୍କ ଘର ଗୁଜୁରାଟ୍ ଏବଂ ସେ ବ୍ୟାଙ୍କକ୍‌ରୁ ମାରିଜୁଆନା ଆଣି ଥିବା ନେଇ ପୁଲିସ ଆଗରେ ସ୍ୱୀକାର କରିଥିଲେ। ଗତ ୧ବର୍ଷ ମଧ୍ୟରେ ୫୨କୋଟି ଟଙ୍କାର ମାରିଜୁଆନା ଜବତ ହେଲାଣି। ଏଥିରୁ ସ୍ୱଷ୍ଟ ହେଉଛି ଭୁବନେଶ୍ୱର ବିମାନ ବନ୍ଦର ମାରିଜୁଆନା ଚାଲାଣର ପେଣ୍ଠ ସ୍ଥଳ ପାଲଟିଛି। ନିୟମିତ ଭାବେ ଏହି ବିମାନବନ୍ଦରକୁ ଓଡ଼ିଶାକୁ ମାରିଜୁଆନା ପ୍ରବେଶ କରୁଛି। ବହୁ ଅଭିଯୁକ୍ତ ମାରିଜୁଆନା ଚାଲାଣରେ ସଫଳ ହେଉଥିଲା ବେଳେ ମାତ୍ର କିଛି ଅଭିଯୁକ୍ତ ଡିଆର୍‌ଆଇ ହାତରେ ଧରା ପଡ଼ିଯାଉନ୍ତି ବୋଲି ଜଣାପଡ଼ିଛି।

ବିମାନବନ୍ଦରରେ ସବୁ ସମୟରେ ହାଇ ସିକ୍ୟୁରିଟିରେ ରହୁଛି। ବିମାନବନ୍ଦରକୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଉଛି। ଏଠାରେ ରାଜ୍ୟ ପୁଲିସ ନୁହେଁ କେନ୍ଦ୍ରୀୟ ସୁରକ୍ଷା ସଂସ୍ଥା ସିଆଇଏସ୍‌ଏଫ୍ ନିୟୋଜିତ ହୋଇଛନ୍ତି। ଲୋକଙ୍କୁ ଯାଞ୍ଚ କରିବାକୁ ଅତ୍ୟାଧୁନିକ ସ୍କାନର ଓ ଯନ୍ତ୍ରପାତି ମଧ୍ୟ ବ୍ୟବହାର କରାଯାଉଛି। ଏହା ସତ୍ୱେ ବିମାନ ପଥରେ ନିଶା କାରବାର ପାଇଁ ଭୁବନେଶ୍ୱର ବିମାନ ବନ୍ଦର ପ୍ରମୁଖ କେନ୍ଦ୍ର ପାଲଟିଛି। ବ୍ୟାଙ୍କକ୍‌ର ଅନ୍ତର୍ଜାତୀୟ କ୍ରାଇମ୍ ସିଣ୍ଡିକେଟ୍‌ର ନଜର ଭୁବନେଶ୍ୱର ଉପରେ ପଡ଼ିଛି। ସେମାନେ ଏହାକୁ ମାରିଜୁଆ ଚାଲାଣ ପାଇଁ ବ୍ୟବ୍ୟହାର କରୁଛନ୍ତି।

ଗତବର୍ଷ ୪ ଅକ୍ଟୋବରରେ ଭୁବନେଶ୍ୱର ବିମାନବନ୍ଦରରୁ ପ୍ରାୟ ୩.୨ କିଲୋଗ୍ରାମ୍ ମାରିଜୁଆନା ଜବତ ହୋଇଥିଲା। ଯାହାର ମୁଖ୍ୟ ୩କୋଟି ଟଙ୍କା ବୋଲି ଅନୁମାନ କରାଯାଇଥିଲା। ଏହି ଲିଙ୍କ୍‌ରେ କେରଳର ଜଣେ ଯୁବକଙ୍କୁ ଗିରଫ କରାଯାଇଥିଲା। ଗତବର୍ଷ ଭୁବନେଶ୍ୱର ବିମାନବନ୍ଦରରେ ଏପରି ଜବତ ଘଟଣା କୌଣସି ନୂଆ ନୁହେଁ। ଜାନୁଆରୀ ୨୦୨୫ରେ, କଷ୍ଟମ ଅଧିକାରୀମାନେ ପ୍ରାୟ ୭ କୋଟି ଟଙ୍କାର ଚୋରା ସାମଗ୍ରୀ ସହିତ ଆଉ ଜଣେ କେରଳ ବାସିନ୍ଦାଙ୍କୁ ଗିରଫ କରିଥିଲେ। ଗତ ଜୁଲାଇ ୨୯, ୨୦୨୫ ରେ, ଅଧିକାରୀମାନେ ବ୍ୟାଙ୍କକରୁ ଏକ ବିମାନରେ ଛଅଟି ବ୍ୟାଗରେ ଲୁଚାଇ ରଖାଯାଇଥିବା ପ୍ରାୟ ୫୦ କିଲୋ ହାଇଡ୍ରୋପୋନିକ୍ ଗଞ୍ଜେଇ ଜବତ କରିଥିଲେ। ଯାହାର ମୂଲ୍ୟ ୩୦ କୋଟିରୁ ଅଧିକ ବୋଲି ସେହି ସମୟରେ କୁହାଯାଇଥିଲା। ଏହି ମାମଲାରେ ଉତ୍ତର ପ୍ରଦେଶର ତିନି ଜଣ ଯାତ୍ରୀଙ୍କୁ ଗିରଫ ହୋଇଥିଲେ।

### ବ୍ରାଉନସୁଗର କାରବାରରେ...

କରିଥିଲା। ସେମାନଙ୍କ ହେପାଜତରୁ ମୋଟ ୨୬୫ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ଅଧିକ ପଚରାଉଚରା ପାଇଁ ସମସ୍ତଙ୍କୁ ଥାନାକୁ ଉଠାଇ ଆଣିଥିଲା। ସନ୍ତୋଷ ନିୟମିତ ବ୍ୟବଧାନରେ ଭୁବନେଶ୍ୱର ଆସି ଦେବୀକୁ ବ୍ରାଉନସୁଗର ଯୋଗାଉଥିଲା। ଦେବୀ ତା'ର ସହଯୋଗୀ ସୁକାନ୍ତ ମାଧ୍ୟମରେ ରାଜଧାନୀର ବିଭିନ୍ନ ଛୋଟ ଛୋଟ ନିଶା ବେପାରୀଙ୍କୁ ବ୍ରାଉନସୁଗର ବିକ୍ରି କରୁଥିଲା। ସମ୍ଭ୍ରାନ୍ତ ପରିବାରର ଅଭିଯୁକ୍ତ ଦେବୀ ଆଇନ ଛାତ୍ର ହୋଇଥିବା ବେଳେ ତା'ର ବାପା କ୍ଲାସ୍ ୧ ଠିକାଦାର ବୋଲି ଅଧିକ ତଦନ୍ତରୁ ଜଣାପଡ଼ିଥିଲା। ସେ ଦୀର୍ଘଦିନ ହେବ ରାଜଧାନୀରେ ବ୍ରାଉନସୁଗର ବେପାର କରି ଆସୁଥିବା ସ୍ୱୀକାର କରିଥିଲା। ସେହିପରି ସୁକାନ୍ତ ଅଭ୍ୟାସଗତ ବ୍ରାଉନସୁଗର ହୋଇଥିବା ବେଳେ ସନ୍ତୋଷ ଏକ ହତ୍ୟା ମାମଲାରେ ୬ ବର୍ଷ ଜେଲରେ କାଟିଛି। ଅଭିଯୁକ୍ତମାନେ ଦୀର୍ଘଦିନ ହେବ ନିଜେ ବ୍ରାଉନସୁଗର ସେବନ କରିବା ସହ ବିକ୍ରି କରି ଆସୁଥିଲେ ବୋଲି ଅବକାରୀ ବିଭାଗ କହିଛି।ଏନେଇ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି।

### ପୁଣି ମୁଣ୍ଡ ନେଲା...

ଆମ ବସ୍ ଡ୍ରାଇଭର ସୁଚିତ୍ର ସାହୁଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ଆଉ ଏକ ଆମ୍ ବସ୍ ସନ୍ଧ୍ୟା ସମୟରେ ଏକ ସ୍କୁଟିକୁ ପଛପଟୁ ଧକ୍କା ଦେଇଛି। ସ୍କୁଟି ଚାଳକ ଏଥିରେ ଗୁରୁତର ଆହତ ହୋଇଛନ୍ତି। ପୁଲିସ ସୂଚନା ମୁତାବକ, ଅଟୋଟି ରାମ ମନ୍ଦିର ପଟୁ ବାଣୀବିହାର ଅଭିମୁଖେ ଯାଉଥିଲା। ରେଡ୍ ସିଗନାଲ୍ ଥିବାରୁ ଟ୍ରାଫିକ୍ ଛକରେ ଅଟକିଥିଲା। ଅଟୋର ସାମ୍ନାରେ ଏକ ସ୍କୁଲ୍ ବସ୍ ସାମ୍ନାରେ ଥିଲା। ଏହି ସମୟରେ ହଠାତ୍ କାଳ ରୂପରେ ପଛପଟୁ ମାଡ଼ି ଆସିଥିଲା 'ଆମ ବସ୍'। ଧୀରେଧୀରେ ଅଟୋ ପାଖକୁ ଯାଉ ଶେଷରେ ଅଟୋଟିକୁ ଚାପି ଦେଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ଆମ ବସ୍ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଉତ୍ୟକ୍ତ ଲୋକେ ଭଙ୍ଗାରୁଜା କରିଥିଲେ। ଡ୍ରାଇଭରଙ୍କୁ ଅଟକାଇ ଲୋକେ ନିସ୍ତୁକ ମାଡ଼ ମାରିଥିଲେ। ଘଟଣାସ୍ଥଳରେ ପୁଲିସ ପହଁଞ୍ଚି ଆମ ବସ୍ ଚାଳକଙ୍କୁ ହେପାଜତକୁ ନେଇ ଥିଲା।

ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ କେଉଁ କାରଣରୁ ଦୁର୍ଘଟଣା ହୋଇଛି ବୋଲି କିଛି ସ୍ୱଷ୍ଟ ହୋଇ ନଥିଲା ବେଳେ ପୁଲିସ ଏକାଧିକ ସିସିଟିଭି ଯାଞ୍ଚ କରିଥିଲା। ସିସିଟିଭିରୁ ଜଣାପଡ଼ିଥିଲା ଯେ ଅଟୋଟି ଛିଡା ହୋଇଥିଲା ବେଳେ ବସ୍ ପଛପଟୁ ଧକ୍କା ଦେଇଥିଲା। ଯାହାଦ୍ୱାରା ଅଟୋଟି ଚୂନା ହୋଇଯିବା ସହ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିଲା ବୋଲି କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷ କ୍ରୁଟ୍ ପକ୍ଷରୁ ଏଥିପାଇଁ କ୍ଷମା ପାର୍ଥନା କରାଯାଇଛି। ଏହା ସହ ନିୟମ ଅନୁଯାୟୀ ମୃତକଙ୍କୁ ୨ଲକ୍ଷ ଏବଂ ଆହତଙ୍କୁ ୫୦ହଜାର ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି କୁହାଯାଇଛି।

### ଥାନା ଆଗରେ...

ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିସହ ପୁଲିସ ଚଗଲାଙ୍କୁ ଘଟଣାସ୍ଥଳରୁ ଉଠାଇ ଆଣି ତଦନ୍ତ ଚଳାଇଛି। ଅନ୍ୟପଟେ ସନ୍ତୋଷଙ୍କୁ ଭୋଜି କରିବାକୁ ଡାକି ନେଇ ଚଗଲା ତାଙ୍କ ପାଉଣା ଦେଇ ନ ଥିବା ବେଳେ ମାଗିବାରୁ ସେ ହତ୍ୟାକାଣ୍ଡ ଘଟାଇଥିବା ସନ୍ତୋଷଙ୍କ ସ୍ତ୍ରୀ ଅଭିଯୋଗ ଆଣିଛନ୍ତି।


### ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମ

ଅଭିନନ୍ଦନ ବାର୍ତ୍ତା

ଦୈନିକ ଖବର କାଗଜ "ସକାଳ" କୁ ନବବର୍ଷ ସ୍ୱତନ୍ତ୍ର ସଂଖ୍ୟା ପାଇଁ ଅଭିନନ୍ଦନବାର୍ତ୍ତା ନିମନ୍ତେ ଅବସରରେ "ଆମ ପରିଷଦ" ସହର ବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ଶାନ୍ତି, ମୈତ୍ରୀ, ଭାଇଚାରା ର ବାର୍ତ୍ତା ବହନ କରୁଥିବା ଆମ ଗଞ୍ଜାମ ସହରକୁ ସ୍ୱଚ୍ଛ, ସବୁଜ, ସୁନ୍ଦର, ଖୋଲା ଶୌଚ ମୁକ୍ତ, ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଏବଂ ଶୃଙ୍ଖଳିତ ରଖିବା ଆମ ପରିଷଦର ମୂଳ ଲକ୍ଷ୍ୟ "ଆପଣଙ୍କ ସମସ୍ୟା ଆମର ସମାଧାନ" କୁ ସଫଳ କରିବା ପାଇଁ ପରିଷଦର ସମସ୍ତ କାର୍ଯ୍ୟରେ ସହର ବାସୀଙ୍କୁ ଗଠନ ମୂଳକ ସହଯୋଗ କାମନା କରୁଛୁ।

ଆପଣଙ୍କ ସହଯୋଗ:

୧. Swachh Survekshan-2025 ଅଭିଯାନରେ ନିଜକୁ ନିୟୋଜିତ କରି ଆମ ସହର କୁ ସ୍ୱଚ୍ଛ ଓ ନିର୍ମଳ ରଖନ୍ତୁ ଏବଂ ନିୟମିତ ପାଇଖାନା ବ୍ୟବହାର କରନ୍ତୁ । ଦୈନିକ ବର୍ଜ୍ୟବସ୍ତୁ ସଂଗ୍ରହ କରି ପରିଷଦର ସଫେଇ ଗାଡିରେ ଦିଅନ୍ତୁ । ଭଙ୍ଗା ଟିଭି, କମ୍ପ୍ୟୁଟର, ଫ୍ରିଜ ଆଦି e-Waste ଗୁଡିକୁ ପରିଷଦର ବୁଲୁଥିବା D/D BOV ଗାଡିରେ ଦିଅନ୍ତୁ ।

୨. ରାସ୍ତାକଡ ଜମି ତଥା ସରକାରୀ ଜମି ଜବରଦଖଲରୁ ନିବୃତ ରୁହନ୍ତୁ ଓ ପରିଷଦର ବିନା ଅନୁମତି ରେ ନୂତନ ଗୃହ କରନ୍ତୁ ନାହିଁ ।

୩. ଗଞ୍ଜାମ ଏନଏସି ର ପ୍ରତ୍ୟେକ ବ୍ୟବସାୟୀ ପରିଷଦ ଠାରୁ ନିଜର ଟ୍ରେଡ ଲାଇସେନ୍ସ (Trade License) କରାଇ ନିଅନ୍ତୁ।

୪. ପୌର ପରିଷଦ ର e-Website ଏବଂ Social media Pages କୁ ଅନୁସରଣ କରନ୍ତୁ ।

୫. ମୋ ଖତ (ଜୈବିକ ଖତ ) ମାତ୍ର ୧୦/- ଟଙ୍କାରେ ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଉପଲବ୍ଧ । ଇଚ୍ଛୁକ ବ୍ୟକ୍ତିମାନେ ଯୋଗାଯୋଗ କରିପାରିବେ ।

" ଆମ ପରିଷଦ ବିକଶିତ ପଥରେ..."

ଶ୍ରୀମତୀ ଅପର୍ଣ୍ଣା ଡାକୁଆ, କାର୍ଯ୍ୟ ନିର୍ବାହୀ ଅଧିକାରୀ

ଶ୍ରୀମତୀ ପ୍ରତିଭା ପାଢୀ, ଅଧ୍ୟକ୍ଷା



### OFFICE OF THE NOTIFIED AREA COUNCIL, BANPUR

Phone No.: 06756 25309
Email id: ulbnac.banpur@gmail.com
No. 2814 / Dt. 24.12.25

**QUOTATION CALL NOTICE**

Sealed quotations are invited from intended farms, advertising agencies and SHGs for fixing of hoardings in different prominent places and locations for commercial advertisement purpose. The quotations should reach before the undersigned on dated **07.01.2026** from **11.00 AM to 3.00 PM** and the same will be opened on dated **07.01.2026** in the chamber of **Executive Officer, Banpur NAC**, in presence of the applicant or their authorized representative. The applying agencies should have **GSTIN Number, PAN Card, Aadhar Card and 03 months Bank Statement.** The offset price for fixing hoardings is **Rs. 1,50,000/- (Rupees One Lakh Fifty Thousand)** only for one year from the date of executing agreement and the farms or agencies quoted more will be selected and the selected agencies will have to deposit the full amount before executing the agreement. In shape of DD in favor of **Executive Officer, Banpur NAC.**

The undersigned reserves the right to reject any or all quotations without assigning any reason thereof.

**Sd/- Executive Officer, Banpur NAC**



E-Mail: eerw_gm1@yahoo.co.in — O-1873

OFFICE OF THE SUPERINTENDING ENGINEER
RURAL WORKS DIVISION-I, GANJAM, BERHAMPUR
***********
Government of Odisha e-Procurement Notice
**Bid Identification No. Online Tender // 21// SERWDG-I // 2025-26**
Letter no. 6986 / RWDG-I/BAM/Date- 24.12.225

| | | | |
|---|---|---|---|
| 1 | Name of the Work | :: | Building Work |
| 2 | Estimated Cost | :: | Rs.81.03 Lakhs |
| 3 | Period of Completion | :: | 09 (Nine)Calendar Months as shown in Column No.06 of Annexure. |
| 4 | Date & Time of Availability of Bid Documents in the Portal | :: | From 04.01.2026 at 11.00 AM to 21.01.2026 upto 5.00 PM |
| 5 | Last Date/ Time for Receipt of Bids in the Portal | :: | 21.01.2026 upto 5.00 PM |
| 6 | Name and Address of the Officer Inviting Bid | :: | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in.

ExecutiveEngineer
R.W Division-I, Ganjam
Berhampur

OIPR-2585/11/0047/2526



GOVERNMENT OF ODISHA — C-1948

OFFICE OF THE SUPERINTENDING ENGINEER
P.H. DIVISION, BHANJANAGAR AT CHATRAPUR
E-mail – eephchpr@gmail.com
NATIONAL COMPETITIVE BIDDING THROUGH e-Procurement
**Invitation For Bids (IFB)**

| Sl.No | Name of work | Bid Identification No | Estimated cost (Rs. in Lakh) | Period of completion | Availability of Bid Document for online bidding: From | Availability of Bid Document for online bidding: To | Name & address of office inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Procurement , installation, testing and commissioning of Multijet water meter at consumer end of Chatrapur NAC under AAP-2025-26 -SUJAL | Identification No 65/ 03 / SPH(C) / 2025-26 dt. 31.12.2025 | 12.41 | 3 (Three) Calendar Months | 11.00 Hrs of 03.01.2026 | 17.30 Hrs of 14.01.2026 | Superintending Engineer, P.H Division, Bhanjanagar at Chatrapur |

The Technical Bid shall be opened on dt.15.01.2026 at 01.00 PM
Further details can be seen from the e-procurement portal https://www.tenderorissa.gov.in

Additional Chief Engineer (PH)
P.H. Division, Bhanjanagar
at Chatrapur

OIPR-13013/11/0047/2526



GOVERNMENT OF ODISHA — O-1904

OFFICE OF THE SUPERINTENDING ENGINEER,
RURAL WORKS DIVISION, KUCHINDA
E-mail-eerw_kuchinda@yahoo.com

Identification No Online Tender /12 / RWD, Kuchinda / 2025-26.
Letter No. 9349 — Date 30.12.2025

| | | | |
|---|---|---|---|
| 1. | The Superintending Engineer Rural Works, Division, Kuchinda behalf of the Governor of Odisha invites percentage rate bids to be received in **ONLINE MODE** Only for Roads Work. | | |
| 2. | No. of work | : | 8 Nos |
| 3. | Nature of Work | : | Road Repair |
| 4 | Class of Contractor | : | "D", "C" & "B" |
| 5 | Approx Value of Work | : | 5.51 Lakhs to 38.88 Lakhs |
| 6 | Tender Cost | : | 4000 & 6000 |
| 7 | Availability of Bid Documents in the Website | : | 05.01.2026 at 11. A.M to 12.01.2026 at 5.00 P.M |
| 8 | Last date & time for seeking clarification | : | 09.01.2026 at 05.00 A.M |
| 9 | Date of Opening of Bid | : | 13.01.2026 at 11.00 A.M |
| 10 | Other details can be Seen in the Bidding documents from the website : https://tendersodisha.gov.in | | |

Superintending Engineer
Rural Works Division,
Kuchinda

OIPR-25151/11/0049/2526



**AFFIDAVIT**

By virtue of an affidavit no.3244 before the Executive Magistrate, Phulbani, Kandhamal, dtd.31.12.2025, I, Dunja Kanhar, At- Upar Damingia, Po- Jajesapanga, PS- Phiringia, Dist- Kandhamal, Odisha, Pin–762011, have changed my name from Dunka Kanhar to **Dunja Kanhar**. Henceforth I shall be known as **Dunja Kanhar** for all purposes.

Sd/- Dunja Kanhar

**AFFIDAVIT**

By virtue of an affidavit No. 6580, sworn before the Executive Magistrate, Champua on dtd- 12/12/2025, I **Insha Parween,** D/o-MD. Azmatullah, permanent resident of Vill/Po/Ps- Jhumpra, Dist- Keonjhar, Odisha, Pin-758031 declare that I have changed my name from **Insah Parwin** (old name) to **Insha Parween** (new name). Henceforth, I shall be known as **INSHA PARWEEN** for all future purposes.

Insha Parween

**AFFIDAVIT**

By virtue of an affidavit no.3229 before the Executive Magistrate, Phulbani, Kandhamal, dtd.29.12.2025, I, Kartika Kumar Gurandi, At-Kamanakama, Po- Kelapada, Ps- Phiringia, Dist- Kandhamal, Odisha, Pin- 762011 have changed the name of my minor son from Karimdam Gurandi to Karindam Gurandi. Henceforth he shall be known as **Karindam Gurandi** for all purposes.

Sd/- Kartika Kumar Gurandi

**AFFIDAVIT**

By virtue of an affidavit (Sl No.13340, dtd- 01/12/2025) sworn before The Executive Magistrate, Jajpur. I, Bijay Kumar Maharana, S/o Sanatan Maharana, resident of Vill- Barttanda, PO- Atta, Ps- Sukinda, Dist- Jajpur, PIN-755018, Odisha declare that I have changed my name from Bijay Kumar Moharana to Bijay Kumar Maharana. Henceforth, I shall be known as **BIJAY KUMAR MAHARANA** (new name) for all purposes.

**AFFIDAVIT**

I, Mohammed Tahir, aged about 77 years, S/o- Abdul Rahman, resident of Subhash Nagar, Ward No 14, Po- Bargarh, Ps- Bargarh, Dist- Bargarh, Odisha, Pin- 768028, do hereby declare by this affidavit No.32, dtd- 03/01/2026, that now onwards I shall be known as **MOHAMMAD TAHIR** for all future purposes.

**ସତ୍ୟପାଠ**

ଏତଦ ଦ୍ୱାରା ଆମେ ମିନାକ୍ଷୀ ରାଉତ ବୟସ ୫୫ ବର୍ଷ, ପିତା-ଅଚ୍ୟୁତି ଖଟୁଆ, ସା- ଦେଶପୁର, ପୋ- କାସୁକାଇପଡ଼ା, ଥାନା- ଡେରାବିଶ, ଜିଲ୍ଲା- କେନ୍ଦ୍ରାପଡା, ଗତ ତା- ୨୨.୧୨.୨୦୨୫ ରିଖରେ ନୋଟାରୀ ପବ୍ଲିକ୍ କେନ୍ଦ୍ରାପଡାଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ସତ୍ୟପାଠ କରିଥାଉ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏହା ଜଣାଉଛୁ କି ଆମେ ଓ ଆମ ଭଉଣୀ ଲତା ରାଉତ, ସ୍ୱା- ଦୁର୍ଯ୍ୟୋଧନ ରାଉତ, ସା- ବିଦ୍ୟାଧରପୁର, ପୋ-ପୋଦ୍ଦମରାଇ, ଥା- କୁଜଙ୍ଗ, ଜିଲ୍ଲା- କଟକ, ଆମେ ଉଭୟ ଆମ ପିତା ଅଚ୍ୟୁତି ଖଟୁଆ, ୮୫ବର୍ଷ ଙ୍କର ୨ ଝିଅ ଅଟୁ ଏବଂ ଆମ ପିତାଙ୍କର ସ୍ଥାବର ଅସ୍ଥାବର ସମ୍ପତ୍ତିର ଉତ୍ତରାଧିକାରୀଣୀ ଅଟୁ। ଯଦି କୌଣସି ବ୍ୟକ୍ତି ଆମ ପିତାଙ୍କର ବୟସାଧିକ କାରଣରୁ ସ୍ମରଣଶକ୍ତି ହାନି ଯୋଗୁ ଏହାର ସୁଯୋଗ ନେଇ ସମ୍ପତ୍ତିକୁ ହସ୍ତାନ୍ତର କରିଥାନ୍ତି ବା କରନ୍ତି ସେଥିଲାଗି ଆମେ ଦାୟୀ ରହିବୁ ନାହିଁ।

ସ୍ୱା/- ମିନାକ୍ଷୀ ରାଉତ

**AFFIDAVIT**

I, Rafat Sulana, aged about 33 years, W/o- Gulam Gous, resident of Subhash Nagar, Ward No 14, Po- Bargarh, Ps- Bargarh, Dist- Bargarh, Odisha, Pin- 768028, do hereby declare by this affidavit No.33, dtd- 03/01/2026, that now onwards I shall be known as **RAFAT SULTANA** for all future purposes.

**AFFIDAVIT**

I, Mohmooda Khatun, aged about 64 years, W/o-Mohammad Tahir, resident of Subhash Nagar, Ward No. 14, Po- Bargarh, Ps- Bargarh, Dist- Bargarh, Odisha, Pin- 768028, do hereby declare by this affidavit No.31, dtd-03/01/2026, that now onwards I shall be known as **MHMUDA KHATUN** for all future purposes.

**AFFIDAVIT**

By virtue of an affidavit No. 03 sworn before the Executive Magistrate, Champua on dated- 02/01/2026, I **Gurucharana Moharana**, S/o- Brundaban Maharana, permanent resident of Vill- Kansara (Kha) Po- Bhanda, Ps- Baria, Dist- Keonjhar, Odisha, Pin- 758044 declare that I have changed my name from **Gura Maharana** (old name) to **Gurucharana Moharana** (new name). Henceforth, I shall be known as **Gurucharana Moharana** for all future purposes.

Gurucharana Moharana

**AFFIDAVIT**

By virtue of an affidavit No. 3518, sworn before the Executive Magistrate, Champua on dtd- 26/12/2025, I **Ambuja Nayak,** S/o-Pitambar Nayak, parmanent resident of Vill/Po- Rangamatia, Ps- Champua, Dist- Keonjhar, Odisha, Pin- 758044. I have changed my minor daughter's name from **Tejashini Nayak** (old name) to **Laxmipriya Nayak** (new name), Henceforth, she shall be known as **Laxmipriya Nayak** for all future purposes.

Ambuja Nayak

**AFFIDAVIT**

By virtue of an affidavit No.32 sworn before the Notary Public Swampatana on dtd- 03/01/2026, I **Umesh Chandra Mahanta,** S/o-Balaram Mohanta, permanent resident of At- Bhalughar, Po-Mushakhori Block-Patana, Dist-Keonjhar, Odisha, Pin- 758030, declare that I have changed my name from **Umesha Chandra Mahant** (old name) to **Umesh Chandra Mahanta** (new name). Henceforth, I shall be known as **Umesh Chandra Mahanta** for all future purposes.

Umesh Chandra Mahanta

## ରାଜ୍ୟସ୍ତରୀୟ ଶାରଳା ନାଟକ ଉତ୍ସବ

# ସମାଜକୁ ଆଇନା ଦେଖାଇଲା 'କମଳା'

ଜଗତସିଂହପୁର,୩୧୧(ସମିସ)



'କମଳା' କେବଳ ଜଣେ ମହିଳା ନୁହେଁ, ସମଗ୍ର ନାରୀଜାତିର ପ୍ରତୀକ। "କମଳା' ଏକ ଆଇନା, ଯେଉଁଥିରେ ଆମେ ନିଜ ମୁହଁ ଦେଖି ଲଜ୍ଜା ଅନୁଭବ କରିଥାଉ। ଜଗତସିଂହପୁରର ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ "ପ୍ରଥମା ଫାଉଣ୍ଡେସନ୍' ପକ୍ଷରୁ ଦ୍ୱିତୀୟ ରାଜ୍ୟସ୍ତରୀୟ ଶାରଳା ନାଟକ ଉତ୍ସବର ଦ୍ୱିତୀୟ ସଂଧ୍ୟାରେ ମଞ୍ଚସ୍ଥ ନାଟକ "କମଳା' ସମାଜର ନଗ୍ନ ବାସ୍ତବତାକୁ ପଦାକୁ ଆଣିଛି। ଜୀବନରେଖା ଥିଏଟର୍ସ କଳାକାରମାନଙ୍କ ନିଖୁଣ ଅଭିନୟ ଏହି ନାଟକକୁ ଅତ୍ୟନ୍ତ ଜୀବନ୍ତ କରିଦେଇଥିବା ବେଳେ ଦର୍ଶକଙ୍କ ଆଖି ଓଦା କରିଦେଇଥିଲା। ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଚାଲିଥିବା ଏହି ନାଟକ ଉତ୍ସବରେ ଗତକାଲି ଭଳି ଆଜି ମଧ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ନାଟକ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପୂରା ପ୍ରେକ୍ଷାଳୟ ଦର୍ଶକପୂର୍ଣ୍ଣ ରହିଥିଲା।

ବିଜୟ ତେନ୍ଦୁଲକରଙ୍କ ମୂଳ ରଚିତ ତଥା ଚିନ୍ମୟୀ ଷଡ଼ଙ୍ଗୀଙ୍କ ଦ୍ୱାରା ଅନୁସର୍ଜିତ ଏହି ନାଟକକୁ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଅଭିନ୍ନ ରାଉତରାୟ ନିର୍ଦ୍ଦେଶନା ଦେଇଥିଲେ। ଆଜିର ଦ୍ୱିତୀୟ ଦିବସକୁ କାଳଜୟୀ ନାଟ୍ୟକାର ଓ ନିର୍ଦ୍ଦେଶକ ସୁଧାକର ଦ୍ୱିବେଦୀଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଥିଲା। ଜୀବନରେଖା ଥିଏଟର୍ସ କଳାକାର ସତ୍ୟନାରାୟଣ ନନ୍ଦୀ, ରୋହନ ଯାଦବ, ଆଶୀଷ ରାଉତ, ଶୁଭଶ୍ରୀ, ଶିବାଙ୍ଗୀ ଓ ଶୁଭସ୍ମିତାଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ନାଟକର ବିଷୟବସ୍ତୁ ମଧ୍ୟରେ ହଜାଇ ଦେଇଥିଲେ। ପ୍ରତାପ ରାଉତ ସଂଗୀତ ଦେଇଥିବା ବେଳେ ସଂଜୟ ସାହା ଆଲୋକରେ ସହଯୋଗ କରିଥିଲେ। ଅଶୋକ କର ମଞ୍ଚ ସଜ୍ଜା ଏବଂ ତପନ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ସତ୍ୟନାରାୟଣ ନନ୍ଦୀ, ରୋହନ ଯାଦବ, ଆଶିଷ ରାଉତ, ଶୁଭଶ୍ରୀ, ଶିବାଙ୍ଗୀ ଓ ଶୁଭସ୍ମିତା ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। କାଳଜୟୀ ନାଟ୍ୟକାର ଓ ନିର୍ଦ୍ଦେଶକ ସୁଧାକର ଦ୍ୱିବେଦୀଙ୍କୁ ଉତ୍ସର୍ଗ ଦ୍ୱିତୀୟ ସଂଧ୍ୟାରେ ଅତିଥିଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକ, ଜଗତସିଂହପୁର ସାହିତ୍ୟ ପରିଷଦର ସଂପାଦକ କବି ଉମାକାନ୍ତ ନାୟକ, ଜୀବନରେଖା ଥିଏଟରର ଉପଦେଷ୍ଟା ଇ. ବିଜୟ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଦୁଃଖିରାମ ସ୍ୱାଇଁ କଳା ପ୍ରତିଷ୍ଠାନର ନିର୍ଦ୍ଦେଶକ ଅଜୟ ଗୋଚ୍ଛାୟତ ନାଟକ ଉତ୍ସବର ଆଭିମୁଖ୍ୟ କହିଥିଲେ। ଏହି ଅବସରରେ ମଞ୍ଚ ଅଭିନେତା ନିରଞ୍ଜନ ବେହେରା, ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ଶୁଭଙ୍କର ଜେନା ଓ ଯୁବ ସାମ୍ବାଦିକ ତାପସ ଦାସଙ୍କୁ 'ପ୍ରଥମା ସମ୍ମାନ -୨୦୨୬' ପ୍ରଦାନ କରାଯାଇଥିଲା। କାଳଜୟୀ ନାଟ୍ୟକାର ଓ ନିର୍ଦ୍ଦେଶକ ସୁଧାକର ଦ୍ୱିବେଦୀଙ୍କ ଉଦ୍ଦେଶ୍ୟରେ 'ସ୍ମୃତି ସମ୍ମାନ' ତାଙ୍କ ପୁଅ ସରୋଜ ଦ୍ୱିବେଦୀ ଗ୍ରହଣ କରିଥିଲେ। ଏଥିସହ 'କମଳା' ନାଟକର ନିର୍ଦ୍ଦେଶକ ଅଭିନ୍ନ ରାଉତରାୟଙ୍କୁ ଅତିଥି ସମ୍ମାନିତ କରିଥିଲେ। ଆଇନଜୀବୀ ନରେଶ ଦାସ ଓ ସାରଦା ଦାସ ମାନପତ୍ର ପାଠ କରିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ଦୁର୍ଗା ପ୍ରସାଦ ସ୍ୱାଇଁ, ସଂଗଠନ ସମ୍ପାଦକ ସତ୍ୟବ୍ରତ ବିଶ୍?ାଳ, ଉପସଭାପତି କାଳୀକିଙ୍କର ମହାନ୍ତି, ସଦସ୍ୟ ସଞ୍ଜୀବ ବରାଳ ପ୍ରମୁଖ ଅତିଥିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଉତ୍ସବର ସଂପାଦକ ସୋମନାଥ ପରିଡ଼ା ଧନ୍ୟବାଦ୍ ଦେଇଥିବା ବେଳେ ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ ମଞ୍ଚ ସଞ୍ଚାଳନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ ଗୋଚ୍ଛାୟତ, ବିଜୟ କୁମାର ରାଉତ, ସୁଦୀପ୍ତ ପରିଡ଼ା, ମନୋଜ ମହାପାତ୍ର, ପବିତ୍ର ପରିଡ଼ା, ନିଖିଳ ରଞ୍ଜନ ନାୟକ, ଅନୀଲ ଦାସ, ସୁରେଶ ପ୍ରଧାନ, ପିଙ୍କୁ ପ୍ରଧାନ, ପ୍ରିୟବ୍ରତ ଦାସ ଓ ଅବିନାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ। ରବିବାର ଉଦଯାପନୀ ସନ୍ଧ୍ୟାରେ ଭୁବନେଶ୍ୱର 'ରଙ୍ଗମ୍' ନାଟ୍ୟାନୁଷ୍ଠାନ ପରିବେଷଣ କରିବେ ଚର୍ଚ୍ଚିତ ନାଟକ 'ସମ୍ପର୍କ'।

## ବିଦ୍ୟାଭାରତୀରେ ମୂଲ୍ୟବୋଧ ଉତ୍ସବ

କୁଜଙ୍ଗ,୩୧୧(ସମିସ): କୁଜଙ୍ଗ ବ୍ଲକ୍ ପଙ୍କପାଳ ସ୍ଥିତ ବିକେ ଚୌଧୁରୀ ମେମୋରିଆଲ ସ୍କୁଲ ବିଦ୍ୟାଭାରତୀ ପରିସରରେ ମୂଲ୍ୟବୋଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦିନତମାମ ସମୟାନୁବର୍ତ୍ତିତା, ସାଧୁତା, ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ପାଞ୍ଚ ମୂଲ୍ୟବୋଧଭିତ୍ତିକ ଗୁଣକୁ ନେଇ ଗଳ୍ପ, କବିତା, ବକ୍ତୃତା, ଏକକ ଅଭିନୟ ପିଲାମାନେ ପ୍ରଦର୍ଶନ କରିବା ସହ ପୁରସ୍କୃତ ହୋଇଥିଲେ। ଏହି ଅବସରରେ ଆଲୋଚନାଚକ୍ରରେ ପଙ୍କପାଳର ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି କ୍ୟାପ୍ଟେନ୍ ଅଜୟ କୁମାର ଖୁଣ୍ଟିଆ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ଅଧ୍ୟକ୍ଷ ସୁନାକର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ମ୍ୟାନଜିଂ ଟ୍ରଷ୍ଟି ଚୌଧୁରୀ ପଦ୍ମନାଭ ମିଶ୍ର, ଶିକ୍ଷା କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ବରିଷ୍ଠ ଗୁରୁଜୀ ପ୍ରମୋଦ କୁମାର୍ ସ୍ୱାଇଁ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଗୁରୁଜୀ ଅମିୟ କୁମାର ଦାସ, ସୁଜିତ ଷଡ଼ଙ୍ଗୀ, ଶଶିରେଖା ମୋହାପତ୍ର, ରୁବିନା ପରିଡା, ବିନିକା ଦାସ, ମୋନାଲିଶା ପରିଡ଼ା ଜ୍ୟୋତିର୍ମୟୀ ଦାସ ପ୍ରମୁଖ ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ। ଜୟ ସାଇ ପଟ୍ଟନାୟକ, ଆୟୁସ୍ମାନ ସାମଲ ଓ ସ୍ୱୟଂ ପ୍ରକାଶ ସାହାଣୀ ଅଭିନୟ କରିଥିବା ବେଳେ ଅଦ୍ୟାସା ପ୍ରଧାନ, ଆକାଂକ୍ଷା ସାହୁ, ଶୁଭଶ୍ରୀ ଦାସ ଓ ସାଇ ଶ୍ରଦ୍ଧା ମଲ୍ଲ ବେଦ ପାଠ କରିଥିଲେ। ସେହି ପରି ରୁଦ୍ର ସାଇ ମିଶ୍ର, ଆଦର୍ଶ ସାହାଣୀ, ସ୍ୱୟଂ ସମ୍ପୂର୍ଣ୍ଣ ସାମଲ, ଦେବସ୍ମିତା ଦାସ, ସତ୍ୟ ପ୍ରକାଶ ସାହୁ, ଅଭିଲିପସା ସ୍ୱାଇଁ ବକ୍ତୃତା ଦେବା ସହ ମୂଲ୍ୟବୋଧ ଭିତ୍ତିକ ପ୍ରକଳ୍ପ ଓ ବୋଧ କଥା କହି ଥିଲେ। ସେହିପରି ନୃତ୍ୟ ରେ ୨୨ ଜଣ ବିଦ୍ୟାର୍ଥୀ ଅଂଶ ଗ୍ରହଣ କରିଥିଲେ।

## ନଦୀରେ ବୁଡ଼ି ମେଧାବୀ ଛାତ୍ରଙ୍କ ମୃତ୍ୟୁ

କୁଜଙ୍ଗ,୩୧୧(ସମିସ): ମେଡିକାଲରେ ମା'ଙ୍କର ଚିକିତ୍ସା ଜାରି ରହିଛି। ଷ୍ଟୋନ୍ ଅପରେସନ୍ ପରେ ମା'ଙ୍କ ଚିକିତ୍ସା ଆଇସିୟୁରେ ଚାଲିଛି। ଏଣେ ନାବାଳକ ପୁଅ ନଦୀରେ ବୁଡ଼ି ଯିବାରୁ ତାର ମୃତ୍ୟୁ ଘଟିଛି। ଏମିତି ଏକ ହୃଦୟବିଦାରକ ଘଟଣା ଘଟିଛି କୁଜଙ୍ଗ ଥାନା ପାରିଅଙ୍ଗ ଗ୍ରାମରେ। ଗ୍ରାମର ଜଣେ ଅଷ୍ଟମ ଶ୍ରେଣୀର ଛାତ୍ର ନଦୀରେ ଗାଧୋଇବା ସମୟରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ମୃତ ଛାତ୍ର ହେଲେ ସାଇ ପ୍ରସାଦ ନାୟକ (୧୪)।



ସୂଚନା ଅନୁସାରେ ଆଜି ମଧ୍ୟାହ୍ନରେ କୁଜଙ୍ଗ ଥାନା ପାରିଅଙ୍ଗ ଗ୍ରାମର ନୃସିଂହ ନାୟକଙ୍କ ସାନପୁଅ ସାଇ ପ୍ରସାଦ ନାୟକ, ବଡ଼ପୁଅ ନିର୍ମାଲ୍ୟ ନାୟକ କିଛି ପିଲାଙ୍କ ସହିତ ନିକଟସ୍ଥ ବାଲିଆ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ସାଇପ୍ରସାଦ ହଠାତ ନିଖୋଜ ହୋଇଯାଇଥିଲେ। ସେଠାରେ ଗାଧୋଉଥିବା ଅନ୍ୟ ପିଲାମାନେ ତାଙ୍କୁ ଖୋଜାଖୋଜି କରିବା ପରେ ପାଇନଥିଲେ। ମାତ୍ର ତାର ବଡଭାଇ ନିର୍ମାଲ୍ୟ ଖୁବ୍ ଯୋରରେ ଚିତ୍କାର କରି ଲୋକମାନଙ୍କୁ ଡାକ ପକାଇଥିଲେ। ଲୋକମାନେ ଆସି ଅନେକ ଖୋଜାଖୋଜି କରିବାପରେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି କୁଜଙ୍ଗ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ଗ୍ରାମରେ ଶୋକାକୁଳ ପରିବେଶରେ ଅନ୍ତ୍ୟେଷ୍ଟି କ୍ରିୟା କରାଯାଇଥିବା ବେଳେ ରାହାମା ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ ଶତପଥୀ, ଗୁରୁଜୀ କରୁଣାକର ଦାସ ପ୍ରମୁଖ ଶେଷ ଦର୍ଶନ କରିବା ଶହ ସମବେଦନା ଜଣାଇଛନ୍ତି। ପ୍ରକାଶଯୋଗ୍ୟ, ସାଇ ପ୍ରସାଦ ରାହାମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ହଷ୍ଟେଲରେ ରହୁଥିଲେ। ସେ ଛୁଟିରେ ଘରକୁ ଆସିଥିଲେ। ସାଇ ପ୍ରସାଦଙ୍କ ମା' ଖୁଲଣା ନାୟକ କଟକର ଏକ ମେଡିକାଲରେ ଷ୍ଟୋନ ଅପରେସନ ହେବା ପରେ ଆଇସିୟୁରେ ରହିଛନ୍ତି। ତାଙ୍କ ବାପା ନୃସିଂହ ତାଙ୍କ ପାଖରେ ଥିଲେ। ସେ ଖବର ପାଇବା ପରେ କୁଜଙ୍ଗ ମେଡିକାଲରେ ପହଞ୍ଚିଥିବା ଜଣାପଡ଼ିଛି। ଏହି ଘଟଣା ବଡ଼ଙ୍ଗ ଅଞ୍ଚଳ ଓ ତଳପଡ଼ା ଶିଶୁ ମନ୍ଦିରରେ ଶୋକର ଛାୟା ଖେଳାଇଦେଇଛି।

## ପଚା ମାଂସ ଖାଉଥିବା ବ୍ୟକ୍ତି ଠାବ

ପାରାଦୀପ,୩୧୧(ସମିସ): ପାରାଦୀପ ଉପକଣ୍ଠ ରଙ୍ଗିଆଗଡ଼ ଅଞ୍ଚଳରେ ଜଣେ ବ୍ୟକ୍ତି ପଚା ମାଂସ ଖାଉଥିବା ବେଳେ



ଠାବ ହୋଇଛି। ବିଭିନ୍ନ ମାଂସ ଦୋକାନରୁ ବାହାରିଥିବା ଅନ୍ତଃବୁଜୁଳା, କୁକୁଡ଼ା ପର, ଗୋଡ଼ ସବୁକୁ ସେ ଭଲ ଭାବରେ ବାଛି ମାଂସ ଖାଇଚାଲିଥିବା ବେଳେ ଏହା ସ୍ଥାନୀୟ ଅଞ୍ଚଳର ଲୋକଙ୍କ ନଜରକୁ ଆସିଥିଲା। ଫଳରେ ସେମାନେ ଏହି ଦୃଶ୍ୟକୁ ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ପକାଇଛନ୍ତି। ଏଭଳି ଦୃଶ୍ୟ ଏବେ ପାରାଦୀପ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ବେଶ ସୁସ୍ଥସବଳ ଏହି ଯୁବକ, କାନ୍ଧରେ ଏୟାରବ୍ୟାଗ ପକାଉଥିବା ବେଳେ ବିଭିନ୍ନ ଅଞ୍ଚଳ ଘୁରି ବୁଲିବା ସହିତ ରାସ୍ତା କଡ଼ରେ ମାଂସ ଦୋକାନରୁ ବାହାରିଥିବା ଅନ୍ତଃନାଡ଼ି ଗୁଡିକରୁ ମାଂସ କାଢ଼ି ଖାଇଚାଲିଛି। କିଏ ଏହି ଯୁବକ, କୁଆଡୁ ଆସିଛି, କ'ଣ ତାର ପରିଚୟ, ଭିକ୍ଷମ ନା ଭଲ ମଣିଷ ତାହା ଜଣାପଡ଼ିନି। ଅଚ୍ୟୁତାନନ୍ଦଙ୍କ ମାଳିକାରେ ଲେଖାଥିବା ମଣିଷ ଖାଇବ ମଣିଷ ମାଂସ କଥା ସତ ହେଲା ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ ଏଭଳି ଖବରର ସତ୍ୟତା ସମ୍ପର୍କରେ ସ୍ଥାନୀୟ ଅଭୟଚାନ୍ଦପୁର ଥାନା ଅଧିକାରୀ ସମୀର କୁମାର ରାଉତଙ୍କ ଯୋଗାଯୋଗ କରିଯାଇଥିଲା। ହେଲେ ଥାନା ଅଧିକାରୀ ଶ୍ରୀ ରାଉତ ସୋସିଆଲ ମିଡିଆରୁ ଦେଖିଲା ପରେ ପୁଲିସ ଗାଡ଼ି ପଠାଇ ତାର କୌଣସି ସନ୍ଧାନ ପାଇ ନଥିବା କହିଥିଲେ।

## ଜବତ ହାଇୱା ଛାଡ଼ିବା ଘଟଣା

# ତିର୍ତ୍ତୋଲ ଆଇଆଇସିଙ୍କୁ କାରଣ ଦର୍ଶାଅ ନୋଟିସ୍

ଜଗତସିଂହପୁର,୩୧୧(ସମିସ): ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଦେଶନାମାକୁ ସଠିକ ଭାବେ ତର୍ଜମା ନକରି ଜବତ ହୋଇଥିବା ହାଇୱା ଛାଡ଼ିଦେବା ତିର୍ତ୍ତୋଲ ଥାନା ଆଇଆଇସି ପ୍ରଦୀପ୍ତ ସେଠୀଙ୍କ ପାଇଁ ମହଙ୍ଗା ପଡିଛି। ସୂଚନା ଅନୁସାରେ ଗତ ଡିସେମ୍ବର ୧୧ ତାରିଖରେ ଜଗତସିଂହପୁର ଜିଲ୍ଲାର ଜୟପୁର ବାଲିଘାଟରେ ଅନୁମତି ପ୍ରାପ୍ତ ଠାରୁ ଯଥେଷ୍ଟ ଅଧିକ ବାଲି ଚାଲାଣ ହେଉଥିବା ଅଭିଯୋଗରେ ଚଢ଼ଉ ହୋଇଥିଲା। ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ନେତୃତ୍ୱରେ ପ୍ରଶାସନ ପକ୍ଷରୁ ହୋଇଥିବା ଏହି ଚଢ଼ଉ ବେଳେ ୨୨ଟି ହାଇୱା ଜବତ କରାଯାଇଥିଲା। ପରେ ଖଣି ଅଧିକାରୀ ତିର୍ତ୍ତୋଲ ଥାନାରେ ଏତଲା ଦେଇଥିଲେ ଏବଂ ଜବତ ଗାଡ଼ିଗୁଡିକୁ ଥାନା ଜିମା



ଦରମା ବନ୍ଦ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଦିଆଯାଇଥିଲା। ପରେ କିଛି ଗାଡ଼ି ମାଲିକ ଉପଜିଲ୍ଲାପାଳ, ଖଣି ଅଧିକାରୀ ଏବଂ ତିର୍ତ୍ତୋଲ ଆଇଆଇସିଙ୍କୁ ପକ୍ଷ କରି ଉଚ୍ଚ ନ୍ୟାୟାଳୟରେ ଏହା ବିରୋଧରେ ଆବେଦନ କରିଥିଲେ। ନ୍ୟାୟାଳୟ ଏହି ମାମଲାର ବିଚାର କରି ଆବେଦନକାରିଙ୍କୁ ସମସ୍ତ କାଗଜପତ୍ର ସହିତ ଉପରୋକ୍ତ ଅଧିକାରୀମାନଙ୍କୁ ଭେଟି ଆଲୋଚନା କରିବାକୁ ଆଦେଶନାମା ଜାରି କରିଥିବା ବେଳେ ଅଧିକାରୀମାନେ ସମସ୍ତ କାଗଜପତ୍ର ଯାଞ୍ଚ କରି ଆଇନ ଅନୁସାରେ ପଦକ୍ଷେପ ନେବାକୁ ଏଥିରେ କୁହା ଯାଇଥିଲା। ତେବେ ଆବେଦନକାରୀ ଗାଡ଼ି ମାଲିକ ମାନେ ତିର୍ତ୍ତୋଲ ଆଇଆଇସି ଶ୍ରୀ ସେଠୀଙ୍କୁ ଭେଟିବା ପରେ ଉପରିସ୍ଥ ଅଧିକାରୀଙ୍କ ଅଗୋଚରରେ ସେ ସେମାନଙ୍କ ଗାଡ଼ି ଛାଡି ଦେଇଥିଲେ। ତେଣୁ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅବମାନନା କରିଥିବାରୁ ଆଇଆଇସି ପ୍ରଦୀପ୍ତ ସେଠୀଙ୍କ ଜାନୁଆରୀ ମାସର ଦରମା ବନ୍ଦ ନିର୍ଦ୍ଦେଶ ସହିତ ଜିଲ୍ଲାପାଳ ତାଙ୍କୁ ଦୁଇଦିନ ଭିତରେ କାରଣ ଦର୍ଶାଇବାକୁ ନୋଟିସ୍ କରିଛନ୍ତି।

## ଅଭିମନ୍ୟୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବାଲିକୁଦା,୩୧୧(ସମିସ): ବାଲିକୁଦା ବ୍ଲକ ଖଣ୍ଡଗିରି ଗାଦିବ୍ରହ୍ମ କ୍ରିକେଟ୍ କ୍ଲବ, ଗଣ୍ଡକୁଳ ଆନୁକୂଲ୍ୟରେ ଅଭିମନ୍ୟୁ ସ୍ମାରକୀ ପଞ୍ଚମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ଗଣ୍ଡକୁଳ ଗ୍ରାମ୍ୟ କମିଟି ସଭାପତି ପୁଷ୍କର ବିଶ୍ୱାଳ, ସମ୍ମାନିତ ଅତିଥି ଗ୍ରାମର ମୁରବୀ ଜଟାଧାରୀ ଜେନା, ଜଗଦୀଶ ବିଶ୍ୱାଳ,



ପ୍ରଭାକର ପ୍ରଧାନ, କ୍ଷେତ୍ରବାସୀ ସ୍ୱାଇଁ, ଶୁକଦେବ ସାହୁ, ବାବାଜୀ ସ୍ୱାଇଁ, ଦିଲ୍ଲୀପ ପଡ଼ିଆରୀ, ସର୍ବେଶ୍ୱର ସ୍ୱାଇଁ, ବାବୁଲି ଶୁକ୍ଲା, ତପନ କୁମାର ସ୍ୱାଇଁ, ମିହିର ବିଶ୍ୱାଳ, ଶିବ ଚରଣ ସ୍ୱାଇଁ, ସୁଶାନ୍ତ ସାହୁ, ଅଜୟ ଜେନା, କ୍ଷେତ୍ରମୋହନ ମୁଦୁଲି, ପଞ୍ଚାନନ ସ୍ୱାଇଁ, ଅକ୍ଷୟ ଜେନା, ଦିବ୍ୟବର ସାହୁ, ରାକେଶ ନାୟକ, ବିହାରୀ ବିଶ୍ୱାଳ ଯୋଗ ଦେଇଥିଲେ। ଆୟୋଜକ କେଜିସିଟି ଗଣ୍ଡକୁଳ ଏବଂ ମାତୃଶକ୍ତି କ୍ରିକେଟ୍ କ୍ଲବ ଦଶବାଟିଆ ମଧ୍ୟରେ ମ୍ୟାଚ୍ ଉଦଯାପିତ ହୋଇଥିଲା। ଗଣ୍ଡକୁଳର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଟି ୱିକେଟ୍ ହରାଇ ୧୬୮ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଦଶବାଟିଆ କ୍ରିକେଟ ଟିମ ମାତ୍ର ୧୫.୪ ଓଭର ମଧ୍ୟରେ ତାର ସମସ୍ତ ୱିକେଟ୍ ହରାଇ ୧୧୮ ରନ୍ କରି ପରାଜୟ ବରଣ କରିଥିଲା। ସ୍ୱପ୍ନ ସାଗର ସ୍ୱାଇଁ ୨୩ ବଲରୁ ୬୦ ରନ ସଂଗ୍ରହ କରିବା ସହିତ ୩ ଗୋଟି ୱିକେଟ୍ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ଏବଂ ୩ଟି ଇନିଂସରେ ମୋଟ ୯୫ ରନ ସଂଗ୍ରହ କରି ୮ ଗୋଟି ୱିକେଟ୍ ଅକ୍ତିଆର କରି ମ୍ୟାନ ଅଫ ଦି ସିରିଜ ଘୋଷିତ ହୋଇଥିଲେ। ସରୋଜ ସ୍ୱାଇଁ ୩ଟି ଇନିଂସରେ ମୋଟ ୧୦ ଗୋଟି ୱିକେଟ୍ ଅକ୍ତିଆର କରି ବେଷ୍ଟ ବୋଲର ଭାବରେ ଏବଂ ବଘେଇପୁର ଟିମର ଜିତେନ୍ଦ୍ର ବିଶ୍ୱାଳ ବେଷ୍ଟ ବ୍ୟାଟ୍ସମନ ଭାବରେ ଘୋଷିତ ହୋଇଥିଲେ। ଅଭିଜିତ ବିଶ୍ୱାଳ ଏବଂ ବାପିନା ପଡ଼ିଆରୀ ଅମ୍ପାୟାର ଦାୟିତ୍ୱ ତୁଲାଇ ଥିବା ବେଳେ ଶୁଭକାନ୍ତ ଶେଠ୍ ଏବଂ ସମ୍ପଦ ସ୍ୱାଇଁ ଧାରା ବିବରଣୀ ପ୍ରଦାନ କରିଥିଲେ। ସବ୍ୟସାଚୀ ଜେନା ଏବଂ ଆୟୁଷ୍ମାନ ବିଶ୍ୱାଳ ସ୍କୋରିଂରେ ସହଯୋଗ କରିଥିବା ବେଳେ ରାମଚନ୍ଦ୍ର ଜେନା, ରୁଦ୍ର ନାରାୟଣ ପ୍ରଧାନ, ନିହାର ବିଶ୍ୱାଳ, ଅନିତ୍ୟ ଜେନା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ରାଇଜିଂ ଷ୍ଟାର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବାଲିକୁଦା,୩୧୧(ସମିସ): ରାଇଜିଂ ଷ୍ଟାର୍ ୟୁଥ କ୍ରିକେଟ କ୍ଲବ ମରିଚପୁର ଆନୁକୂଲ୍ୟରେ ଆୟୋଜିତ ୩୪ତମ ରାଜ୍ୟସ୍ତରୀୟ ରାଇଜିଂ ଷ୍ଟାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଐତିହାସିକ ବାପୁଜୀ ଷ୍ଟାଡିୟମଠାରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ତହସିଲଦାର ବିକାଶ ରଞ୍ଜନ, ମୁଖ୍ୟବକ୍ତା ଭାବେ ମରିଚପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାକ୍ତନ ପ୍ରଧାନଶିକ୍ଷକ ବିଜୟ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ଜଗତଜ୍ୟୋତି ପଟ୍ଟନାୟକ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ନିମପୁର ଜଗତପୁର କଟକ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୭୬ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ବିକ୍ରମ ସାମଲ ୨୨ ବଲରେ ସର୍ବାଧିକ ୬୪ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ପୁରୀ ପାଏନର ଟିମ୍ ୧୭.୪ ଓଭରରେ ୫ ୱିକେଟ ହରାଇ ୧୭୭ ରନ କରି ପ୍ରଥମ ଦଳ ଭାବେ ସେମିରେ ନିଜର ସ୍ଥାନ ସୁରକ୍ଷିତ କରିଥିଲା। ଦଳ ପକ୍ଷରୁ ବିନୟ କୁମାର ପାଇକରାୟ ୪୨ ବଲରେ ୧୪ ଚୌକା ଓ ୬ ଛକା ସହାୟତାରେ ୧୦୧ ରନ କରି ଦେବବ୍ରତ ବିଶ୍ୱାଳଙ୍କ ଠାରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରିଥିଲେ। ଆଜିର ମ୍ୟାଚରେ ଅମ୍ପେୟାର ଦାୟିତ୍ୱ ସତ୍ୟବ୍ରତ ସ୍ୱାଇଁ ଓ ଧନେଶ୍ୱର ବିଶ୍ୱାଳ ନିର୍ବାହ କରିଥିବା ବେଳେ ସ୍କୋରିଂରେ ବାପିନା ମାହାଳି ଓ ରିଙ୍କୁ ସେଠୀ ସହଯୋଗ ପ୍ରଦାନ କରିଥିଲେ। ମ୍ୟାଚରେ ସମସ୍ତ ଧାରାବିବରଣୀ ପ୍ରକାଶ ବିଶ୍ୱାଳ, ସିଦ୍ଧାର୍ଥ ରାଉତ ଓ ହାଡିବନ୍ଧୁ କାଣ୍ଡି ପ୍ରଦାନ କରିଥିଲେ। ମ୍ୟାଚ ଆୟୋଜନରେ କ୍ଲବର ସମସ୍ତ ସଦସ୍ୟ ସହାୟତା ପ୍ରଦାନ କରିଥିଲେ।

## ଜଗନ୍ନାଥପୁର ହାଇସ୍କୁଲରେ ପିଏମ୍‌ଶ୍ରୀ ଉତ୍ସବ

ତିର୍ତ୍ତୋଲ/ଏରସମା,୩୧୧(ସମିସ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଜଗନ୍ନାଥପୁର ତିରଣରେ ବିଦ୍ୟାଳୟ ସ୍ତରୀୟ ପ୍ରଥମ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୋଟ୍ ତିନୋଟି ପ୍ୟାଭିଲିୟନ୍‌ରେ ୫୦ରୁ ଉର୍ଦ୍ଧ୍ୱ ଷ୍ଟଲ ପଡ଼ିଥିଲା। ପ୍ରଥମ ଆକାଂକ୍ଷୀ ମେଳାରେ 'ଇନ୍ସପାଏରିଂ ଓଡ଼ିଶା ୨୦୩୬', ସବୁଜ ଓଡିଶା ଥିମରେ '୨୦୩୬ରେ ମୋ ଓଡ଼ିଶା', ସ୍ମାର୍ଟ ସିଟି, ସ୍ମାର୍ଟ ଭିଲେଜ, ବର୍ଜ୍ୟବସ୍ତୁ ପରିଚାଳନା ଇତ୍ୟାଦି ଇନୋଭେଟିଭ୍ ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଦିତୀୟ ବିଭାଗର ଆକାଂକ୍ଷୀ ଛାତ୍ର ପରିଷଦରେ ଚାରୋଟି କ୍ଲବ କୌଶଳି, ବିଜ୍ଞାନ, ସାହିତ୍ୟ ସୁଜନୀ, କ୍ରୀଡାଙ୍ଗନ



ମଧ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ତୃତୀୟ ବିଭାଗର ଦୋକାନ ଯାତ୍ରାରେ ବିଦ୍ୟାଳୟରେ ବଜାର, ଦିନିକିଆ ଉଦ୍ୟୋଗ, ହାତ ଖର୍ଚ୍ଚ, ଆମ ବ୍ୟାଙ୍କ୍, ଯାଦୁ ପେଡ଼ି ଇତ୍ୟାଦି ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାର ହାତ ତିଆରି ସଜ୍ଜସଜ୍ଜା ଉପକରଣ, ହାତତିଆରି ଖାଦ୍ୟ ପ୍ରସ୍ତୁତି ଇତ୍ୟାଦି ପରିଦର୍ଶନ କରିବା ସହିତ ଛାତ୍ରଛାତ୍ରୀ ଜିନିଷ କିଣାବିକା ସମ୍ପର୍କରେ ନିଜରଜ୍ଞାନ ଆହରଣ କରିଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ଅତିରିକ୍ତ ତହସିଲଦାର କଳ୍ପନା ତପସ୍ୱିନୀ ନାୟକ, ବିଦ୍ୟାଳୟ ସଭାପତି ବିଶ୍ୱମ୍ଭର ମଲ୍ଲିକ, ମୁଖ୍ୟବକ୍ତା ହୃଦାନନ୍ଦ ସ୍ୱାଇଁଙ୍କ ସମେତ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ନାୟକ, ସମିତିସଭ୍ୟା ହମିଦା ବେଗମ, ପଞ୍ଚଶଖା ଶିକ୍ଷା ସେତୁ କମିଟିର ସଭାପତି ଜଗନ୍ନାଥ ଖଣ୍ଡୁଆଳ, ସମ୍ପାଦକ ପ୍ରମୋଦ କୁମାର ସାହୁ, ବାବାଜୀ ଚରଣ ନାୟକ, ଅଧାପକ ସଞ୍ଜୀବ କୁମାର ରାଉତ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ଜେନାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଯେଉଁ ଛାତ୍ରଛାତ୍ରୀ ଭଲ ପ୍ରଦର୍ଶିତ କରିଥିବେ ସେମାନେ ଜିଲ୍ଲା ସ୍ତରୀୟ ପିଏମଶ୍ରୀ କାର୍ଯ୍ୟକ୍ରମରେ ଭାବନେବେ ବୋଲି ସୂଚନା ମିଳିଛି।

## ଦେଶୀ ମଦ ଜବତ; ଜଣେ ଗିରଫ

ପାରାଦୀପ,୩୧୧(ସମିସ): ପାରାଦୀପ ଅଭୟଚାନ୍ଦପୁର ଥାନା ଅଧୀନ ଡିଙ୍କିଆ ଅଞ୍ଚଳରୁ ଆଜି ସନ୍ଧ୍ୟାରେ ଜଣେ ଚୋରା ମଦ ବେପାରୀକୁ ପୁଲିସ ଗିରଫ କରିଛି। ସମ୍ପୃକ୍ତ ଯୁବକ ହେଲା ସ୍ଥାନୀୟ ପାଟଣା ଗ୍ରାମର ଜଗନ୍ନାଥ ଦାସ (୩୦)। ତା' ନିକଟରୁ ୧୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଆସନ୍ତାକାଲି କୋର୍ଟଚାଲାଣ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି।

## କାନ୍‌ମାସ୍‌ର ରଜତ ଜୟନ୍ତୀ

ପାରାଦୀପ,୩୧୧(ସମିସ): ପାରାଦୀପଅଞ୍ଚଳର ସାହିତ୍ୟ ଓ ନାଟକ ଅନୁଷ୍ଠାନ କାନମାସ ପକ୍ଷରୁ ୨୬ତମ ପ୍ରତିଷ୍ଠା ଦିବସ କାନମାସ



କାର୍ଯ୍ୟାଳୟରେ ଆୟୋଜିତ ହୋଇଯାଇଛି। କାନମାସର ସଭାପତି କ୍ୟାପଟେନ ଅତୁଲ୍ୟ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ବିଶିଷ୍ଟ ନାଟ୍ୟବିତ୍ ସୁବୋଧ ପଟ୍ଟନାୟକ, କବି ଦୀପ୍ତି ଖଣ୍ଡୁଆଳ, ବନ୍ଦର ସିଏମଇ ସୁଶିଲ ନାହାକ, ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିବି ଦାସ ଓ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସର୍ବ ପ୍ରଥମେ କାନମାସର ସମ୍ପାଦକ ଶ୍ରୀମନ୍ ନାରାୟଣ ମିଶ୍ର ୨୬ ବର୍ଷ ଯାତ୍ରା ସମ୍ବନ୍ଧରେ ବିବରଣୀ ପ୍ରସ୍ତୁତ କରିଥିଲେ। ସେ ଆସନ୍ତା ମାର୍ଚ୍ଚ ପର୍ଯ୍ୟନ୍ତ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିଲେ। ଉଲ୍ଲେଖଯୋଗ୍ୟ ଏ ବର୍ଷ ଦିଲ୍ଲୀଠାରେ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ ଦ୍ୱାରା ଆୟୋଜିତ ହେଉଥିବା ରଙ୍ଗ ମହୋତ୍ସବରେ ନାଟକ ପରିବେଷଣ କରିବା ପାଇଁ କାନମାସ ମନୋନୀତ ହୋଇଛି। ଏହି ଅବସରରେ କବିତା ପାଠ କରାଯାଇଥିଲା। ପରେ ପରେ ଅନୁଷ୍ଠାନରେ ନାଟ୍ୟ ଶିକ୍ଷାଲାଭ କରିଥିବା ନୂତନ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ସୃତି ନାଟକ ଯଯାତି ପରିବେଷଣ କରାଯାଇଥିଲା। କାନମାସ ତରଫରୁ ବିଶିଷ୍ଟ ନାଟ୍ୟବିତ୍ ସୁବୋଧ ପଟ୍ଟନାୟକ, କବି ଦୀପ୍ତି ଖଣ୍ଡୁଆଳ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପାରାଦୀପ ବନ୍ଦର ପ୍ରତିଷ୍ଠା ଦିବସ ମାରାଥନ ପ୍ରତିଯୋଗିତା

# ପୁରୁଷରେ ଅଶୋକ, ମହିଳାରେ ଅନିତା ପ୍ରଥମ

ପାରାଦୀପ,୩୧୧(ସମିସ)





ପାରାଦୀପ ବନ୍ଦରର ୬୫ତମ ପ୍ରତିଷ୍ଠା ଦିବସ ଅବସରରେ ମାରାଥନ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ କ୍ରୀଡ଼ା ସଂସଦ ପକ୍ଷରୁ ଆୟୋଜିତ ଏହି ୨୧ତମ ମାରାଥନ ପ୍ରତିଯୋଗିତାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୩୩୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବିଶେଷକରି ଚଳିତ ବର୍ଷ ଝାଡ଼ଖଣ୍ଡ ରାଜ୍ୟରୁ ପୁରୁଷ ଓ ମହିଳାଙ୍କ ସଂଖ୍ୟା ଅଧିକ ଥିବା ଦେଖିବାକୁ ମିଳିଥିଲା। ତେବେ ପୁରୁଷଙ୍କ ସଂଖ୍ୟା ୨୮୦ ରହିଥିବା ବେଳେ ମହିଳାଙ୍କ ସଂଖ୍ୟା ୫୬ ଥିଲା। ସକାଳେ ଅଧ୍ୟକ୍ଷ ପିଏଲ ହରନାଧ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ। ଭାଗ ନେଇଥିବା ପ୍ରତିଯୋଗୀମାନେ ବନ୍ଦର ସହର ମଧ୍ୟରେ ୧୪ କିଲୋମିଟର ରାସ୍ତା ଅତିକ୍ରମ କରି ଗୋପବନ୍ଧୁ ଷ୍ଟାଡିୟମ୍‌ଠାରେ ପହଞ୍ଚି ଥିଲେ। ଦୌଡ ପ୍ରତିଯୋଗିତାର ପୁରୁଷ ବର୍ଗରେ ଓଡ଼ିଶା ପୁଲିସର ଅଶୋକ ଦଣ୍ଡସେନା ପ୍ରଥମ ହୋଇଥିଲା ବେଳେ ରାଞ୍ଚିର ଗୁଲ୍ସନ ତୁଙ୍ଗତୁଙ୍ଗ ଦ୍ୱିତିୟ, ଝାରଖଣ୍ଡର ରାକେଶ ମହନ୍ତ ତୃତୀୟ ସ୍ଥାନ ପାଇଥିବା ବେଳେ ମହିଳା ବର୍ଗରେ ଝାଡ଼ଖଣ୍ଡର ଅନିତା ଦାସ ପ୍ରଥମ, ସନ୍ଧ୍ୟା ମୁର୍ମୁ ଦ୍ୱିତୀୟ, ବାସନ୍ତୀ ମାଣ୍ଡିଆ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୂର୍ବାହ୍ନରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଧ ଯୋଗ ଦେଇ କୃତି ପ୍ରତିଯୋଗୀମାନଙ୍କୁ ସମ୍ବୋଧିତ କରିବା ସଙ୍ଗେ ସଙ୍ଗେ ପୁରସ୍କାର ବିତରଣ କରିଥିଲେ। ପ୍ରତିଯୋଗିତାର ଉଭୟ ପୁରୁଷ ଓ ମହିଳା ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିବା ପ୍ରତିଯୋଗୀ ମାନଙ୍କୁ ଯଥାକ୍ରମେ ୨୧ ହଜାର, ୧୫ ହଜାର ଓ ୧୦ ହଜାର ୫ ଶହ ଟଙ୍କା, ୩ ଜଣକୁ ୫ ହଜାର, ୬ ଜଣଙ୍କୁ ୩ ହଜାର ଓ ୯ ଜଣଙ୍କୁ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାର ଉଭୟ ବର୍ଗରେ ୨୧ ଜଣଙ୍କୁ ୯୭ ହଜାର ୫ ଶହ ଟଙ୍କା ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବନ୍ଦର ଉପାଧ୍ୟକ୍ଷ ଟି. ବେଣୁଗୋପାଳ, ବନ୍ଦର ବିଭାଗ ମୁଖ୍ୟ, ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଗୋପବନ୍ଧୁ କ୍ରୀଡ଼ା ସଂସଦର ସଭାପତି ତଥା ବନ୍ଦର ମୁଖ୍ୟଯନ୍ତ୍ରୀ ହିମାଂଶୁ ରାଉତଙ୍କ ଅଧ୍ୟକ୍ଷତରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଡ. ଦୁର୍ଗାପ୍ରସାଦ ସେଠୀ ବିବରଣୀ ପାଠ କରିଥିବା ବେଳେ ଫୁଟବଲ ଖେଳର ଉପଦେଷ୍ଟା ରବି ଦାସ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଶେଷରେ ସମ୍ପାଦକ ଧ୍ରୁବଚନ୍ଦ୍ର ତରାଇ ଧନ୍ୟବାଦ୍ ଦେଇଥିଲେ।

## ଢେଙ୍କା ଶବରଙ୍କୁ ମନେପକାଇଲା ଆମ ଆଦମୀ ପାର୍ଟି



**ଢେଙ୍କାନାଳ,୩୧।୧(ସମିସ):** ଆମ ଆଦମୀ ପାର୍ଟି ଢେଙ୍କାନାଳ ଶାଖା ପକ୍ଷରୁ ନବବର୍ଷ ଅବସରରେ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ସହିତ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଭେଟି ଜିଲ୍ଲାର ବିକାଶ ସମ୍ପର୍କରେ ଆଲୋଚନା କରାଯାଇଛି । ବିଜ୍ଞାନ କେନ୍ଦ୍ର ପରିସର ପଥର ଖୋଲଠାରେ ବନ୍ଦି କରି ରଖାଯାଇଥିବା ଢେଙ୍କାନାଳର ଢେଙ୍କା ଶବରଙ୍କୁ ଦର୍ଶନ କରିଥିଲେ । ଯେଉଁ ଶବର ରାଜାଙ୍କ ନାମରେ ଢେଙ୍କାନାଳ ଜିଲ୍ଲାର ନାମକରଣ ହୋଇଛି ତାଙ୍କୁ ପଥର ଖୋଲ ଭିତରେ ରଖାଯାଇଛି । ଜିଲ୍ଲାର ଜନସାଧାରଣଙ୍କୁ ଦର୍ଶନ କରିବାକୁ ଦିଆଯାଉ ନାହିଁ । ଏବେ ବି ଏହାର ରହସ୍ୟ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଜନସାଧାରଣଙ୍କ ପାଇଁ ସ୍ୱତନ୍ତ୍ର ରାସ୍ତା ତିଆରି କରି ଏହି ପଥର ଗୁମ୍ଫାର ସୌନ୍ଦର୍ଯ୍ୟକରଣ କରିବା ପାଇଁ ଆମ ଆଦମୀ ପାର୍ଟି ଦାବି କରିଛି । ଏଥିସହ ରାଜବାଟିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓଙ୍କୁ ଭେଟି ନବବର୍ଷର ଶୁଭେଚ୍ଛା ଜଣାଇଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ସଂଗଠନ ସମ୍ପାଦକ ଭରତ କୁମାର ଦାସ, ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଜିଲ୍ଲା ସଭାପତି ରମେଶ ପଣ୍ଡା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁବୋଧ ବେହେରା, ସାଧାରଣ ସମ୍ପାଦକ ଶେଷଦେବ ବେହେରା, ସମ୍ପାଦକ ଅନିଲ ସାମଲ, ନଗର ସଭାପତି ଦେବାଶିଷ ନନ୍ଦ, ଉପସଭାପତି ବିଜୟ କୁମାର ଦାସ, ସଦସ୍ୟ ପ୍ରସନ୍ନ ବରାଳ, ଜୟଦେବ ବେହେରା, କଳାକାର ଯୁଧିଷ୍ଠିର ଦାସ, ପୀତାମ୍ବର ସାମନ୍ତରାୟ, ବିଜୟ ନାୟକ, ଦୀପ୍ତୀଶ ରଞ୍ଜନ ସାହୁ, ଚିନ୍ମୟ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ପୁଲିସ ଖେଳକୁଦ ପ୍ରତିଯୋଗିତା ଉଦଘାଟିତ

**ଢେଙ୍କାନାଳ,୩୧।୧(ସମିସ):**



ଢେଙ୍କାନାଳ ଜିଲ୍ଲାସ୍ତରୀୟ ପୁଲିସ ଦ୍ୱିତୀୟ ଖେଳକୁଦ ପ୍ରତିଯୋଗିତା ସ୍ଥାନୀୟ ରିଜର୍ଭ ପୁଲିସ ପଡିଆରେ ଉଦଘାଟିତ ହୋଇଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।ସମ୍ମାନୀତ ଅତିଥି ଭାବରେ ବନଖଣ୍ଡ ଅଧିକାରୀ ସୁମିତ କର, ଏସପି ଅଭିନବ ସୋନକର, ଅତିରିକ୍ତ ଏସପି ସୂର୍ଯ୍ୟମଣି ପ୍ରଧାନ, ନିରଞ୍ଜନ ପାଢୀ, ଏସଡିପିଓ ରାଜେନ୍ଦ୍ର କୁମାର ଦୋରା, ଟାଉନ ଥାନା ଓ ସଦର ଥାନା ଅଧିକାରୀ ଉପସ୍ଥିତ ରହିଥିଲେ ।ଢେଙ୍କାନାଳ ଅଗ୍ନିଶମ ବିଭାଗ, ବନବିଭାଗ, ଅବକାରୀ ବିଭାଗ, ପ୍ରଥମ ବାଟାଲିଅନ, ହୋମଗାର୍ଡ ଏବଂ ପୁଲିସ ବିଭାଗର କର୍ମଚାରୀଙ୍କ ମଧ୍ୟରେଏହି ଖେଳ ଅନୁଷ୍ଠିତ ହୋଇଥିଲା । ଆଜି ପୁରୁଷଓ ମହିଳା ବିଭାଗରେ ୧୦୦ମିଟର, ଡିସକସ ଥ୍ରୋ, ଜାଭେଲିନ, ଲମ୍ବ ଡିଆଁ, ଉଚ୍ଚ ଡିଆଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ବନବିଭାଗ ଏବଂ ଓଏସଏପି ପ୍ରଥମ ବାଟାଲିଅନ, ଅବକାରୀ ଏବଂ ପୁଲିସ ଏପିଆର, ପୁଲିସ ଓଆରଏବଂ ହୋମଗାର୍ଡ ମଧ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା ।ଆଜିର ଖେଳରେ ଲମ୍ବ ଡିଆଁ ମହିଳା ବିଭାଗରେ ଜିଲ୍ଲାପୁଲିସର ମୀରାବାଳା ରାଉତ ପ୍ରଥମ, ସାବିତ୍ରୀ ବାନାରା ଦ୍ୱିତୀୟ ଓ କାବେରୀ ଦଳବେହେରା ତୃତୀୟସ୍ଥାନ ଅର୍ଜନ କରିଥିବା ବେଳେ ପୁରୁଷ ବିଭାଗରେ ପ୍ରଥମ ବାଟାଲିୟନର ତରଣୀସେନ ମହନ୍ତ ପ୍ରଥମ, ହୋମଗାର୍ଡର ସମ୍ବିତ ମହାନ୍ତି ଦ୍ୱିତୀୟ ଓ ପ୍ରଥମ ବାଟାଲିୟନର ସ୍ୱରୂପ ସଞ୍ଜିବ ସାହୁ ତୃତୀୟ ସ୍ଥାନ ଅର୍ଜନ କରିଛନ୍ତି । ଏହି ଖେଳ ପ୍ରତିଯୋଗିତା ଦୁଇ ଦିନ ଧରି ଚାଲିବ ବୋଲି ଜଣାପଡିଛି ।

## ଗମ୍ଭାରୀଆ ନାଳ ସେତୁ କାର୍ଯ୍ୟ ନିମ୍ନମାନର

**କଙ୍କଡ଼ାହାଡ଼,୩୧।୧(ସମିସ):** କଙ୍କଡ଼ାହାଡ଼ ବ୍ଲକ ପଡ଼ାତିରା ଗମ୍ଭାରୀଆ ନାଳ ଉପରେ ନିର୍ମାଣ କରାଯାଉଥିବା ସେତୁ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି । ଏଠାରେ ବହୁଦିନ ଧରି ନୂତନ ପୋଲ ନିର୍ମାଣ କାର୍ଯ୍ୟ ପାଇଁ ଦାବି ହେଉଥିଲା । ସେତୁଟି ବହୁଦିନ ପରେ କାର୍ଯ୍ୟ ଚାଲୁରହିଛି । ମାତ୍ର ଦୁର୍ଭାଗ୍ୟର ବିଷୟ ଏଠାରେ ବିନା ସୁରକ୍ଷା ନିରାପତ୍ତା ସହିତ ଠିକାଦାର କାର୍ଯ୍ୟ କରୁଛନ୍ତି । ଏହି ସେତୁଟି କେତେ ଟଙ୍କା, ଅନୁଦାନ ରାଶି, କିଏ ଠିକାଦାର କି କାର୍ଯ୍ୟ



ସୂଚନା ଫଳକ ନାହିଁ । ବିଭାଗର ମନ୍ତ୍ରୀ ବାରମ୍ବାର କହୁଥିବା କଥାକୁ ଠିକାଦାର ବେଖାତିରି କରି କାର୍ଯ୍ୟ କରିଚାଲିଛି । ସବୁଠାରୁ ବଡ଼କଥା ହେଲା ପରଜଙ୍ଗ ବିଧାୟକ ବିଭୂତି ପ୍ରଧାନଙ୍କ ଗାଁରେ ଏହିପରି କାର୍ଯ୍ୟ କରାଯାଉଛି । କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତିରେ ନିମ୍ନ ମାନର କାର୍ଯ୍ୟ ଚାଲୁରହିଛି । ପ୍ରଥମେ ଫାଉଣ୍ଡେସନ ଅତି ନିମ୍ନମାନର କାର୍ଯ୍ୟ ଚାଲୁରହିଥିବା ବେଳେ ଏହାରି ଉପରେ ଗାଡିଚଳା ଚଳ ହେଲା ବେଳକୁ ସେତୁଟି ଭାଙ୍ଗି ଯିବାର ଆଶଙ୍କା ରହିଛି । ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

## ନୂତନ ବର୍ଷରୁ ଉଦ୍ୟାନ ବିଭାଗରେ ଝୁଲୁଛି ତାଲା

**ପରଜଙ୍ଗ,୩୧।୧(ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମୁଖ୍ୟାଳୟ ଠାରୁ ୨ କିମି ଦୂର ୫୩ ନଂ ଜାତୀୟ ରାଜପଥ ପାର୍ଶ୍ୱ ହାତିଲୁଟାଣି ଛକ ନିକଟ ରେ ଦୀର୍ଘ ବର୍ଷ ହେବ ଏକ ନୂତନ କୋଠା ନିର୍ମାଣ କରାଯାଇ ସେଠାରେ ସରକାରଙ୍କ ତରଫରୁ ଏକ ଉଦ୍ୟାନ ବିଭାଗ ଖୋଲାଯାଇଛି । ତେବେ ଏହି କାର୍ଯ୍ୟାଳୟ ରେ କୌଣସି ମୌଳିକ ସୁବିଧା ଚାଷୀ ମାନଙ୍କୁ ମିଳୁନାହିଁ । ଚାଷୀ ମାନେ ଯେତେବେଳେ ଉକ୍ତ କାର୍ଯ୍ୟାଳୟ କୁ ଆସିଲେ ନାଁ ଅଛନ୍ତି କର୍ମଚାରୀ ନାଁ ରହୁଛନ୍ତି ଅଧିକାରୀ ଫଳ ରେ ଚାଷୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ କୌଣସି ଉପକୃତ ହୋଇପାରୁନାହାଁନ୍ତି । ଯାହାକି ସାଧାରଣ ରେ ଅସନ୍ତୋଷ ବୃଦ୍ଧି ପାଇଛି । ଉକ୍ତ କାର୍ଯ୍ୟାଳୟ ରେ କୌଣସି କର୍ମଚାରୀ ରହୁନଥିବାରୁ ଏହାର ସୁଯୋଗ ରେ ମଦ୍ୟପ ମାନଙ୍କ ଆଡା ଜମୁଛି, କାର୍ଯ୍ୟାଳୟ ଚତୃପାର୍ଶ୍ୱ ରେ ଖାଲି ମଦ ବୋତଲ ପଡ଼ିଥିବା




ବେଳେ ଝାଡୁ ହେଉନଥିବାରୁ ଅଳିଆ ଆବର୍ଜନା ରେ ପୁରି ରହିଛି । ଏମିତି କି ରାତିରେ ମଧ୍ୟ ଲାଇଟ୍ ଲାଗୁନାହିଁ ଯାହାକି କାର୍ଯ୍ୟାଳୟ ରୁ ଚୋରି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଏଠାରେ କାର୍ଯ୍ୟରତ ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ଅମିୟ ସ୍ୱାଇଁ ଙ୍କୁ ପଚାରି ବାରୁ ସେ ଛୁଟିରେ ଅଛନ୍ତି କହୁଥିବା ବେଳେ ଉଦ୍ୟାନ ବିଭାଗ ସମ୍ପ୍ରସାରଣ ଅଧିକାରୀ ସୁକଦେବ ମହନ୍ତ କୁହନ୍ତି ବାବୁ କାର୍ଯ୍ୟାଳୟରେ ଅଛନ୍ତି ମୁଁ ଘରେ ଅଛି ଯାହାକି ଉଭୟଙ୍କ କଥାର ତାଳ ମେଳ ରହୁନାହିଁ କିନ୍ତୁ ପ୍ରକୃତ ରେ ଉଭୟ କର୍ମଚାରୀ କାର୍ଯ୍ୟାଳୟକୁ ତାଲା ପକାଇ ନୂତନ ବର୍ଷ ଠାରୁ ଘରେ ରହୁଥିବା ଜଣାପଡିଛି । ଏହିଭଳି ଅନେକ ଦିନ କାର୍ଯ୍ୟାଳୟ ମରୁଭୂମି ପାଲଟୁଛି ବୋଲି ଅଞ୍ଚଳ ସାରା ଚର୍ଚ୍ଚା ହେଉଛି ।କିନ୍ତୁ ଏଥିପ୍ରତି ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେଲେ ଉଦ୍ୟାନ ବିଭାଗ ରୁ ଚାଷୀ ଉପକୃତ ହୋଇପାରିବେ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି ।

## ଝାଡ଼ବନ୍ଧରେ ପୌଷ ପୂର୍ଣ୍ଣିମା ଯାତ୍ରା

**ଢେଙ୍କାନାଳ,୩୧।୧(ସମିସ):** ପୁଲିସ ଓ ବ୍ଲକ ପ୍ରଶାସନ ଏବଂ ଝାଡ଼ବନ୍ଧ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଝାଡ଼ବନ୍ଧ ପୌଷ ମହୋତ୍ସବ ଓ ପୌଷ ପୂର୍ଣ୍ଣିମା ଯାତ୍ରା ପାଳିତ ହୋଇଛି । ଆଜକୁ ୬ ବର୍ଷ ହେଲା କାରଖାନାରେ କାର୍ଯ୍ୟଦେଶକୁ ନେଇ ଗ୍ରାମରେ ଗୋଷ୍ଠୀ ବିବାଦ ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ମନାନ୍ତର ହୋଇଥିଲା । ଫଳରେ ପୌଷ ମହୋତ୍ସବକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ହୋଇ ମହୋତ୍ସବ ବନ୍ଦ ରହିଥିଲା । ଗ୍ରାମର ଯୁବଗୋଷ୍ଠୀ ବାରମ୍ବାର ଗ୍ରାମକୁ ଶାନ୍ତି ଫେରାଇ ଆଣିବାକୁ ଉଦ୍ୟମ କରିଥିଲେ । ଚଳିତ ବର୍ଷ ଜିଲ୍ଲା ପ୍ରଶାସନ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଶାନ୍ତିଶୃଙ୍ଖଳାର ସହ ପୌଷ ମହୋତ୍ସବ ଅନୁଷ୍ଠିତ ହୋଇଛି । ଗ୍ରାମର ପୁରୁଣାସାହିଠାରୁ ମା'ଙ୍କୁ ନୂତନ ଡଲାରେ ସଜ୍ଜିତ କରି ନାମ ସଂକୀର୍ତ୍ତନ, ହରିବୋଲ ହୁଳହୁଳି ଧ୍ୱନିରେ ଗ୍ରାମ ପରିକ୍ରମା କରାଯାଇ ମା'ଙ୍କୁ ମନ୍ଦିରରେ ବିଜେ କରାଯାଇଥିଲା । ନିତ୍ୟ ପୂଜକ ଗଜାନନ ସାହୁ ଯଥାବିଧି ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରି ପ୍ରସାଦ ସେବନ କରିଥିଲେ । ଦୀର୍ଘ ୬ ବର୍ଷ ପରେ ଗ୍ରାମକୁ ଖୁସି ଫେରିଆସିଥିବାରୁ ଗ୍ରାମବାସୀ ଉତ୍ସାହିତ ଥିବା ଦେଖିବାକୁ ମିଳିଛି ।

## ଶ୍ରୀ ଜଗନ୍ନାଥଙ୍କ ପାଞ୍ଚରାତ୍ର ଓ ବେଶ ପ୍ରଦର୍ଶନୀ ମହୋତ୍ସବ

**ଗଁଦିଆ,୩୧।୧(ସମିସ):** ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ପାଞ୍ଚରାତ୍ର ଓ ବେଶ ପ୍ରଦର୍ଶନୀ ମହୋତ୍ସବ ଚଳିତ ମାସ ୫ ତାରିଖ ଠାରୁ ଆରମ୍ଭ ହୋଇ ୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଧର୍ମୀୟ କାର୍ଯ୍ୟକ୍ରମ ଗଁଦିଆର ଶ୍ରୀରାମଚନ୍ଦ୍ରପୁର ମେଡିକାଲ ଛକ ଠାରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ରାଜ୍ୟର ମାନ୍ୟଗଣ୍ୟ ବିଦ୍ୱାନ ପଣ୍ଡିତମାନେ ଯୋଗଦାନ କରିବା ସହିତ ଶ୍ରୀ ଜଗନ୍ନାଥଙ୍କର ମହିମା ଉପରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଠାକୁରଙ୍କର ବିଭିନ୍ନ ବେଶ



ପ୍ରଦର୍ଶନୀ ହେବ । ଜଗନ୍ନାଥ ପ୍ରେମୀ ଭକ୍ତମାନେ ଠାକୁରଙ୍କର ଏହି ଭବ୍ୟ ଦର୍ଶନ ପାଇଁ ବହୁଳ ମାତ୍ରାରେ ଯୋଗଦାନ ନିମନ୍ତେ ଗଁଦିଆ ଚାରଣ ଶାଖା ପକ୍ଷରୁ ଜଣାଯାଇଛି ।

**● ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ**

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ଭୁବନ,୩୧।୧(ସମିସ):** ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ମୃତକ ହେଲେ ଭୁବନ ଥାନା ବାଲିବୋ ପଞ୍ଚାୟତ ଗରୁଡ଼ବନ୍ଧି ଗ୍ରାମର ଲଲାକେନ୍ଦୁ ସ୍ୱାଇଁଙ୍କ ସ୍ତ୍ରୀ ମମତା ସୁବୁଦ୍ଧି (୩୦) । ତେବେ ମମତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ମୃତଦେହ ଜବତ କରି ଅଧିକ ତଦନ୍ତ ଆରମ୍ଭ କରିଛି ।

ଗରୁଡ଼ବନ୍ଧି ଗ୍ରାମର ଗ୍ରାମର ଭିକାରୀ ଚରଣ ସ୍ୱାଇଁଙ୍କ ପୁଅ ଲଲାକେନ୍ଦୁ ସ୍ୱାଇଁଙ୍କୁ ୮ ବର୍ଷ ପୂର୍ବରୁ ଅଁଳାଝରି ଗ୍ରାମର ରବୀନ୍ଦ୍ର ସୁବୁଦ୍ଧିଙ୍କ ଝିଅ ମମତା ବୈଦିକ ରୀତିରେ ବିବାହ କରିଥିଲେ । ଅଭିଯୋଗ ଅନୁଯାୟୀ, ବିବାହ ପରଠାରୁ ମମତାଙ୍କୁ ଶାଶୂଘର ଲୋକେ ଅକଥନୀୟ ଅତ୍ୟାଚାର ଦେଇଆସଥିଲେ । ଗତ ୧ ତାରିଖ ରାତିରେ ମମତାଙ୍କର ଆକସ୍ମିକ ମୃତ୍ୟୁ ହୋଇଥିବା ଖବର ପାଇବା ପରେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ବାପଘର ଲୋକେ ଭୁବନ ଥାନାରେ ଅଭିଯୋଗ କରିଛନ୍ତି । ହତ୍ୟାକାଣ୍ଡରେ ଦେଢ଼ଶୁର ଅରବିନ୍ଦ, ଯାଆ କନକ, ନଣନ୍ଦ ଶଶୀ, ନଣନ୍ଦେଇ ସନ୍ତୋଷ ସମ୍ପୃକ୍ତ ଥିବା ଏତଲାରେ ଦର୍ଶାଯାଇଛି । ସୂଚନାଯୋଗ୍ୟ, ମମତାଙ୍କର ୩ ବର୍ଷର ଏକ ଝିଅ ଅଛି ।

## ଗଁଦିଆ ଏନଏସସି ପାଇଁ ୭.୫ କୋଟି ଘୋଷଣା

**ଗଁଦିଆ,୩୧।୧(ସମିସ):** ଗଁଦିଆ ଏନ୍‌ଏସି ପାଇଁ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ୭.୫ କୋଟି ଟଙ୍କା ଅନୁଦାନ ଘୋଷଣା




କରିଛନ୍ତି । ଏହାକୁ ନେଇ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି । ମନ୍ତ୍ରୀଙ୍କୁ ଅଞ୍ଚଳର ଜନସାଧାରଣ ତାରିଣୀ ଛକରୁ ଶୋଭାଯାତ୍ରାରେ ବ୍ଲକ ପରିସରକୁ ପାଛୋଟି ଆଣିଥିଲେ । ପୂର୍ବରୁ ସେଠାରେ ଉପସ୍ଥିତ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ନଗର ଉନ୍ନୟନ ମନ୍ତ୍ରୀ ମହାପାତ୍ରଙ୍କୁ ପଞ୍ଚାୟତ ସମିତି ସଭାଗୃହରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ମନ୍ତ୍ରୀ ପାତ୍ରଙ୍କ ବ୍ଲକ ପ୍ରତିନିଧି ରତିକାନ୍ତ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ରୀନାରାଣୀ ଖଟୁଆ, ବିଡିଓ ପବିତ୍ର କୁମାର ବେହେରା ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ମନ୍ତ୍ରୀ ମହାପାତ୍ର ନୂତନ ଭାବେ ଏନଏସସି ମାନ୍ୟତା ପାଇଥିବା ଗଁଦିଆ ପାଇଁ ୭କୋଟି ୫୦ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଥିଲେ । ନୂତନ କାର୍ଯ୍ୟାଳୟ ପାଇଁ ୬ କୋଟି, ରାସ୍ତା ଓ ଡ୍ରେନେଜ ପାଇଁ ୫୦ ଲକ୍ଷ, ଆଲୋକକୀକରଣ ପାଇଁ ୫୦ ଲକ୍ଷ, ସାନିଟାଇଜର ପାଇଁ ୫୦ ଲକ୍ଷ ଟଙ୍କା ଘୋଷଣା କରିଥିଲେ । ବର୍ଷ ଆରମ୍ଭରୁ ଏହି ଏନଏସସି ବିଧିବଦ୍ଧ ଭାବେ କାର୍ଯ୍ୟ ଆରମ୍ଭ କରିବା ସହ ଗଁଦିଆ ବିଡିଓ ଏହାର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରିବେ ବୋଲି ମନ୍ତ୍ରୀ ଘୋଷଣା କରିଥିଲେ ।

## ରାସ୍ତାକଡ଼ରେ ଶୁଖିଲା ଗଛ, ବିପଦରେ ପଥଚାରୀ

**ପରଜଙ୍ଗ,୩୧।୧(ସମିସ):** ପରଜଙ୍ଗ ବ୍ଲକ ଦେଇ ଯାଇଥିବା ବାରିହାପୁର-ପରଜଙ୍ଗ ବାଇପାସ୍ ପୂର୍ତ୍ତ ବିଭାଗ ରାସ୍ତା ଅନ୍ତର୍ଗତ ଡିହୋଡଳ ଛକ ନିକଟରେ ବିଶାଳ ଶୁଖିଲା ଗଛ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି । ଏହି ରାସ୍ତା ଦେଇ ବ୍ଲକ, ଥାନା, ତହସିଲ, ଅଦାଲତ, ମହାବିଦ୍ୟାଳୟ କୁ ସଂଯୋଗ ହୋଇଥିବାରୁ ଦୈନିକ ହଜାର ହଜାର ଲୋକ ଯାତାୟତ କରୁଥିବା ବେଳେ ଡିହୋଡଳ ନିକଟରେ ବିଶାଳ ଶୁଖିଲା ଗଛଟି ଦଣ୍ଡାୟମାନ ରହିଛି । ଗଛଟି ସମ୍ପୂର୍ଣ୍ଣ ରାସ୍ତା କଡ଼ରେ ଥିବାରୁ ତାହାର ଶାଖା ପ୍ରଶାଖା ରାସ୍ତା ଉପରେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ଯେକୌଣସି ସମୟରେ ଗଛଟି ଭାଙ୍ଗିପଡିଲେ ଧନଜୀବନ ହାନି ହେବାର ଆଶଙ୍କା ରହିଛି । ଗଛଟି ଭାଙ୍ଗିଲେ ଏଥିପାଇଁ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଲୋକଙ୍କ ଧନ ଜୀବନ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ବିପଦପୂର୍ଣ୍ଣ ବିଶାଳ ଶୁଖିଲା ଗଛଟିକୁ ବନ ବିଭାଗ ପକ୍ଷରୁ କାଟିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## କପିଳାସ ପୀଠରେ ଠାକୁରଙ୍କ ପୁଷ୍ୟାଭିଷେକ ଓ ନାଗଭରଣ ବେଶ

**ଗଁଦିଆ,୩୧।୧(ସମିସ):** ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ପୂଜିତ ମହାପ୍ରଭୁ ବାବା ଚନ୍ଦ୍ରଶେଖରଙ୍କ ପୁଷ୍ୟାଅଭିଷେକ ଓ ନାଗଭରଣ ବେଶ ଅନୁଷ୍ଠିତ ହୋଇଛି । ପ୍ରାତଃ ସମୟରେ ବାବାଙ୍କ ରୀତିନୀତି ଅନୁଯାୟୀ ସକାଳ ଧୂପ, ମଇଲମ ଲାଗି, ମଙ୍ଗଳ ଆଳତି, ବାଳଭୋଗ କାର୍ଯ୍ୟ ପୂଜକଙ୍କ ଦ୍ୱାରା ସମ୍ପନ୍ନ ପରେ ମଧ୍ୟାହ୍ନରେ ଅନ୍ନ, ଖେଚୁଡ଼ି ଭୋଗ ଲାଗି ହୋଇଥିଲା । ପରେ ଆରମ୍ଭ ହୋଇଥିଲା ବିଶେଷ



ନୀତି । ପୌଷ ପୂର୍ଣ୍ଣିମା ଉପଲକ୍ଷେ ଅନୁଷ୍ଠିତ ବିଶେଷ ପୂଜାରେ ପ୍ରଥମେ ବାବାଙ୍କ ନାଗଭରଣ ବେଶ ଅନୁଷ୍ଠିତ ହେବା ସହ ମସ୍ତକରେ ସ୍ୱର୍ଣ୍ଣରେ ନିର୍ମିତ ପଞ୍ଚବକ୍ତ୍ରୀ ମୁକୁଟ ପରିଧାନ ପରେ ରୁଦ୍ରାଭିଷେକ ହୋଇଥିଲା । ପରେ ବାବାଙ୍କ ପୁଷ୍ୟାଭିଷେକ ପୂଜା ହୋଇ ଅପରାହ୍ନ ସାଢ଼େ ୨ଟାରେ ସମ୍ପନ୍ନ ହୋଇଥିଲା ।

## ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଲେ ସାଂସଦ

**ଖଜୁରିଆକଟା,୩୧।୧(ସମିସ):** ଢେଙ୍କାନାଳ-ଅନୁଗୋଳ ସାଂସଦ ରୁଦ୍ରନାରାୟଣ ପାଣି ବଅଁରପାଳ ବ୍ଲକ ମହୀଧରପୁର ପଞ୍ଚାୟତର ପୂର୍ବତନ ବିଜେପି ସଭାପତି ସ୍ୱର୍ଗତ ବାଉରୀବନ୍ଧୁ ପ୍ରଧାନଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ସାଂସଦ ଶ୍ରୀ ପାଣି କହିଲେ ଏହି ଅଞ୍ଚଳରେ ବିଜେପି ସଂଗଠନକୁ ମଜଭୁତ କରିବାରେ ସ୍ୱର୍ଗତ ବାଉରୀ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ । ସେହିପରି ସେ ଏହି ଅଞ୍ଚଳରେ ଜନତାଙ୍କ ଯେଉଁ ସେବା କରିଛନ୍ତି ତାହାକୁ ଲୋକମାନେ ଚିରଦିନ ପାଇଁ ମନେ ରଖିବେ । ଏହି ଗ୍ରସ୍ତ ଅବସରରେ ସାଂସଦଙ୍କ ସହ ସ୍ୱର୍ଗତ ବାଉରୀବନ୍ଧୁଙ୍କ ବାସ



ଭବନରେ ଢେଙ୍କାନାଳ ଜିଲା ବିଜେପି ସାଧାରଣ ସମ୍ପାଦକ ବରିଷ୍ଠ ନେତା ତଥା ସାଂସଦଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି, ସ୍ୱର୍ଗତ ବାଉରୀବନ୍ଧୁଙ୍କ ପୁତ୍ର ତପନ ପ୍ରଧାନ, ହରିହର ବେହେରା, ରଘୁ ନାଥ ମହାପାତ୍ର, ଗାଣ୍ଡୁ ନାଥ, ଦାମୋଦର ନାୟକ, ତାପସ କୁମାର ଜେନା, ଗଣେଶ୍ୱର ବେହେରା, ସମିତି ସଭ୍ୟ ସୁବାସ ଜେନା ପ୍ରମୁଖ ଉପସ୍ଥିତ ରହି ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ ।

## ରାଷ୍ଟ୍ରୀୟ ଏକତା ଦିବସ ପାଳିତ



**ଗଁଦିଆ,୩୧।୧(ସମିସ):** ସ୍ୱାଧୀନତା ଆନ୍ଦୋଳନରେ ନିଜକୁ ସମର୍ପିତ କରିଥିବା ଭାରତମାତାର ସୁଯୋଗ୍ୟ ସନ୍ତାନ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବ୍ଲକସ୍ତରୀୟ ଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ ଗଁଦିଆ ବିଡିଓ ପବିତ୍ର କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ସହଦେବ ବିଦ୍ୟାପୀଠରୁ ପ୍ରାୟ ୨୦୦ ଛାତ୍ରଛାତ୍ରୀ, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ଓ ଜନସାଧାରଣ ଶୋଭାଯାତ୍ରାରେ ବାହାରିଥିଲେ । ରାଲିରେ ଗଁଦିଆ ଏବିଡିଓ ଏସ ନୈବେଦ୍ୟ ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅଭିଜିତ ବେହେରାଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ବରଦା ରାମେଶ୍ୱର ପୀଠରେ ପୁଷ୍ୟାଭିଷେକ



**ଗଁଦିଆ,୩୧।୧(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଗଡ଼ଖଙ୍କିରାରେ ରାଜାରାଜୁଡ଼ା ଅମଳରୁ ପୂଜିତ ବରଦା ରାମେଶ୍ୱର ପୀଠରେ ପ୍ରତିବର୍ଷ ଭଳି ପ୍ରଭୁଙ୍କ ପୁଷ୍ୟାଭିଷେକ ଅନୁଷ୍ଠିତ ହୋଇଛି । ପ୍ରାତଃସ୍ନାନ ସୂର୍ଯ୍ୟପୂଜା ଗୁରୁପୂଜା ମଧ୍ୟାହ୍ନଧୂପ, ଗୋପୂଜା, ମଣ୍ଡଳାଧୀଶ ପୂଜା, ମହାପ୍ରଭୁଙ୍କର ବେଶ, ନାମଯଜ୍ଞ କରାଯାଇ ରୁଦ୍ରାଭିଷେକ କରାଯାଇଥିଲା । ହୋମଯଜ୍ଞ ଓ ମହାପ୍ରଭୁଙ୍କର ମହିମାଗାନ କରାଯାଇ ଅନ୍ନଯଜ୍ଞ ଅନୁଷ୍ଠିତ ହୋଇ ଗ୍ରାମବାସୀମାନେ ମହାପ୍ରଭୁଙ୍କର ଆଶିଷ ଭିକ୍ଷା କରିଥିଲେ । ଯାଜ୍ଞିକ ତଥା ସ୍ତୋତ୍ରିୟ ବ୍ରାହ୍ମଣମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇ ଏକ ଈଶ୍ୱରୀୟ ଭାବନା ସୃଷ୍ଟି ହୋଇଥିଲା ।

**ଡିଆଇଇଟିରେ ଅତିଥି ଅଧ୍ୟାପନା କାର୍ଯ୍ୟକ୍ରମ**

## 'ପିଲାମାନେ ପ୍ରଶ୍ନ କରିବା ଶିଖନ୍ତୁ'

**ଢେଙ୍କାନାଳ,୩୧।୧(ସମିସ):**

ମଣିଷ ଅନ୍ୟ ସମସ୍ତ ଜୀବଜନ୍ତୁ ଓ ପ୍ରାଣୀଙ୍କ ଠାରୁ ଯେଉଁ କାରଣ ପାଇଁ ଭିନ୍ନ ବିବେଚିତ ହୁଏ ତାହା ହେଉଛି ପ୍ରଶ୍ନ କରିବା । ପ୍ରଶ୍ନ କରି ସେ ତାର ଜିଜ୍ଞାସା କୁ ଚରିତାର୍ଥ କରି ଆସିଛି ଓ ସମଗ୍ର ଜଗତ ବାବଦରେ ଜ୍ଞାନ ଆହରଣ କରିପାରୁଛି । ପୃଥିବୀରେ ସଂଗଠିତ ବିଭିନ୍ନ କ୍ରିୟା ପ୍ରକ୍ରିୟା କୁ ବୁଝିବାରେ ପ୍ରଶ୍ନ ସାହାଯ୍ୟ କରୁଥିବା ବେଳେ ଗତାନୁଗତିକ ପ୍ରଥା ଓ ପରମ୍ପରା କୁ ପ୍ରଶ୍ନ



ମାଧ୍ୟମରେ ଆଙ୍ଗୁଳି ଦେଖାଏ । ସୁତରାଂ ପିଲାମାନଙ୍କୁ ପ୍ରଶ୍ନ କରିବା ଲାଗି ଶିକ୍ଷକ ମାନେ ପ୍ରୋତ୍ସାହିତ କରିବା ଆବଶ୍ୟକ ବୋଲି ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଅନୁଷ୍ଠିତ ଅତିଥି ଅଧ୍ୟାପନା କାର୍ଯ୍ୟକ୍ରମରେ ଯୋଗଦେଇ ଭାରତୀୟ ଜନ ସଞ୍ଚାର ସଂସ୍ଥାନ ରେ କାର୍ଯ୍ୟରତ ପ୍ରଫେସର ମୃଣାଳ ଚାଟାର୍ଜୀ ମତବ୍ୟକ୍ତ କରିଛନ୍ତି । ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଜାନୁଆରୀ ମାସର ଅତିଥି ବକ୍ତା କାର୍ଯ୍ୟକ୍ରମ ରେ ପ୍ରଫେସର ଚାଟର୍ଜି ପ୍ରଶ୍ନ ପଚାରିବା କୌଶଳକୁ ଆଜିର ଦିନରେ ଏକ ସଫଳ ଶିକ୍ଷାଶାସ୍ତ୍ର ବା ପେଡ଼ାଗୋଜି ଭାବେ ଅଭିହିତ କରିଥିଲେ । ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ଗୁରୁଛାତ୍ରଛାତ୍ରୀ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । ପ୍ରାରମ୍ଭରେ ପ୍ରଫେସର ଚାଟାର୍ଜି ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସ୍ନେହଲତା ରାଜ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ପ୍ରଶିକ୍ଷିକା ପ୍ରଭାତୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ । ଆଜିର କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ପ୍ରତିଷ୍ଠାନର ସମସ୍ତ ଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।




# ଭେନେଜୁଏଲା ଉପରେ ଆକ୍ରମଣ କାହିଁକି

ମସ୍କୋ, ୩।୧ (ଏଜେନ୍ସି): ସାରା ବିଶ୍ୱରେ ପୁଣି ଆମେରିକାର ଏକଚାଟିଆ ନୀତିକୁ ନିନ୍ଦା କରାଯାଉଛି। ଭେନେଜୁଏଲା ଉପରେ କରାଯାଇଥିବା ଆକ୍ରମଣର ଗମ୍ଭୀର ପ୍ରଭାବ ଆଞ୍ଚଳିକ ଏବଂ ବିଶ୍ୱର ସ୍ଥିରତା ଉପରେ ପଡ଼ିବ ବୋଲି ଦେଶଗୁଡ଼ିକୁ ୱାସିଂଟନକୁ ଚେତାବନୀ ଦେଇଛନ୍ତି। ଏପରି ସମୟରେ ଆମରିକା ନିଜ ଆକ୍ରମଣକୁ ପ୍ରାସଙ୍ଗିକ ଦର୍ଶାଇବାକୁ ପ୍ରୟାସ କରିଛି। ଦୀର୍ଘ ଦିନ ହେଲା ଆମେରିକା ଏବଂ ଭେନେଜୁଏଲା ମୁହାଁମୁହିଁ ସ୍ଥିତିରେ ଥିଲେ। କ୍ରମାଗତ ଭାବେ ସାମରିକ କାର୍ଯ୍ୟାନୁଷ୍ଠାନକୁ ଏଡ଼ାଇ ଚାଲିଥିବା ଆମେରିକା ଶୁକ୍ରବାର ରାତିରେ ଅଚାନକ ଆକ୍ରମଣ କରି ମାଦୁରୋଙ୍କୁ ହେପାଜତକୁ ନେଇଥିଲା। ଆମେରିକାକୁ ନିଶା, ପ୍ରବାସୀ ଚାଲାଣ କରି ଜାତୀୟ ଏବଂ ବିଶ୍ୱ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରୁଥିବାରୁ ଏହି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆର୍ଥିକ ସ୍ଥିତି ଭୁଶୁଡ଼ିବା ଏବଂ ରାଜନୈତିକ କାରଣ ଯୋଗୁଁ ୨୦୧୩ରୁ ଏ ପର୍ଯ୍ୟନ୍ତ ୮ ନିୟୁତ ଭେନେଜୁଏଲା ନାଗରିକ ଆମେରିକା ଆସିଛନ୍ତି। ମାଦୁରୋ ନିଜ ଜେଲରୁ ପାଗଳ ଏବଂ କଏଦୀଙ୍କୁ ଆମେରିକା ତଡୁଛନ୍ତି। ସେହିପରି ଭେନେଜୁଏଲା ଦେଇ ବିପୁଳ କୋକେନ ଏବଂ ଫଣ୍ଟାନାଇଲ ଆମେରିକାରେ ପହଞ୍ଚୁଛି। ଏଥିରେ ଭେନେଜୁଏଲାରେ ଦୁଇଟି କାର୍ଟେଲ ସାମିଲ ରହିଛି। ମାଦୁରୋ ଏହାର ନେତୃତ୍ୱ ନେଉଥିବା ଟ୍ରମ୍ପ ଅଭିଯୋଗ କରୁଛନ୍ତି। ଏଥିରୁ ମୁକ୍ତି ଦେବା ପାଇଁ ଆକ୍ରମଣକୁ ଆମେରିକା ବୈଧ ଦର୍ଶାଇଛି।

ଅନ୍ୟପଟେ ରୁଷ, ଇରାନ, ଆର୍ଜେଣ୍ଟିନା, କ୍ୟୁବା, ସ୍ପେନ, କଲମ୍ବିଆ, ଜର୍ମାନୀ, ବଲିଭିଆ, ମେକ୍ସିକୋ ପ୍ରମୁଖ ଦେଶ ଏହାକୁ ବିରୋଧ କରିଛନ୍ତି। ରୁଷ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନଏସସି) ରଜରୁରୀ ବୈଠକ ଡାକିଛି। ଲାଟିନ ଆମେରିକୀୟ ଦେଶ ଏଥିପାଇଁ ଦେଇଥିବା ଆହ୍ୱାନକୁ ରୁଷ ସମର୍ଥନ କରିଛି। ରୁଷ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ସଶସ୍ତ୍ର କାର୍ଯ୍ୟାନୁଷ୍ଠାନର କୌଣସି ବୈଧ କାରଣ ନ ଥିଲା। ଏହା କୌଣସି ଦୃଷ୍ଟିରୁ ଗ୍ରହଣଯୋଗ୍ୟ ନୁହେଁ। ଏଭଳି ଆକ୍ରମଣ ଗମ୍ଭୀର ଚିନ୍ତାର ବିଷୟ ଏବଂ ନିନ୍ଦନୀୟ। ଏହାକୁ ବୈଧ ଦର୍ଶାଇବା ପାଇଁ କରାଯାଉଥିବା ସମସ୍ତ ପ୍ରୟାସ ଅଯୌକ୍ତିକ ଏବଂ ଆଧାରହୀନ। ଆଦର୍ଶଗତ ପ୍ରତିଶୋଧ ଉପରେ ବ୍ୟବସାୟୀକ ଉଦ୍ଦେଶ୍ୟ ଭାରି ପାଲଟି ଯାଇଛି ବୋଲି ରୁଷ ପକ୍ଷରୁ କୁହାଯାଇଛି।

## ବସ୍ ଡ୍ରାଇଭରରୁ ରାଷ୍ଟ୍ରପତି



ୱାସିଂଟନ, ୩।୧ (ଏଜେନ୍ସି): ଗତ ୧୩ ବର୍ଷ ହେଲା ଭେନେଜୁଏଲାର ଶାସନ ଗାଦିରେ ବସିଥିବା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଆମେରିକା ବନ୍ଦୀ କରି ନେଇଛି। ଏବେ ସେ କେଉଁଠି ଅଛନ୍ତି ତାହା ଜଣ ପଡ଼ି ନ ଥିବାବେଳେ ଜୀବନ ଯାତ୍ରାକୁ ନେଇ ମାଦୁରୋ ଚର୍ଚ୍ଚାରେ ଅଛନ୍ତି। ୧୯୬୨ ନଭେମ୍ବର ୨୩ରେ ରାଜଧାନୀ କାରକାସର ଏକ ଶ୍ରମିକ ପରିବାର ଜନ୍ମିତ ମାଦୁରୋ ପ୍ରଥମେ କ୍ଷମତା କେନ୍ଦ୍ରଠାରୁ ବହୁତ ଦୂରରେ ଥିଲେ। ସେ ସୀମିତ ସମୟ ମଧ୍ୟରେ ବିଶ୍ୱର ସବୁଠାରୁ ଅଧିକ ତୈଳ ଭଣ୍ଡାର ଥିବା ଦେଶର ନେତୃତ୍ୱ ନେଇ ପାରିଥିଲେ। ମାଦୁରୋ ବସ୍ ଡ୍ରାଇଭର ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ପରେ ମେଟ୍ରୋ ୟୁନିଅନର ନେତା ହୋଇଥିଲେ। ସେ ୧୯୯୯ରେ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ଘନିଷ୍ଠ ସହଯୋଗୀ ହ୍ୟୁଗୋ ଚାଭେଜ ତାଙ୍କ ରାଜନୈତିକ କ୍ୟାରିୟରକୁ ଗତି ଦେଇଥିଲେ।

ମାଦୁରୋ ୨୦୦୬ରୁ ୨୦୧୩ ପର୍ଯ୍ୟନ୍ତ ଭେନେଜୁଏଲା ବୈଦେଶିକ ମନ୍ତ୍ରୀ ହୋଇଥିଲେ। ଏହି ସମୟରେ ସେ ଆଞ୍ଚଳିକ ସଂଗଠନ ଆଲ୍‌ବା ଏବଂ ସେଲାକ ଆଦି ଗଠନ କରିଥିଲେ। ୨୦୧୨ରେ ଉପ-ରାଷ୍ଟ୍ରପତି ଭାବେ ମାଦୁରୋ ଦାୟିତ୍ୱ ଗ୍ରହଣ କରିଥିଲେ। ଚାଭେଜଙ୍କ ମୃତ୍ୟୁ ପରେ ସେ ୨୦୧୩ରେ ଅନ୍ତରୀଣ ରାଷ୍ଟ୍ରପତି ନିଯୁକ୍ତ ହୋଇଥିଲେ। ସେହି ବର୍ଷ ଅନୁଷ୍ଠିତ ନିର୍ବାଚନରେ ସେ ବହୁତ କମ୍ ଭୋଟରେ ବିଜୟୀ ହୋଇଥିଲେ। ସେବେଠାରୁ ଏ ପର୍ଯ୍ୟନ୍ତ ସେ କ୍ଷମତାରେ ଅଛନ୍ତି। କ୍ରମାଗତ ଭାବେ ତାଙ୍କ ବିରୋଧରେ ନିର୍ବାଚନରେ ଜାଲିଆତି ଅଭିଯୋଗ ଲାଗି ଆସୁଛି। ଏହି ସମୟରେ ଭେନେଜୁଏଲା ଉପରେ ଆମେରିକା ଏବଂ ଅନ୍ୟ ଅନ୍ତର୍ଜାତୀୟ କଟକଣା ଲଗାଇ ଥିଲା। ଏଥିଯୋଗୁଁ ଅର୍ଥନୀତି ଭୁଶୁଡ଼ି ଯାଇଥିଲା। ଦେଶରେ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା ଏବଂ ଭେନେଜୁଏଲା ପ୍ରାୟ ଏକଘରିକିଆ ହୋଇଯାଇଥିଲା।

ମାଦୁରୋଙ୍କ ବ୍ୟକ୍ତିଗତ ସମ୍ପତ୍ତିକୁ ନେଇ ସର୍ବଦା ବିଶ୍ୱରେ ଚର୍ଚ୍ଚା ହେଉଛି। ଆର୍ଥିକ ସ୍ୱଚ୍ଛତା ନ ଥିବାରୁ ତାଙ୍କ ସମ୍ପତ୍ତି ବିବାଦର ପ୍ରସଙ୍ଗ ପାଲଟି ଯାଇଛି। ଯେତିକି ଘୋଷଣା ହୋଇଛି ତା ତୁଳନାରେ ମାଦୁରୋଙ୍କ ଅମାପ ସମ୍ପତ୍ତି ରହିଥିବା କୁହାଯାଉଛି। ସେ ଅନେକ ଦୁର୍ନୀତିରେ ମଧ୍ୟ ଲିପ୍ତ ରହିଛନ୍ତି। ସରକାରୀ ସୂଚନା ଅନୁଯାୟୀ, ମାଦୁରୋଙ୍କ ସମ୍ପତ୍ତି ୨ ନିୟୁତ ଡଲାର ରହିଛି। ରାଷ୍ଟ୍ରପତି ଭାବେ ତାଙ୍କୁ ମାସକୁ ୪ ହଜାର ଡଲାର ଦରମା ମିଳୁଥିଲା। କିନ୍ତୁ ନିର୍ଦ୍ଦେଶ ନ ମାନିବାରୁ ଆମେରିକା କ୍ରମାଗତ ଭାବେ ମାଦୁରୋଙ୍କ ବିରୋଧୀ ରହି ଆସିଛି। ୨୦୨୦ ମାର୍ଚ୍ଚରେ ସେ ଆମେରିକାକୁ ନିଶା ଚାଲାଣ କରୁଥିବା ଅଭିଯୋଗ ଲଗା ଯାଇଥିଲା।

# ବାଂଲାଦେଶରେ ଅରାଜକତା: ଆଖି ବୁଜିଲେ ଗୁରୁତର ହିନ୍ଦୁ ବ୍ୟବସାୟୀ

ଢାକା,୩।୧(ଏଜେନ୍ସି): ବାଂଲାଦେଶରେ ସଂଖ୍ୟାଲଘୁ ଖାସ୍ କରି ହିନ୍ଦୁଙ୍କ ଉପରେ ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବାଂଲାଦେଶରେ ଆଉ ଜଣେ ହିନ୍ଦୁ ବ୍ୟକ୍ତି ଖୋକନ ଚନ୍ଦ୍ର ଦାସ ଭିଡ଼ ହତ୍ୟାର ଶିକାର ହୋଇଛନ୍ତି। କିଛିଦିନ ତଳେ ତାଙ୍କୁ କେତେକ ଲୋକ ଏକାଠି ହୋଇ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ ଓ ପରେ ତାଙ୍କ ଦେହରେ ନିଆଁ ଲଗାଇ ଦେଇଥିଲେ। ଢାକା ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଶନିବାର ସେ ମୃତ୍ୟୁବରଣ କରିଛନ୍ତି। ଢାକାଠାରୁ ୧୫୦ କିମି ଦୂରରେ ଥିବା ତାଙ୍କ ଗାଁରେ ଖୋକନ ଔଷଧ ଓ ମୋବାଇଲ ବ୍ୟାଙ୍କିଙ୍ଗ୍ ବ୍ୟବସାୟ କରୁଥିଲେ। ବୁଧବାର ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା ଓ ନିଆଁ ଲଗାଇ ତାଙ୍କୁ ପୋଡି ଦେବାକୁ ଭିଡ଼ ଚେଷ୍ଟା କରିଥିଲା। କିନ୍ତୁ ସେ ପୋଖରୀକୁ ଡେଇଁ ଦେହରେ ଲାଗିଥିବା ନିଆଁକୁ ଲିଭାଇବାରେ ସକ୍ଷମ ହୋଇଥିଲେ। ଏହାପରେ ଆକ୍ରମଣକାରୀମାନେ ସେଠାରୁ ପଳାଇଯାଇଥିଲେ। ପ୍ରଥମେ ତାଙ୍କୁ ନିକଟସ୍ଥ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହାପରେ ଡାକ୍ତରମାନେ ତାଙ୍କୁ ଢାକାର ଏକ ବଡ଼ ହସ୍ପିଟାଲକୁ ପଠାଇବାକୁ ନିଷ୍ପତ୍ତି ନେଇଥିଲେ। ଶେଷରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ସେ ମୃତ୍ୟୁବରଣ କରିଛନ୍ତି। ସେ ଅଞ୍ଚଳରେ ଖୋକନଙ୍କ କେହି ଶତ୍ରୁ ନଥିବା ବେଳେ ତାଙ୍କୁ କାହିଁକି ଆକ୍ରମଣ କରାଗଲା ବୋଲି ତାଙ୍କ ପତ୍ନୀ ସୀମା ଦାସ ପ୍ରଶ୍ନ କରିଛନ୍ତି। ଆକ୍ରମଣକାରୀମାନେ ମୁସଲମାନ ହୋଇଥିବା ବେଳେ ପରିବାରକୁ ସାହାଯ୍ୟ କରିବା ପାଇଁ ସୀମା ସରକାର ଓ ପୁଲିସକୁ ନିବେଦନ କରିଛନ୍ତି। ଦୁଇଜଣ ଆକ୍ରମଣକାରୀଙ୍କୁ ଚିହ୍ନଟ କରିବା କାରଣରୁ ଖୋକନଙ୍କୁ ପୋଡି ଦିଆଯାଇଥିଲା ବୋଲି ସୀମା ଅଭିଯୋଗ କରିଛନ୍ତି। ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଅନ୍ତରୀଣ ସରକାରଙ୍କ କାର୍ଯ୍ୟକାଳରେ ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ତୀବ୍ରତର ହେବାରେ ଲାଗିଛି। ଗତ ୧୫ ଦିନ ମଧ୍ୟରେ ବାଂଲାଦେଶରେ ଦ୍ୱିତୀୟ ହିନ୍ଦୁ ବ୍ୟକ୍ତିଙ୍କୁ ପୋଡି ଓ ମୋଟ ଉପରେ ୪ ହିନ୍ଦୁ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ପୂର୍ବରୁ ଡିସେମ୍ବର ୧୮ରେ ମେମନସିଂ ଜିଲ୍ଲାରେ ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ହିନ୍ଦୁଙ୍କୁ ପିଟିପିଟି ମାରିଦିଆଯାଇଥିଲା ଓ ଏହାପରେ ତାଙ୍କ ମୃତଦେହକୁ ଗଛରେ ଓହଳାଇ ପୋଡିଦିଆଯାଇଥିଲା।

**ଆକ୍ରମଣ କରି ନିଆଁ ଲଗାଇ ଦେଇଥିଲେ ଚରମପନ୍ଥୀ**

**୧୫ ଦିନରେ ୪ ହିନ୍ଦୁ ହତ୍ୟାର ଶିକାର**



# ୧୨୭ ବର୍ଷ ପରେ ଭାରତକୁ ଅଣାଗଲା ବୁଦ୍ଧଙ୍କ ପବିତ୍ର ଅବଶେଷ

ନୂଆଦିଲ୍ଲୀ,୩।୧(ଏଜେନ୍ସି): ଦୀର୍ଘ ୧୨୭ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଛି। ଶେଷରେ ଭଗବାନ ବୁଦ୍ଧଙ୍କ ଅବଶେଷ ଭାରତକୁ ଅଣାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଏ ନେଇ ଘୋଷଣା କରିଛନ୍ତି। ଏହା ଆମ ପାଇଁ ଗର୍ବ, ଗୌରବ ଓ ଆନନ୍ଦର ବିଷୟ ବୋଲି ସେ କହିଛନ୍ତି। ଏହାକୁ ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପାଇଁ ଏକ ଗୌରବର ବିଷୟ ବୋଲି ସେ କହିଛନ୍ତି। ଏହା ବିକାଶ ଓ ଐତିହ୍ୟର ଭାବନାକୁ ପ୍ରତିଫଳିତ କରେ ଓ ଏହାର ଆଧ୍ୟାତ୍ମିକ ପରମ୍ପରାକୁ ସଂରକ୍ଷଣ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ବୁଦ୍ଧଙ୍କର ଏହି ଅବଶେଷ ୧୮୯୮ରେ ଉତ୍ତରପ୍ରଦେଶର ପିପ୍ରାହୱା ସ୍ତୁପ ଖନନ ବେଳେ ବ୍ରିଟିଶ ଅଧିକାରୀ ୱିଲିୟମ କ୍ଲାକ୍ସଟନ ପାପେ ଆବିଷ୍କୃତ କରିଥିଲେ ଓ ଏହାକୁ ଭାରତ ବାହାରକୁ ପଠାଯାଇଥିଲା। ଏଥିରେ ଝାଡ଼ଖଣ୍ଡ, ସ୍ଫଟିକ ପାତ୍ର, ସୁନା ଅଳଙ୍କାର ଓ ଅନ୍ୟାନ୍ୟ ନୈବେଦ୍ୟ ଅନ୍ତର୍ଭୁକ୍ତ ଥିଲା। ଏଗୁଡିକୁ ବୌଦ୍ଧ ପରମ୍ପରା ଅନୁଯାୟୀ ସ୍ତୁପରେ ରଖାଯାଇଥିଲା। ଏକ ବ୍ରାହ୍ମୀ ଶିଳାଲିପି ଅନୁଯାୟୀ ଏହି ଅବଶେଷ ଶାକ୍ୟ ବଂଶର ରାଜାମାନଙ୍କ ଦ୍ୱାରା ଭଗବାନ ବୁଦ୍ଧଙ୍କ ପ୍ରତି ସମର୍ପିତ ଥିଲା। ଏଗୁଡିକ ବୁଦ୍ଧଙ୍କ ପରିବାରର ଥିଲା। ଦିଲ୍ଲୀର ରାୟ ପିଥୋରା ସାଂସ୍କୃତିକ ପରିସରରେ ଭଗବାନ ବୁଦ୍ଧଙ୍କ ସହିତ ଜଡିତ ପବିତ୍ର ମୂର୍ତ୍ତି, ଅବଶେଷ ପ୍ରଦର୍ଶନୀରେ ରଖାଯାଇଛି। ପ୍ରଧାନମନ୍ତ୍ରୀ ଏହି ପ୍ରଦର୍ଶନୀକୁ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ପିପ୍ରାହୱା ଅବଶେଷଗୁଡିକ ହେଉଛି ଭଗବାନ ବୁଦ୍ଧଙ୍କ ସହିତ ଜଡିତ ପବିତ୍ର ଓ ପ୍ରତ୍ନତାତ୍ତ୍ୱିକ କଳାକୃତି। ବିଶ୍ୱାସ କରାଯାଏ ଯେ, ଏହି ଅବଶେଷରେ ବୁଦ୍ଧଙ୍କ ସହିତ ଜଡିତ ହାଡ଼ (ଧାତୁ ଅବଶେଷ) ଓ ପ୍ରାଚୀନ ବସ୍ତୁ ରହିଛି। ଏଗୁଡିକୁ ତାଙ୍କ ମହାନିର୍ବାଣ ପରେ ବିଭିନ୍ନ ସ୍ଥାନରେ ରଖାଯାଇଥିଲା।

# 'ବିଜେପିକୁ ଆର୍‌ଏସ୍‌ଏସ୍ ନିୟନ୍ତ୍ରଣ କରେନି'

ଭୋପାଳ,୩।୧(ଏଜେନ୍ସି): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ପୁଣିଥରେ ବିଜେପି ଓ ବିଶ୍ୱ ହିନ୍ଦୁ ପରିଷଦ ନେଇ ଆଭିମୁଖ୍ୟ ଓ ମତ ସ୍ପଷ୍ଟ କରିଛନ୍ତି। ବିଜେପି ଓ ବିଶ୍ୱ ହିନ୍ଦୁ ଦୃଷ୍ଟିକୋଣରୁ ଆରଏସ୍‌ଏସ୍‌କୁ ବୁଝିବା ଭୁଲ। ସବୁ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରୁଛନ୍ତି। ସଂଘ କାହକୁ ନିୟନ୍ତ୍ରଣ କରେ ନାହିଁ। ସଂଘର ଉଦ୍ଦେଶ୍ୟ କ୍ଷମତା, ଟିକଟ କିମ୍ବା ନିର୍ବାଚନ ନୁହେଁ। ଆରଏସ୍‌ଏସ୍ ଉନ୍ନତ ସମାଜ ଗଠନ ଓ ଚରିତ୍ର ନିର୍ମାଣକୁ ଗୁରୁତ୍ୱ ଦେଇଥାଏ ବୋଲି ସେ କହିଛନ୍ତି। ଭୋପାଳରେ ଆରଏସ୍‌ଏସ୍‌ର ୧୦୦ ବର୍ଷ ପୂର୍ତ୍ତି ପାଳନ ନେଇ ଆୟୋଜିତ 'ପମୂଖ ଜନଗୋଷ୍ଠୀ' କାର୍ଯ୍ୟକ୍ରମରେ ଯୋଗ ଦେଇ ଭାଗବତ କହିଛନ୍ତି ଯେ, ଆମେ ସ୍ୱତନ୍ତ୍ର ପୋଷାକ ପିନ୍ଧୁଛୁ ଓ ଲାଠିକୁ ନେଇ ଅଭ୍ୟାସ କରୁଛୁ। ଏଭଳି ସ୍ଥିତିରେ ଯଦି କିଏ ଆରଏସ୍‌ଏସ୍‌କୁ ଏକ ଅର୍ଦ୍ଧ ସାମରିକ ବାହିନୀ ବୋଲି ବିଚାର କରେ ତାହା ଭୁଲ ବୋଲି ସେ ସ୍ପଷ୍ଟ କରିଛନ୍ତି। ଆମ ମଧ୍ୟରେ ମତ-ପନ୍ଥ, ସମ୍ପ୍ରଦାୟ, ଭାଷା ଓ ଜାତି ଭିନ୍ନ ହୋଇପାରେ। କିନ୍ତୁ ଏହା ସତ୍ତ୍ୱେ ହିନ୍ଦୁ ପରିଚୟ ଆମକୁ ଏକାଠି କରିଥାଏ। ଆମର ସଂସ୍କୃତି ଗୋଟିଏ, ଧର୍ମ ଗୋଟିଏ, ପୂର୍ବଜ ମଧ୍ୟ ସମାନ।

## ୭ ଇମ୍ରାନ ସମର୍ଥକଙ୍କୁ ଆଜୀବନ କାରାଦଣ୍ଡ

ଇସଲାମାବାଦ୍,୩।୧(ଏଜେନ୍ସି): ପାକିସ୍ତାନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ୭ ଜଣ ସମର୍ଥକଙ୍କୁ ଏକ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛି। ୨୦୨୩ ଇମ୍ରାନ ଗିରଫ ହେବା ପରେ ହିଂସକ ପ୍ରଦର୍ଶନ ସହିତ ଏହି ମାମଲା ଜଡିତ। ଏହି ୭ ଜଣଙ୍କ ଉପରେ ଦେଶର ବିଭିନ୍ନ ପ୍ରତିଷ୍ଠାନ ବିରୋଧରେ ଡିଜିଟାଲ ଆତଙ୍କବାଦରେ ଲିପ୍ତ ରହିବାର ଅଭିଯୋଗ କରାଯାଇଥିଲା। କୋର୍ଟ କହିଛନ୍ତି ଯେ, ପ୍ରତିବାଦ ସମୟରେ ଏମାନେ ହିଂସା ଓ ଅଶାନ୍ତି ସୃଷ୍ଟି କରିବା ପାଇଁ ଅନ୍‌ଲାଇନ ପ୍ଲାଟଫର୍ମ ତଥା ସାମାଜିକ ଗଣମାଧ୍ୟମରେ ଦୁରୁପଯୋଗ କରିଥିଲେ। ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ୟୁଟ୍ୟୁବର ଆଦିଲ ରାଜା, ସାମ୍ବାଦିକ ୱାଜହତ ସଇଦ ଖାନ୍, ସାବିର ସାକିର ସେହବାଇ, ଟେଲିଭିଜନ ଉପସ୍ଥାପକ ହାଇଦର ରାଜା ମେହେବି, ବିଶ୍ଳେଷକ ମୋଇଦା ପିରଜାଦା ଏବଂ ପୂର୍ବତନ ସେନା ଅଧିକାରୀ ଆକବର ହୁସେନ ଅନ୍ତର୍ଭୁକ୍ତ।

## ଚୀନ୍ କଥାରେ ହଁ ମାରିଲା ପାକିସ୍ତାନ

ବେଜିଂ/ଇସଲାମାବାଦ୍,୩।୧(ଏଜେନ୍ସି): 'ଅପରେସନ ସିନ୍ଦୂର' ଅବସରରେ ଚୀନର ମଧ୍ୟସ୍ଥତା ଦାବିକୁ ପାକିସ୍ତାନ ସ୍ୱୀକାର କରିବା ସହ ସମର୍ଥନ କରିଛି। ଅର୍ଥାତ ଚୀନକୁ ପାକିସ୍ତାନ ଅସ୍ତ୍ରବିରତିର ଶ୍ରେୟ ଦେବାକୁ ପଛାଇନାହିଁ। ଚୀନ୍‌ର ଦାବି ସହିତ ଜଡିତ ଏକ ପ୍ରଶ୍ନର ଉତ୍ତର ଦେବା ଅବସରରେ ପାକିସ୍ତାନ ବିଦେଶ ମନ୍ତ୍ରଣାଳୟର ପ୍ରବକ୍ତା ତାହିର ଆନ୍ଦ୍ରେବୀ ଏ ନେଇ ସୂଚନା ଦେଇଛନ୍ତି। ଅପରେସନ ସିନ୍ଦୂର ବେଳେ ଚୀନ୍‌ର ନେତାମାନେ ପାକିସ୍ତାନ ନେତୃତ୍ୱ ସହ ଲଗାତର ସମ୍ପର୍କରେ ଥିଲେ। ସେହିପରି ସେମାନେ ଭାରତୀୟ ନେତୃତ୍ୱସହ ମଧ୍ୟ କିଛି କଥାବାର୍ତ୍ତା କରିଥିଲେ। ଫଳରେ ଏହି ଅଞ୍ଚଳରେ ଉତ୍ତେଜନା କମ୍ ହୋଇଥିଲା ଏବଂ ଶାନ୍ତି, ସୁରକ୍ଷାକୁ ଫେରାଇଆଣିବାରେ ଏହା ବେଶ ସହାୟ ହୋଇଥିଲା। ତେଣୁ ଚୀନ୍‌ର ଏହି ଦାବି ଆଦୌ ମିଥ୍ୟା ନୁହେଁ ବୋଲି ଆନ୍ଦ୍ରେବୀ କହିଛନ୍ତି।

## ୟୁକ୍ରେନ ଯୁଦ୍ଧରେ ଜଲନ୍ଧରର ଯୁବକ ସହିଦ

ଜଲନ୍ଧର,୩।୧(ଏଜେନ୍ସି): ୪ ବର୍ଷ ଧରି ଚାଲିଆସୁଥିବା ରୁଷ- ୟୁକ୍ରେନ ଯୁଦ୍ଧରେ ପଞ୍ଜାବ ଜଲନ୍ଧରର ଗୋରାୟାର ଜଣେ ଯୁବକ ସହିଦ ହୋଇଛନ୍ତି। ଟ୍ରାଭେଲ ଏଜେଣ୍ଟମାନେ ତାଙ୍କୁ ପ୍ରଲୋଭିତ କରି ରୁଷ ନେଇଯାଇଥିଲେ ଓ ସେଠାରେ ତାଙ୍କୁ ବଳପୂର୍ବକ ରୁଷ୍ ସେନାରେ ଭର୍ତ୍ତି କରିଥିଲେ। କିଛିମାସ ଧରି ନିଖୋଜ ରହିବା ପରେ ତାଙ୍କୁ ମୃତଦେହକୁ ଏବେ ଭାରତ ଫେରାଇ ଅଣାଯାଇଛି। ଏହି ଯୁବକ ହେଉଛନ୍ତି ୩୦ ବର୍ଷୀୟ ମନଦୀପ କୁମାର। ଦୀର୍ଘଦିନ ଧରି ରୁଷ୍‌ରେ ରହି ସେ ଏକ ଉନ୍ନତ ଭବିଷ୍ୟତ ଓ ନିଯୁକ୍ତିର ସ୍ୱପ୍ନ ଦେଖୁଥିଲେ। ତାଙ୍କ ପରିବାରର ସଦସ୍ୟମାନେ କହିଛନ୍ତି ଯେ, ମନଦୀପ ଟ୍ରାଭେଲ ଏଜେଣ୍ଟଙ୍କ ପ୍ରତାରଣାର ଶିକାର ହୋଇଥିଲେ। ତାଙ୍କୁ ଚାକିରିର ମିଥ୍ୟା ପ୍ରତିଶ୍ରୁତି ଦେଇ ରୁଷ୍ ପଠାଯାଇଥିଲା। କିନ୍ତୁ ସେଠାରେ ପହଞ୍ଚିବା ପରେ ସ୍ଥିତି ବଦଳିଯାଇଥିଲା।

## ଗାନ୍ଧୀନଗରରେ ଟାଇଫଏଡ଼: ହସ୍ପିଟାଲରେ ୧୦୦

ଗାନ୍ଧୀନଗର, ୩।୧(ଏଜେନ୍ସି): ଗାନ୍ଧୀନଗରରେ ଟାଇଫଏଡ ଅର୍ଥାତ ଆନ୍ତ୍ରିକ ଜ୍ୱରରେ ୧୦୦ରୁ ଅଧିକ ଲୋକ ସଂକ୍ରମିତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଗାନ୍ଧୀନଗର ସିଭିଲ ହସ୍ପିଟାଲରେ ଛୋଟପିଲାଙ୍କ ସମେତ ୧୦୪ ଜଣ ଭର୍ତ୍ତି ହେବା ପରେ ଗୁଜରାଟ ଉପ-ମୁଖ୍ୟମନ୍ତ୍ରୀ ହର୍ଷ ସାଂଘଭି ଶନିବାର ସ୍ଥିତି ସମୀକ୍ଷା କରିଛନ୍ତି। ଗତ ୩ ଦିନରେ ସିଭିଲ ହସ୍ପିଟାଲରେ ଟାଏଫଏଡ ମାମଲା ବୃଦ୍ଧି ପାଇଛି। ସବୁ ରୋଗୀଙ୍କୁ ଶିଶୁ ଭବନରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି ବୋଲି ଅଧିକାରୀମାନେ କହିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଜିଲ୍ଲାପାଳଙ୍କ ସହ ଫୋନ୍‌ରେ ୩ଥର ପରିସ୍ଥିତି ବିଷୟରେ ଆଲୋଚନା କରିଛନ୍ତି। ରୋଗୀଙ୍କ ଚିକିତ୍ସା କରିବାକୁ ୨୨ଜଣ ଡାକ୍ତରଙ୍କୁ ନେଇ ଟିମ୍ ଗଠନ କରାଯାଇଛି।

## ସୋମବାର ଉମରଙ୍କ ଜାମିନ ନେଇ ରାୟ ଦେବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୩।୧(ଏଜେନ୍ସି): ଦିଲ୍ଲୀ ଦଙ୍ଗା ମାମଲାରେ ସୁପ୍ରିମକୋର୍ଟ ସୋମବାର ଉମର ଖାଲିଦ, ଶର୍ଜିଲ ଇମାମ, ଫାତିମା, ମୀରାନ ହାଇଦର ଓ ସିଫା ଉର ରହମାନଙ୍କ ଜାମିନ ଆବେଦନ ନେଇ ବଡ଼ ରାୟ ପ୍ରଦାନ କରିବେ। ଏମାନେ ଗତ ୪ ବର୍ଷ ହେବ ଜେଲ୍‌ରେ ରହିଆସୁଛନ୍ତି। ୨୦୨୦ ଫେବୃଆରୀ ହୋଇଥିବା ଦିଲ୍ଲୀ ଦଙ୍ଗା ପାଇଁ ଏମାନେ ବଡ଼ ଷଡ଼ଯନ୍ତ୍ର କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଜଷ୍ଟିସ ଅରବିନ୍ଦ କୁମାର ଓ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଏହି ମାମଲାରେ ଅଭିଯୁକ୍ତଙ୍କ ଅନେକ ଆବେଦନ ଉପରେ ରାୟ ଘୋଷଣା କରିବେ। ନ୍ୟୁୟର୍କର ନବ ନିର୍ବାଚିତ ମେୟର ଜୋହରାନ ମମ୍‌ଦାନୀଙ୍କ ଦ୍ୱାରା ଉମର ଖାଲିଦଙ୍କୁ ସମ୍ବୋଧିତ କରି ଏକ ଚିଠି ଇଣ୍ଟରନେଟ ଓ ସାମାଜିକ ଗଣମାଧ୍ୟମରେ ବିବାଦ ସୃଷ୍ଟି କରିବା ପରେ ଓ ବିଜେପିର ମନ୍ତ୍ରୀମାନଙ୍କ ପ୍ରତିକ୍ରିୟା ପ୍ରକାଶ ହେବା ପରେ ଜାମିନ ଆବେଦନକୁ ନେଇ ସୁପ୍ରିମକୋର୍ଟ ରାୟ ଦେବାକୁ ଯାଉଛନ୍ତି।

## ମହାନଗର ନିଗମ ନିର୍ବାଚନ: ବିଜେପି-ଏନ୍‌ସିପି ତୁତୁମେଁମେଁ

ମୁମ୍ବଇ, ୩।୧ (ଏଜେନ୍ସି): ମହାରାଷ୍ଟ୍ର ମହାନଗର ନିଗମ ନିର୍ବାଚନକୁ ନେଇ କ୍ଷମତାସୀନ ମହାଯୁତି ମେଣ୍ଟ (ଏନଡିଏ)ରେ ତୁତୁ ମେମେଁ ଆରମ୍ଭ ହୋଇଛି। ଏହି ମେଣ୍ଟରେ ସାମିଲ ତିନି ଦଳ ପରସ୍ପର ସହ ଝଗଡ଼ାରେ ଲିପ୍ତ ରହି ଗୋହି ଖୋଳିବା ଆରମ୍ଭ କରିଦେଇଛନ୍ତି। ଶୁକ୍ରବାର ପିମ୍ପରି-ଚିଞ୍ଚୱାଡରେ ଏକ ସାମ୍ବାଦିକ ସମ୍ମିଳନୀ କରି ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର ବିଜେପିକୁ ଘେରିଛନ୍ତି। ସେ କହିଥିଲେ ଯେ ଯେଉଁମାନେ ମୋ ଉପରେ ୭୦ ହଜାର କୋଟିର ଜଳସେଚନ ଦୁର୍ନୀତି ଅଭିଯୋଗ ଲଗାଇ ଥିଲେ ତାଙ୍କ ସହ ଆଜି ମୁଁ କ୍ଷମତାରେ ରହିଛି। ଖାଲି ଅଭିଯୋଗ ଲଗାଇ ଦେଲେ କେହି ଦୋଷୀ ହୋଇଯାଏନି। ଅଦାଲତରେ ଏହି ଅଭିଯୋଗକୁ ସାବ୍ୟସ୍ତ କରିବାକୁ ପଡ଼େ। ସେହିପରି କେଉଁ ଦଳ ଅପରାଧିକ ପୃଷ୍ଠଭୂମିରୁ ଆସୁଥିବା କେତେ ଲୋକଙ୍କୁ ଟିକଟ ଦେଇଛି ଏବଂ ପଳାତକଙ୍କୁ ସହାୟତା କରିଛି ତାହା ଜାଣିବା ପାଇଁ ୧୫ ବର୍ଷର ରେକର୍ଡ ଦେଖିବା ଉଚିତ। ଅନ୍ୟପଟେ ବିଜେପି ପ୍ରଦେଶ ଅଧ୍ୟକ୍ଷ ରବୀନ୍ଦ୍ର ଚୌହାନ ନିଜେ ନିଜକୁ ଦେଖିବା ପାଇଁ ଏନ୍‌ସିପି ମୁଖ୍ୟଙ୍କୁ କହିଛନ୍ତି।

# କୁହୁଡ଼ି ପାଇଁ ରେଳ, ବିମାନ ଚଳାଚଳ ବାଧାପ୍ରାପ୍ତ

ନୂଆଦିଲ୍ଲୀ,୩।୧(ଏଜେନ୍ସି): ଦେଶ ସାରା ଖାସ୍ କରି ଉତ୍ତର ଭାରତରେ ପ୍ରବଳ କୁହୁଡି ଜାରି ରହିଛି। ଫଳରେ ରେଳ ଓ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଶନିବାର ବହୁ ଟ୍ରେନ ବିଳମ୍ବ ହୋଇଥିବାରୁ ସୂଚନା ମିଳିଛି। ଖରାପ ପାଗ କାରଣରୁ ବହୁ ଟ୍ରେନ୍‌ର ଯାତ୍ରା ପୁନଃନିର୍ଦ୍ଧାରିତ କରାଯାଇଛି। ଇତିମଧ୍ୟରେ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ ସାମାଜିକ ଗଣମାଧ୍ୟମ ଏକ୍ସରେ ଏକ ପୋଷ୍ଟ କରି ଉଲ୍ଲେଖ କରିଛିଯେ, ଉତ୍ତର ଭାରତରେ କିଛି ବିମାନବନ୍ଦରରେ ଖରାପ ପାଗ କାରଣରୁ ଦୃଶ୍ୟମାନ



ଦୂରତା ହ୍ରାସ କାରଣରୁ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇପାରେ। ଧର୍ମଶାଳା, ଇନ୍ଦୋରରେ ବିମାନ ଚଳାଚଳ ପ୍ରଭାବିତ ହୋଇପାରେ। ସେପଟେ ରାଜସ୍ଥାନରେ ପ୍ରବଳ କୁହୁଡି ଯୋଗୁ ଦୃଶମାନ ଦୂରତା ହ୍ରାସ ପାଇବା କାରଣରୁ ଏକ ସ୍ଲିପର ବସ୍ ଓଲଟି ପଡିଛି। ଯାହା ଫଳରେ ୩୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ସେହିପରି ମଧ୍ୟ ପ୍ରଦେଶରେ ପ୍ରବଳ କୁହିଡି ଯୋଗୁ ଦୃଶ୍ୟମାନ ଦୂରତା ୨୦ମି ତଳକୁ ଖସିଛି। ଉତ୍ତର ପ୍ରଦେଶ କାଶୀରେ ହାଲ୍‌କା ବର୍ଷା ହୋଇଛି। ବିହାରରେ ଅତ୍ୟଧିକ ଥଣ୍ଡା ଓ କୁହୁଡି ପରିଲକ୍ଷିତ ହୋଇଛି। ପାଟନା, ସମସ୍ତିପୁର ଓ ଜେହାନାବାଦ୍‌ରେ ପ୍ରବଳ କୁହୁଡି ଦେଖିବାକୁ ମିଳିଥିଲା। ରାଜ୍ୟର ସବୁ ୩୮ଟି ଜିଲ୍ଲାରେ କୁହୁଡି ନେଇ ସତର୍କତା ଜାରି କରାଯାଇଛି।


# ନିୟନ୍ତ୍ରୀତ ବଜାର କମିଟି, ଭଦ୍ରକ
## ଜିଲ୍ଲା - ଭଦ୍ରକ

ଏତଦ୍ ଦ୍ୱାରା ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଭଦ୍ରକ ଅନ୍ତର୍ଗତ ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତା. ୦୫.୦୧.୨୦୨୬ ରିଖରୁ ଧାନକ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଖରିଫ୍ ଋତୁ (୨୦୨୫-୨୬) ବର୍ଷ ପାଇଁ ସରକାର ନିମ୍ନ ମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ତେଣୁ ଚାଷୀ ଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି (PACS) ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ (WSHG) ମାନଙ୍କରେ ନିର୍ଦ୍ଧାରିତ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ।

"ଚାଷୀ ଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ। ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ ଓ ବିଷ ମୁକ୍ତ ହୋଇଥିବ।"

ଧାନ କ୍ରୟ ଦିବସ: ସୋମବାର | ମଙ୍ଗଳବାର | ବୁଧବାର | ଶୁକ୍ରବାର | ଶନିବାର


ସମୟ - ସକାଳ ୮ଘଟିକାରୁ ଦିବା ୨ ଘଟିକା ମଧ୍ୟରେ ଧାନ ବିକ୍ରୟ କରି ପାରିବେ।

### ଧାନର ଗୁଣାତ୍ମକ ମାନ

| କ୍ର.ନଂ | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍. ଏ. କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବୀକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ବା ଦୂଳି ଇତ୍ୟାଦି) | ୧.୦% |
| ୨. | ଜୈବୀକ ବାହ୍ୟ ପଦାର୍ଥ (କାଠି, କୁଟା, ଧୁଷ, ଅଗାଡ଼ି ବା ପୋଲା ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪% ରୁ ଅଧିକ ହୋଇନଥିବ) | ୫.୦% |
| ୪. | ଅପରିପକ୍ୱ (କଞ୍ଚା - ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ "ଏ" ଧାନ ନିମନ୍ତେ) | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

-: ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟଦର ନିମ୍ନରେ ଦିଆଗଲା :-

| କ୍ର.ନଂ | (FAQ) ଧାନର ମାନ | କ୍ୱିଣ୍ଟାଲ ପ୍ରତି ଧାନର ସହାୟକ ମୂଲ୍ୟ |
|---|---|---|
| ୧. | ସାଧାରଣ ମାନ (Common FAQ) | ୩୧୦୦/- |




ଚଳିତ ବର୍ଷ ଧାନ କ୍ରୟ ପାଇଁ ପଞ୍ଜିକୃତ ହୋଇଥିବା ଚାଷୀମାନଙ୍କ ମୋବାଇଲ ନମ୍ବର (SMS) ଜରିଆରେ ଚାଷୀମାନଙ୍କୁ ସେମାନଙ୍କର ବିକ୍ରୀଯୋଗ୍ୟ ଧାନ ସହ ମଣ୍ଡିରେ ଉପସ୍ଥିତ ହେବା ପାଇଁ ବାର୍ତ୍ତା (ଅଗ୍ରୀମ ଟୋକନ୍) ପ୍ରେରଣ କରାଯିବ ଯାହାକି ୩୦ ଦିନ ବୈଧ ରହିବ। ଅଗ୍ରୀମ ଟୋକନ୍ ପାଇଲା ପରେ ସଂପୃକ୍ତ କ୍ରୟକାରୀ ପ୍ରାଥମିକ କୃଷି ସମବାୟ ସମିତି (PACS) ବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ ଅନୁରୋଧ। ଚଳିତ ବର୍ଷ ଟୋକନ୍ ରେ ଦିଆଯାଇଥିବା ଦିନ ଓ ପରିମାଣର ଧାନ ନେଇ ଆସିଥିବା ଚାଷୀମାନଙ୍କ ଠାରୁ କ୍ରମାନ୍ୱୟ (FIFO) ରେ ଧାନ କ୍ରୟ କରାଯିବ। ବିନା ଟୋକନ୍ ରେ ମଣ୍ଡିକୁ ଧାନ ନ ଆଣିବା ପାଇଁ ଚାଷୀ ଭାଇମାନଙ୍କୁ ଅନୁରୋଧ।

ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିଜର ନାମ ପଞ୍ଜିକରଣ ସମୟରେ ଦେଇଥିବା ଆଧାର ପରିଚୟପତ୍ର ଏବଂ ପ୍ରାପ୍ତହୋଇଥିବା ଟୋକନ୍ ଆଣିବେ। ରେଜିଷ୍ଟିଭୁକ୍ତ ଚାଷୀ ଭାଇଭଉଣୀମାନେ ତାଙ୍କର ପଞ୍ଜିକୃତ ହୋଇଥିବା ମୋ.ନଂ ରୁ ଟୋଲ୍ ଫ୍ରି ନଂ 1967 ଡାଏଲ କରି ତାଙ୍କର ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ, ଟୋକନ୍‌ର ସ୍ଥିତି ଏବଂ ଦେୟର ସ୍ଥିତି ପରିମାଣ ଜାଣିପାରିବେ।

I.V.R.S ପଦ୍ଧତିରେ -
- ୫ ନମ୍ବର ଚୟନ କଲେ ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ ଜାଣିପାରିବେ।
- ୬ ନମ୍ବର ଚୟନ କଲେ ଟୋକନ୍ ର ସ୍ଥିତି ଜାଣିପାରିବେ।
- ୭ ନମ୍ବର ଚୟନ କଲେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଦେୟର ସ୍ଥିତି ଜାଣିପାରିବେ।

ସା - ସଂପାଦକ
ନିୟନ୍ତ୍ରୀତ ବଜାର କମିଟି, ଭଦ୍ରକ

ସା - ଉପଜିଲ୍ଲାପାଳ ଭଦ୍ରକ ତଥା ଅଧ୍ୟକ୍ଷ
ନିୟନ୍ତ୍ରୀତ ବଜାର କମିଟି, ଭଦ୍ରକ



# ୧୦ରୁ 'ଗୋମାତା କାନ୍ଦୁଛି ରାଜରାସ୍ତାରେ'ର ସୁଟିଂ

ଜାନୁଆରୀ ୧୦ ତାରିଖରୁ ନୂଆ ଓଡ଼ିଆ ସିନେମା 'ଗୋମାତା କାନ୍ଦୁଛି ରାଜରାସ୍ତାରେ' ର ସୁଟିଂ ଆରମ୍ଭ ହେବ । ଏହାର ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନାରେ ଅଛନ୍ତି ସୁଧାକର ବସନ୍ତ । ସିନେମାର କାହାଣୀ ଏବଂ ସଂଳାପ ରଚନା କରିଛନ୍ତି ସୁକାନ୍ତ ପାତ୍ର । ସିନେମାର ମୁଖ୍ୟ ଚରିତ୍ରରେ ସୁକାନ୍ତ ପାତ୍ର ନଜର ଆସିବେ । ଅରୁଣ ମନ୍ତ୍ରୀ ଗୀତ ରଚନା କରିଥିବା ବେଳେ ସଂଗୀତରେ ଅଛନ୍ତି ପ୍ରଶାନ୍ତ ପାଢ଼ୀ । ଗୋ ମାତା ଉପରେ ଅତ୍ୟାଚାରକୁ ନେଇ ଫିଲ୍ମର କାହାଣୀ ଆଧାରିତ । ମୁଖ୍ୟତଃ ସିନେମାଟି ଏକ ସାମାଜିକ ବାର୍ତ୍ତା ଭାରତ ସମେତ ଅନ୍ୟ ଦେଶକୁ ପ୍ରଦାନ କରିବ ବୋଲି ନିର୍ଦ୍ଦେଶକ ସୁଧାକର ବସନ୍ତ କହିଛନ୍ତି । ଭଲ ବଜେଟ୍ରେ ଏହାକୁ ନିର୍ମାଣ କରାଯାଉଥିବା ବେଳେ ଫିଲ୍ମ ଫେଷ୍ଟିଭାଲ- ୨୦୨୬, ଗୋଆ ପାନାରୋମା ଫିଲ୍ମ ଫେଷ୍ଟିଭାଲ, ଦିଲ୍ଲୀ ଫିଲ୍ମ ଫେଷ୍ଟିଭାଲ ଏବଂ ଆନ୍ତର୍ଜାତୀୟ ସିନେ ଫେଷ୍ଟିଭାଲକୁ ଦୃଷ୍ଟିରେ ରଖି ସୁଧାକର ଏହି ସିନେମାଟିକୁ ନିର୍ମାଣ କରୁଥିବା କହିଛନ୍ତି ।



## ପ୍ରେକ୍ଷାଳୟରେ ଲଢ଼େଇ

ଡିସେମ୍ବର ୩୧ରେ ମୁକ୍ତିଲାଭ କରିଛି ନୂଆ ଓଡ଼ିଆ ସିନେମା 'ଲଢ଼େଇ' । ଏହି ଚଳଚ୍ଚିତ୍ର ଜରିଆରେ ନବାଗତନାୟକଲୋହିତାକ୍ଷକଥାଚିତ୍ରଜଗତରେପଦାର୍ପଣ କରିଛନ୍ତି । ଅଶୋକ ପତିଙ୍କ ନିର୍ଦ୍ଦେଶିତ ତଥା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ 'ଲଢ଼େଇ'ରେ ନାୟିକା ଅଛନ୍ତି ନବାଗତା ଅଭିଲିପ୍ସା । 'ଲଢ଼େଇ' ଏକ ବଳିଷ୍ଠ, ମୌଳିକ ଓ ଭିନ୍ନ ଧରଣର କଥାବସ୍ତୁ ଉପରେ ପର୍ଯ୍ୟବସିତ । ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା । ଲୋହିତାକ୍ଷ ଓ ଅଭିଲିପ୍ସାଙ୍କ ବ୍ୟତୀତ ଅନ୍ୟାନ୍ୟ ଚରିତ୍ରରେ ପ୍ରୀତିରଞ୍ଜନ, କେକେ, ବିଭାସ, ଉଦିତ ଗୁରୁ, ସୋମେଶ, ମଧୁ, ସ୍ମିତା ଚୌଧୁରୀ, ମନୋଜ ଦଣ୍ଡପାଟ, ରାଜଲକ୍ଷ୍ମୀ ଡାକୁଆ, ରବି ନାରାୟଣ ବେହେରା, ସୁଶାନ୍ତ, ରାଜଲକ୍ଷ୍ମୀ ମହାପାତ୍ର ଓ ଅଶୋକ ପଟ୍ଟନାୟକଙ୍କ ଅଭିନୟ ଦେଖିବାକୁ ମିଳିଛି । ଏଥିରେ ସଙ୍ଗୀତ ଦେଇଛନ୍ତି ଗୌରବ ଆନନ୍ଦ ଓ ସୋମେଶ ଶତପଥି । ଡ. ନିର୍ମଳ ନାୟକ, ବାପୁ ଗୋସ୍ୱାମୀ ଓ ଜେ. ପି. ୱାର୍ଡସ୍ମିଥଙ୍କ ଦ୍ୱାରା ରଚିତ ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି କୁଳଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ସ୍ୱୟଂ ପ୍ରଭାସ ପାଢ଼ୀ, ଅନନ୍ୟା ଶ୍ରୀତମ ନନ୍ଦ, ସୌରଭ ଭରଦ୍ୱାଜ, ଗୌରବ ଆନନ୍ଦ ଓ ସୋମେଶ ଶତପଥୀ ପ୍ରମୁଖ କଣ୍ଠଶିଳ୍ପୀ ।



## କିମିଆ କରିଛି 'ହେ କଳା ବାନ୍ଧବ'

ଆଖି ନଥିବା ମଣିଷ ପାଇଁ ଏ ଦୁନିଆଟା ଅନ୍ଧାର, କଳା କିଟ୍‌ମିଟ୍ । କଳା ବି ଆମ କାଳିଆ ଠାକୁର । ହେଲେ ସେହି କଳା ସାଆନ୍ତଙ୍କୁ କେମିତି ଦେଖେ ଆଖି ନଥିବା ମଣିଷଟି ? ଦୃଷ୍ଟିଶକ୍ତି ହରାଇଥିବା ବ୍ୟକ୍ତିଟି ଦାରୁଦିଅଁଙ୍କୁ କେଉଁ ରୂପରେ ଦର୍ଶନ କରେ ? ଏ ପ୍ରଶ୍ନର ଗୋଟିଗୋଟି ଉତ୍ତର ନିକଟରେ ରିଲିଜ୍ ହୋଇଥିବା ଏକ ସୁନ୍ଦର ଭାବପୂର୍ଣ୍ଣ ଭଜନ 'ହେ କଳା ବାନ୍ଧବ'ରେ ପ୍ରତିଫଳିତ ହୋଇଛି । ଏହା ଏକ ମ୍ୟୁଜିକ ଭିଡିଓ ହେଇଥିଲେ ହେଁ ଦେଖିବାକୁ ଗଲେ ଏହା ଏକ ଛୋଟ ସିନେମା ପରି । ଏ କାହାଣୀ ଅଭିମାନର, କାହାଣୀ କୌତୁହଳର, କାହାଣୀ ମୀରା ଓ କାଳିଆର ବନ୍ଧୁତ୍ୱର । 'ଡବି ବବ୍ଲି' ପ୍ରସ୍ତୁତ ଏହି ଗୀତଟି ଶ୍ରୋତାଙ୍କ ମନକୁ ବେଶ୍ ଛୁଇଁପାରିଛି । ମନୋଜ ଏବଂ ସମୀରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ବିଶ୍ୱଜିତ ଶତପଥୀଙ୍କ ଦ୍ୱାର ପ୍ରଯୋଜିତ ଏହି ଭଜନରେ ଜଣେ କୁନି ଝିଅ (ମୀରା) ର ଜଗା ପ୍ରତି ଥିବା ନିଷ୍କପଟ ଭକ୍ତି ଓ ଆବେଗକୁ ଅତି ସୁନ୍ଦର ଭାବେ ଚିତ୍ରଣ କରାଯାଇଛି । ଏଥିରେ ମୁଖ୍ୟ ଭୂମିକାରେ ଶିଶୁ କଳାକାର ସାଇ ଦିବ୍ୟାଂଶୀ ଅଭିନୟ କରିଥିବା ବେଳେ ଭଜନରେ କଣ୍ଠଦାନ ମଧ୍ୟ କରିଛନ୍ତି । ଭେଟେରାନ ଅଭିନେତ୍ରୀ ଈଶା ବିବର୍ତ୍ତୀ ଏବଂ ଜମ୍ମେଶ୍ୱର ଖୁଣ୍ଟିଆ ଏଥିରେ ଅଭିନୟ କରିଛନ୍ତି । ଭକ୍ତିର ଏହି ସୁନ୍ଦର ଭଜନକୁ ଗୀତିକାର ପୁଷ୍ପକ ପରିଡ଼ା ଶବ୍ଦରେ ସଜାଇଥିବା ବେଳେ ମ୍ୟୁଜିକ ଅନିଲ ନାଏକ ଦେଇଛନ୍ତି । ତେବେ ପୁରା ଟିମ୍‌ର ଏହି ପ୍ରୟାସକୁ ଦର୍ଶକ ବେଶ ପସନ୍ଦ କରୁଥିବା ବେଳେ ବର୍ତ୍ତମାନ ଏହି ଭିଡିଓଟି ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହେଉଛି ।

## ନୂଆ ଚଳଚ୍ଚିତ୍ର 'ସଂଘର୍ଷ'



ଏ. କେ. ଫିଲ୍ମସ୍ ବଲାଙ୍ଗିର ବ୍ୟାନରରେ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ସଂଘର୍ଷ' । ଏହାର ସୁଟିଂ ଫେବୃଆରୀ ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଜଣାପଡ଼ିଛି । ଏହି ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ ସହିତ ପ୍ରଯୋଜନା ଓ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଅଶୋକ ମିଶ୍ର । 'ଶତ୍ରୁ' ଚଳଚ୍ଚିତ୍ର ପାଇଁ ଅଶୋକ ଦୁଇ ଦୁଇଟି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସହ ଉଚ୍ଚ ପ୍ରଶଂସିତ ହୋଇଥିଲେ । 'ସଂଘର୍ଷ' ସିନେମାର କାହାଣୀ ବିସ୍ଥାପନ ଉପରେ ଗତିଶୀଳ । ଏଥିରେ ଡ. ରଜନୀ ରଞ୍ଜନ ଓ ରତନ ପୂଜାରୀଙ୍କ ଗୀତଗୁଡ଼ିକକୁ ସଂଗୀତ ନିର୍ଦ୍ଦେଶନା ଦେଉଛନ୍ତି ଯଜ୍ଞ ଦାଶ । ସେହିପରି ଏହାର ସଂଳାପ ରଚନା ମଧ୍ୟ ଡ. ରଜନୀ ରଞ୍ଜନ କରିଛନ୍ତି । ତେବେ ୧୯୯୦-୯୧ ମସିହାରେ ଏଇ 'ସଂଘର୍ଷ' ନାମରେ ଏକ ଚଳଚ୍ଚିତ୍ର ନିର୍ମିତ ହୋଇଥିଲା । ଏହି ଚଳଚ୍ଚିତ୍ରରୁ ହିଁ ଗୀତିକାର ଭାବରେ ଡ.ରଜନୀ ରଞ୍ଜନଙ୍କର ଓଲିଉଡ୍‌ରେ ଏଣ୍ଟ୍ରି ହୋଇଥିଲା ।



## ଶୁଭମୁକ୍ତିକୁ 'ଅପେକ୍ଷା'

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଅପେକ୍ଷା'କୁ ଅପେକ୍ଷା କରିଛନ୍ତି ପ୍ରଯୋଜକ ଡ. କେ. ତମନ୍ନା, ନିର୍ଦ୍ଦେଶକ ଆନନ୍ଦ କୁମାର, ନୂଆପିଢ଼ିର ନାୟକ ସାର୍ଥକ ଏବଂ ନାୟିକା ଶୁଭାଙ୍ଗି । ଡ. କେ. ତମନ୍ନା ଅନେକ ତେଲୁଗୁ ଚଳଚ୍ଚିତ୍ର କରିସାରିଛନ୍ତି । ତେବେ 'ଅପେକ୍ଷା' ଫିଲ୍ମଟି ରିଲିଜ ହେଲେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନୂଆ କଳାକାର ଏବଂ ନିର୍ଦ୍ଦେଶକଙ୍କ ପରିଚୟ ଓ ପ୍ରତିଷ୍ଠା ବଢ଼ିବ ବୋଲି ସମସ୍ତେ ଆଶାବାଦୀ । ଏହି ଚଳଚ୍ଚିତ୍ରରେ ଚୌଧୁରୀ ବିକାଶ ଦାସ, ପୁଷ୍ପା ପଣ୍ଡା, ଶକ୍ତି ବରାଳ, ପ୍ରଦୀପ ଦେବତା, ଗୁଡୁ, ଟୁନା ଟନ ଟନ ପ୍ରମୁଖ ଅଭିନୟ କରିଛନ୍ତି । ନିର୍ଦ୍ଦେଶନା ଦେଇଛନ୍ତି ଆନନ୍ଦ କୁମାର, ସଂଗୀତ ନିର୍ଦ୍ଦେଶନାରେ ଅଛନ୍ତି ବୈଦ୍ୟନାଥ ଦାଶ । କାହାଣୀ ଓ ସଂଳାପ ଆଶୁତୋଷ ବାରିକ ଲେଖିଥିବାବେଳେ ନିର୍ମଳ ନାୟକ, ଅରୁଣ ମନ୍ତ୍ରୀ ଗୀତ ରଚନା କରିଛନ୍ତି । ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, ଚିରାଗ, ଇପ୍‌ସିତା ସାହୁ ଓ ଉମାକାନ୍ତ ବାରିକ ।

## ପରଦା ପଛର କାହାଣୀ

### ନିଆଁରେ ଅଭିନେତାଙ୍କ

ନିଜ ଦମ୍‌ଦାର ଅଭିନୟ ତଥା ଆକ୍ସନ ସିନ୍ ପାଇଁ ବଲିଉଡ୍‌ର ଅଭିନେତା ଧର୍ମେନ୍ଦ୍ର ବେଶ୍ ଲୋକପ୍ରିୟ । ଦୀର୍ଘ ଜୀବନକାଳ ମଧ୍ୟରେ ସେ ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ସେମିତି ଏକ ଫିଲ୍ମ ହେଉଛି ୧୯୬୬ ମସିହାରେ ରିଲିଜ୍ ହୋଇଥିବା 'ଫୁଲ ଔର୍ ପଥର' । ଏହି ଫିଲ୍ମ ପାଇଁ ଧର୍ମେନ୍ଦ୍ର ରାତାରାତି ଷ୍ଟାର୍ ପାଲଟି ଯାଇଥିଲେ । ତେବେ ଫିଲ୍ମକୁ ନେଇ ଏକ ରୋଚକ କାହାଣୀ ରହିଛି । ଏହି ଫିଲ୍ମରେ ଧର୍ମେନ୍ଦ୍ର ସତସତିକା ନିଆଁରେ ସୁଟିଂ କରିଥିଲେ । ଫଳରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହୋଇଯାଇଥିଲା । ଫିଲ୍ମର ଏକ ଦୃଶ୍ୟରେ ଧର୍ମେନ୍ଦ୍ରଙ୍କୁ ଜଳନ୍ତା ଶିଢ଼ିରୁ ଜଣେ ଛୋଟ ଝିଅକୁ ତଳକୁ ଆଣିବାର ଥିଲା । ତେବେ ନିଆଁ ଦେଖିବା ପରେ ଧର୍ମେନ୍ଦ୍ରଙ୍କ ପାଇଁ ଏହି ଦୃଶ୍ୟ ସୁଟ୍ କରିବା ସୁରକ୍ଷିତ ନ ଥିବା ଫିଲ୍ମ ନିର୍ଦ୍ଦେଶକ ଓ. ପି. ରଲହନ୍ ଅନୁଭବ କରିଥିଲେ । ଏଥିପାଇଁ ଏଭଳି ବିପଦଜ୍ଜନକ ଭାବେ ସୁଟ୍ ନ କରିବା ପାଇଁ ତାଙ୍କୁ କହିଥିଲେ । କିନ୍ତୁ ଧର୍ମେନ୍ଦ୍ର ଏହାକୁ ଠିକ୍ ଭାବେ ବୁଝି ପାରି ନଥିଲେ । ରଲହନ୍ ଏହି ଦୃଶ୍ୟ ସୁଟିଂ କରିବା ପାଇଁ ନିର୍ଦ୍ଦେଶ ଦେଲେ ବୋଲି ଭାବିଥିଲେ । ଆଉ ଧର୍ମେନ୍ଦ୍ର ଏହି ନିଆଁ ଦୃଶ୍ୟ ସୁଟିଂ କରିଥିଲେ । ଫଳସ୍ୱରୂପ ସେ ନିଆଁରେ ପୋଡ଼ି ଯାଇଥିଲେ । ଏହି ଫିଲ୍ମ ବକ୍ସ ଅଫିସ୍‌ରେ ଧମାଲ କରିଥିଲା । ୧ କୋଟି ବ୍ୟୟରେ ନିର୍ମିତ 'ଫୁଲ ଔର୍ ପଥର' ପ୍ରାୟ ୧୭ କୋଟି ଟଙ୍କା ଆୟ କରିଥିଲା । ଏହାର ସଫଳତାକୁ ଦୃଷ୍ଟିରେ ରଖି ଏହାକୁ ତାମିଲ, ତେଲୁଗୁ ଏବଂ ମାଲାୟଲମ୍ ଭାଷାରେ ରିମେକ୍ କରାଯାଇଥିଲା । ଏହି ଫିଲ୍ମରେ 'ଶାକା' ନାମକ ଏକ ଗ୍ୟାଙ୍ଗଷ୍ଟାର୍ ଚରିତ୍ରରେ ଧର୍ମେନ୍ଦ୍ର ଅଭିନୟ କରିଥିଲେ । ଏଥିରେ ଟ୍ରାଜେଡି କୁଇନ୍ ମୀନା କୁମାରୀଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା । ଉଭୟଙ୍କ ଅଭିନୟକୁ ଦର୍ଶକମାନେ ଖୁବ୍ ପ୍ରଶଂସା କରିଥିଲେ ।



## ସାକ୍ଷାତକାର



# "ଭଲ କଳାକାର ହେବା ପାଇଁ ଧୈର୍ଯ୍ୟ ଦରକାର"

**ଆୟୁଷ୍ମାନ ଦାସ, ଅଭିନେତା**

ପାଠପଢ଼ାରେ ତାଙ୍କର ମନ ଲାଗୁ ନ ଥିଲା । ସ୍କୁଲ ଓ କଲେଜରେ ସବୁଠି ଅଭିନୟ କରି ପୁରସ୍କୃତ ହେଉଥିଲେ । ତାଙ୍କ ଭିତରେ ଥିବା ପ୍ରତିଭାକୁ ପ୍ରଥମେ ମା' ଚିହ୍ନିଥିଲେ । ଖୋର୍ଦ୍ଧା ଜିଲ୍ଲା ବନମାଳିପୁର ଗାଁର ଆୟୁଷ୍ମାନ ଦାସ ମାଆଙ୍କ ମାର୍ଗଦର୍ଶନରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଡ୍ରାମା ବିଭାଗରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି । ଏହା ପରେ ସେ ଧାରାବାହିକରେ ନିଜ ଭାଗ୍ୟ ପରୀକ୍ଷା କରିଥିଲେ । 'ମହାଦେବୀ' ତାଙ୍କର ପ୍ରଥମ ଧାରାବାହିକ । ପରେ କିଛି ହାତଗଣତି ଧାରାବାହିକରେ ଅଭିନୟ କରିଛନ୍ତି ଆୟୁଷ୍ମାନ । ଏବେ ହିନ୍ଦୀ ଧାରାବାହିକ 'ସତ୍ୟା ସାଚୀ'ରେ ଖଳନାୟକ ଚରିତ୍ରରେ ଅଭିନୟ କରୁଛନ୍ତି । ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ଆୟୁଷ୍ମାନଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ ।

**ଅଭିନୟ ପାଇଁ କେବେଠୁ ଦୁର୍ବଳତା ଆସିଲା?**

- ପିଲାଦିନେ କ୍ରିକେଟ୍ ଖେଳୁଥିଲି । ପଢ଼ା ପଢ଼ି ପ୍ରତି ଏତେଟା ମନ ଲାଗୁନଥିଲା । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଉଥିଲି । ଏହା ପରେ ମୁଁ ଆକ୍ଟିଂରେ କ୍ୟାରିୟର କରିବାକୁ ଚିନ୍ତା କରିଥିଲି । ଅଭିନୟ ପ୍ରତି ଦୁର୍ବଳତା ଦେଖି ମୋ ମା' ସଙ୍ଗୀତ ମହାବିଦ୍ୟାଳୟରେ ପଢ଼ିବାକୁ କହିଥିଲେ । ଯେହେତୁ ମା' ସେଠାରେ ପଢ଼ିଥିଲେ ଆଉ ସେ ଜଣେ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ତେଣୁ ଏ କ୍ଷେତ୍ରରେ ଆଗକୁ ବଢ଼ିବାକୁ ମୋତେ ସହଜ ହୋଇଥିଲା । ସ୍ନାତକ ପରେ ସଂସ୍କୃତି ବିଶ୍ୱବିଦ୍ୟାଳୟରୁ ଅଭିନୟରେ ସ୍ନାତକୋତ୍ତର କରିଛି । ଦୀର୍ଘବର୍ଷର ଅଭିଜ୍ଞତାକୁ ନେଇ ଫିଲ୍ମ ଲାଇନ୍‌କୁ ଆସିଥିଲି ।

**ଧାରାବାହିକରେ କେମିତି ସୁଯୋଗ ପାଇଲେ?**

- ମୁଁ ଯୁକ୍ତ ୩ ପ୍ରଥମ ବର୍ଷରେ ପଢ଼ିବା ସମୟରୁ ସବୁ ସୁଟିଂ ସେଟ୍‌କୁ ଯାଇ ମ୍ୟାନେଜରମାନଙ୍କୁ ଦେଖା କରୁଥିଲି । ଯୁକ୍ତ ୩ ଦ୍ୱିତୀୟ ବର୍ଷରେ ଅରୁ ଭାଇ ମୋତେ 'ମହାଦେବୀ' ଧାରାବାହିକରେ କାମ କରିବାକୁ ସୁଯୋଗ ଦେଇଥିଲେ । ଏଥିରେ ମଣିକାନ୍ତ ବାବା ଚରିତ୍ରରେ କାମ କରିଥିଲି । ଏହା ପରେ ମୁଁ ଦିବ୍ୟଦୃଷ୍ଟିରେ କାମ କରିବାକୁ ସୁଯୋଗ ପାଇଲି । 'ଝିଲି' ଧାରାବାହିକରେ 'ରୁଦ୍ର' ପୋଲିସ ଚରିତ୍ରରେ କାମ କରିଛି । ରୁଦ୍ର ଚରିତ୍ରଟି ମୋତେ ଅଧିକ ଲୋକପ୍ରିୟତା ଦେଇଛି ।

**ଏବେ ଆୟୁଷ୍ମାନ କ'ଣ କରୁଛନ୍ତି ?**

- ସନ୍ ନିଓରେ 'ସତ୍ୟା ସାଚୀ' ହିନ୍ଦୀ ଧାରାବାହିକରେ ଅଭିନୟ କରୁଛି । ଏଥିରେ ମୁଁ ଦୀପ ଖଳନାୟକ ଚରିତ୍ରରେ କାମ କରୁଛି ।

**କଳାକାର ହେବାକୁ ତାଲିମ ନେବାର ଆବଶ୍ୟକତା କେତେ?**

- ପ୍ରତ୍ୟେକ କ୍ଷେତ୍ରରେ ତାଲିମର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସମସ୍ତେ କୁହନ୍ତି ଭଲ ଅଭିନେତା ହେବାକୁ ହେଲେ ଚରିତ୍ରରେ ବୁଡ଼ିଯିବାକୁ ହୁଏ, କିନ୍ତୁ ତାଲିମ ଦ୍‌ୱାରା ଚରିତ୍ରରେ କେମିତି ପ୍ରବେଶ କରିବ ଓ ବୁଡ଼ିଯିବ ତା'ର ରାସ୍ତା ମିଳିଯାଏ । ଏହା ଦ୍ୱାରା ଅଭିନୟ ମାର୍ଜିତ ହୁଏ । ତାଲିମ ନେବା ପରେ ସମସ୍ତେ ଗୋଟେ ମୁଖ୍ୟ ଚରିତ୍ରରେ କାମ କରିବାକୁ ଇଚ୍ଛା ରଖନ୍ତି । ଅବଶ୍ୟ ଏସବୁ ପାଇଁ ଧୈର୍ଯ୍ୟ ରଖିବା ଦରକାର ।

**ଚରିତ୍ରକୁ ଜୀବନ୍ତ କରିବାକୁ ଆୟୁଷ୍ମାନ କ'ଣ କରନ୍ତି?**

- ଯେଉଁ ଚରିତ୍ର ମିଳେ, ସେହି ଚରିତ୍ରଗୁଡ଼ିକ କାହା ସହିତ କେମିତି ବ୍ୟବହାର କରୁଛନ୍ତି । ସେମାନଙ୍କ ଚତୁଃପାର୍ଶ୍ୱିକ ପରିସ୍ଥିତି, ପୋଷାକ ପିନ୍ଧା ଶୈଳୀ, ସଂଳାପ କହିବା ଶୈଳୀ, ଚରିତ୍ରର କେଉଁ ପାର୍ଟରେ ଏଣ୍ଟରଟେନମେଣ୍ଟ ରହୁଛି ସେ ସବୁକୁ ଗୁରୁତ୍ୱ ଦିଏ ।

**ଆଗାମୀ ଯୋଜନା?**

- ଏହି ଧାରାବାହିକ ସରିବା ପରେ ସାଙ୍ଗସାଥିଙ୍କ ସହିତ କିଛି ସମୟ ବିତାଇବା ପରେ ମୁଁ ପୁଣି ମୋର କାମକୁ ଗୁରୁତ୍ୱ ଦେବି । ଜୀବନ ଥିବା ଯାଏଁ ମୁଁ ଅଭିନୟ କରିବି ।

**ସ୍ମରଣୀୟ ମୁହୂର୍ତ୍ତ?**

- 'ଝିଲି' ଧାରାବାହିକରେ 'ରୁଦ୍ର' ଭୂମିକା ମୋତେ ବହୁତ ଭଲ ଲାଗିଥିଲା । ପୋଲିସ ଆଉ ପୋଲିସ ପୋଷାକ ପ୍ରତି ମୋର ସବୁବେଳେ ଦୁର୍ବଳତା ରହିଛି । ମୁଁ ଯେତେବେଳେ ପୋଲିସ ପୋଷାକ ପିନ୍ଧିଲି, ସେତେବେଳେ ବହୁତ ଖୁସି ଲାଗିଥିଲା । ସୌଭାଗ୍ୟବଶତଃ ରୁଦ୍ର ଚରିତ୍ରକୁ ଦର୍ଶକ ବହୁତ ଭଲପାଇବା ଦେଲେ । ସାମାଜିକ ଗଣମାଧ୍ୟମରେ ମୋ ଚରିତ୍ରକୁ ନେଇ ଚର୍ଚ୍ଚା ହେବା ମୋ' ପାଇଁ ସୌଭାଗ୍ୟର ବିଷୟ ।

**ଫିଟ୍ ରହିବାର ଫର୍ମୁଲା?**

- କଳାକାର ପାଇଁ ଫିଟ୍ ରହିବା ନିହାତି ଦରକାର । କାରଣ ଆମର କାମ କରିବା ତରିକା ଟିକେ ଭିନ୍ନ ଥାଏ । ବିଳମ୍ବିତ ରାତି ଯାଏଁ କାମ ସାଙ୍ଗକୁ ଖାଦ୍ୟପେୟ ଗ୍ରହଣରେ ସମୟ ନଥାଏ । ତେଣୁ ଶାରୀରିକ କାର୍ଯ୍ୟକଳାପ, ଯୋଗ, ବ୍ୟାୟାମ କରିବା ସହ ସନ୍ତୁଳିତ ଖାଦ୍ୟପେୟକୁ ଗୁରୁତ୍ୱ ଦିଏ ।

**ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ପାଆନ୍ତି?**

- କ୍ରିକେଟ୍ ଖେଳିବାକୁ ପସନ୍ଦ କରେ । ଏହା ଦ୍ୱାରା ମୋତେ ଶାନ୍ତି ମିଳେ । କାମକୁ ଗୁରୁତ୍ୱ ଦିଅନ୍ତୁ ।

**ଅଭିନୟକୁ ଯେଉଁମାନେ ଆସୁଛନ୍ତି, ସେମାନଙ୍କୁ କ'ଣ କହିବେ?**

- ଅଧିକାଂଶ ପିଲା ରାତାରାତି ଲୋକପ୍ରିୟ ହେବାକୁ ଇଚ୍ଛା ରଖନ୍ତି । ଆଜିକାଲିର ପିଲାଙ୍କ ଧୈର୍ଯ୍ୟ ଶକ୍ତି ବହୁତ କମ୍ । ହେଲେ ମୁଁ କହିବି ଜଣେ କଳାକାର ଭିତରେ ଧୈର୍ଯ୍ୟ ରହିବା ବହୁତ ବଡ଼ କଥା । ଏହି କାମରେ ଜୀବନସାରା ରହିବେ । ତେଣୁ କାମକୁ ଗୁରୁତ୍ୱ ଦିଅନ୍ତୁ ।

# କେକେଆର୍‌ରୁ ବାହାରିଲେ ମୁସ୍ତାଫିଜୁର

କୋଲକାତା, ୩।୧ (ଏଜେନ୍ସି): ଗତ କିଛିଦିନ ଧରି ଆଇପିଏଲ୍‌ରେ ବାଂଲାଦେଶ କ୍ରିକେଟର୍‌ଙ୍କ ଅଂଶଗ୍ରହଣକୁ ନେଇ ଲାଗି ରହିଥିବା ବିବାଦର ଏକପ୍ରକାର ଅନ୍ତ ଘଟିଛି। ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇର ନିର୍ଦ୍ଦେଶକ୍ରମେ ଶେଷରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଫ୍ରାଞ୍ଚାଇଜ ଦଳରୁ ବାଂଲାଦେଶ ଦ୍ରୁତ ବୋଲର ମୁସ୍ତାଫିଜୁର ରହମାନଙ୍କୁ ବାହାର କରିଛି। ଶାହରୁଖ ଖାନଙ୍କ କେକେଆର ଫ୍ରାଞ୍ଚାଇଜ ପକ୍ଷରୁ ଶନିବାର ଏକ ବିଜ୍ଞପ୍ତି ଜାରି କରାଯାଇଛି। ଯେଉଁଥିରେ କୁହାଯାଇଛି ଯେ ଆଇପିଏଲ୍‌କୁ ବିସିସିଆଇ ପରିଚାଳନା କରୁଛି। ତେଣୁ ବିସିସିଆଇର ନିର୍ଦ୍ଦେଶ ଅନୁଯାୟୀ ଆଇପିଏଲ୍‌ର ଆଗାମୀ ସିଜନ ପୂର୍ବରୁ କୋଲକାତା ଦଳରୁ ମୁସ୍ତାଫିଜୁରଙ୍କୁ ରିଲିଜ କରାଯାଇଛି। ଏଥିସହ ତାଙ୍କ ବଦଳ ଖେଳାଳିଭାବେ ଆଉ ଜଣଙ୍କୁ ଦଳରେ ସାମିଲ କରିବାକୁ ବିସିସିଆଇ ଅନୁମତି ଦେଇଛି। ପ୍ରକାଶଯୋଗ୍ୟ, ଗତ ଖେଳାଳି ନିଲାମୀରେ କୋଲକାତା ୯.୨ କୋଟି ଟଙ୍କା ବ୍ୟୟରେ ମୁସ୍ତାଫିଜୁରଙ୍କୁ କ୍ରୟ କରିଥିଲା। କିନ୍ତୁ ସଦ୍ୟ ବାଂଲାଦେଶରେ ହିନ୍ଦୁଙ୍କ ଉପରେ ହେଉଥିବା ଭୟଙ୍କର ଆକ୍ରମଣ ପରେ ପରିସ୍ଥିତି ବଦଳିଯାଇଥିଲା। ବାଂଲାଦେଶ ଖେଳାଳିଙ୍କୁ ଆଇପିଏଲ୍‌ରେ ସାମିଲ କରିବା ନେଇ ଅନେକେ ପ୍ରଶ୍ନ ଉଠାଇବା ସହ ବିସିସିଆଇ ଓ କେକେଆର୍‌କୁ ଟାର୍ଗେଟ କରିଥିଲେ। ଶେଷରେ ବିସିସିଆଇ ଏହି ବଡ଼ ନିଷ୍ପତ୍ତି ନେବାକୁ ବାଧ ହୋଇଥିଲା।



ଶେଷରେ ଆକ୍ସନ ନେଲା ବିସିସିଆଇ

# ଭାରତ ଛାଡ଼ିଲେ; କାନାଡ଼ାରୁ ଖେଳିବେ

ଚଣ୍ଡିଗଡ଼, ୩।୧ (ଏଜେନ୍ସି): ଦୁଇଥରର ଏସିଆନ ଚାମ୍ପିଅନ ତଥା ଅଲିମ୍ପିଆନ ସୁଟର୍ ଅଙ୍ଗଦ ବୀର ସିଂହ ବାଜୱା କ୍ୟାରିୟରକୁ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ୩୦ ବର୍ଷୀୟ ଏହି ସୁଟର୍ ଏବେ ଭାରତ ଛାଡ଼ି କାନାଡ଼ା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ଅଙ୍ଗଦ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ତାଙ୍କ ପ୍ରଶଂସକଙ୍କୁ ଜଣାଇଛନ୍ତି। ଦେଶ ଛାଡ଼ିବାର କାରଣ ମଧ୍ୟ ଅଙ୍ଗଦ ଉଲ୍ଲେଖ କରିଛନ୍ତି। 'ଗତ ୧୨-୧୩ ବର୍ଷ ଧରି ଭାରତ ପକ୍ଷରୁ ଖେଳିଆସୁଛି। କିନ୍ତୁ ମୋ ପରିବାର କାନାଡାରେ ରହୁଛନ୍ତି ଏବଂ ସେଠାରେ ମଧ୍ୟ ମୋ ବ୍ୟବସାୟ ଚାଲିଛି। ପ୍ରତି ମାସରେ କାନାଡ଼ା ଯାତ୍ରା କରିବା ମୋ ପାଇଁ କଷ୍ଟସାଧ୍ୟ ଥିଲା। ତେଣୁ ଶେଷରେ ଏକ କଠିନ ଓ ଭାବବିହ୍ୱଳ ନିଷ୍ପତ୍ତି ନେଇଛି' ବୋଲି ଅଙ୍ଗଦ କହିଛନ୍ତି। ନ୍ୟାସନାଲ ରାଇଫଲ୍ ଆସୋସିଏସନ ଅଫ୍ ଇଣ୍ଡିଆ ପକ୍ଷରୁ ଅଙ୍ଗଦଙ୍କୁ ମଧ୍ୟ ଏନେଇ ସବୁଜ ସଙ୍କେତ ପ୍ରଦାନ କରାଯାଇଛି।



## ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା

# ପନ୍ତ୍ ରହିଲେ, ଗିଲ୍ ଓ ଆୟର ଫେରିଲେ

ମୁମ୍ବଇ,୩।୧(ଏଜେନ୍ସି):

ଭ୍ରମଣକାରୀ ନ୍ୟୁଜିଲାଣ୍ଡ ସହ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବା ଲାଗି ଭାରତୀୟ କ୍ରିକେଟ ଦଳର ନାମ ତାଲିକା ଘୋଷଣା କରାଯାଇଛି। ଆହତ ହୋଇ ଦଳରୁ ବାଦ୍ ପଡ଼ିଥିବା ଅଧିନାୟକ ଶୁବମନ ଗିଲ୍ ଓ ଉପଅଧିନାୟକ ଶ୍ରେୟସ ଆୟର ଦଳକୁ ଫେରିଛନ୍ତି। ଗିଲ୍ ମ୍ୟାଚ୍ ଫିଟ୍ ହୋଇଥିଲାବେଳେ ଫିଟ୍‌ନେସ ପରୀକ୍ଷାରେ ପାସ୍ ହେଲେ ଖେଳିବା ଲାଗି ସୁଯୋଗ ପାଇବେ। ଉଭୟ ଖେଳାଳି ଆସନ୍ତା ୬ ତାରିଖ ଖେଳାଯିବାକୁ ଥିବା ବିଜୟ ହଜାରେ ଟ୍ରଫିରେ ନିଜ ରାଜ୍ୟ ପକ୍ଷରୁ ଖେଳିବା ଲାଗି ସ୍ଥିର ହୋଇଛି। ଏଥିରେ ଉଭୟ ଖେଳାଳି ସେମାନଙ୍କ ମ୍ୟାଚ୍ ଫିଟ୍‌ନେସର ପ୍ରମାଣ ଦେବେ। ବରୋଦାରେ ଜାନୁଆରୀ ୧୧ରୁ ଦିନିକିଆ ସିରିଜ୍ ଆରମ୍ଭ ହେବ। ୧୪ ଓ ୧୮ରେ ସିରିଜ୍‌ର ଅନ୍ୟ ଦୁଇଟି ମ୍ୟାଚ୍ ଯଥାକ୍ରମେ ରାଜକୋଟ ଓ ଇନ୍ଦୋରରେ ଖେଳାଯିବ।

ଘୋଷିତ ୧୫ ଜଣିଆ ଦଳରେ ୱିକେଟ ରକ୍ଷକ ଋଷଭ ପନ୍ତ ସ୍ଥାନ ବଜାୟ ରଖିଛନ୍ତି। ସେ ଓ ଲୋକେଶ ରାହୁଲ ୱିକେଟ ରକ୍ଷକ ଭାବେ ସାମିଲ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍‌ରେ ଆହତ ଗିଲ୍‌ଙ୍କ ସ୍ଥାନରେ ରାହୁଲ ଦଳର ନେତୃତ୍ୱ ନେଇଥିଲେ, କିନ୍ତୁ ପନ୍ତ୍‌ଙ୍କୁ ଗୋଟିଏ ହେଲେ ମ୍ୟାଚ୍ ଖେଳିବାର ସୁଯୋଗ ମିଳି ନ ଥିଲା। ସେହିପରି ଦଳକୁ ଫେରିଥିବା ତୃତୀୟ ଖେଳାଳି ହେଲେ ମହମ୍ମଦ୍ ସିରାଜ୍। ସିରାଜ ଅଷ୍ଟ୍ରେଲିଆ ସିରିଜ୍ ପରେ ଆଉ ସୀମିତ ଓଭର ମ୍ୟାଚ୍ ଖେଳିନାହାନ୍ତି। କିନ୍ତୁ ନିଜ ଟିମ୍ ହାଇଦରାବାଦ୍ ପକ୍ଷରୁ ସୟଦ ମୁସ୍ତାକ ଅଲି ଟି-୨୦ ଓ ବିଜୟ ହଜାରେ ଟ୍ରଫିରେ ଖେଳିଛନ୍ତି। ତାଙ୍କ ସହ ଅର୍ଶଦୀପ ସିଂହ, ହର୍ଷିତ ରାଣା ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ପେସ୍ ବୋଲର ଭାବେ ସାମିଲ କରାଯାଇଛି। ଏହା ଫଳରେ ମହମ୍ମଦ୍ ସାମି ନିରାଶ ହୋଇଛନ୍ତି। ଏହା ଫଳରେ ସାମିଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଏକପ୍ରକାର ଶେଷ ହୋଇଛି ବୋଲି କୁହାଯାଉଛି। ଟି-୨୦ ବିଶ୍ୱକପ୍ ଫେବୃଆରୀ ୭ରୁ ବିଶ୍ୱକପ୍ ଖେଳାଯାଉଥିବାରୁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଯଶପ୍ରୀତ୍ ବୁମରାଙ୍କୁ ଏହି ସିରିଜ୍ ଲାଗି ବିଚାରକୁ ନିଆଯାଇନାହିଁ।



ଦଳକୁ ଫେରିଥିବା ୩ଜଣ ଖେଳାଳିଙ୍କ ମଧ୍ୟରୁ ଦକ୍ଷିଣ ଆଫ୍ରିକା ବିପକ୍ଷ କୋଲକାତା ଟେଷ୍ଟରେ ବେକରେ ଆଘାତ ଲାଗିବାରୁ ଗିଲ୍ ବାଦ୍ ପଡ଼ିଥିଲେ। ଅଷ୍ଟ୍ରେଲିଆରେ ପିଠିରେ ଆଘାତ ପାଇଥିବାରୁ ଆୟର ଆଉ ଖେଳି ପାରି ନ ଥିଲେ। ସିରାଜଙ୍କୁ ଦଳରେ ନିଆଯାଇ ନ ଥିଲା। ଗିଲ୍ ବିଜୟ ହଜାରେ ଟ୍ରଫି ଖେଳି ମ୍ୟାଚ୍ ଫିଟ୍ ପ୍ରମାଣ ଦେଇଛନ୍ତି। ଆୟର ଫିଟ୍ ହେବାର ପ୍ରମାଣ ଦେବାକୁ ବାକି ରହିଛି। ଗିଲ୍, ଆୟର ଓ ସିରାଜଙ୍କୁ ସାମିଲ କରାଯିବା ଫଳରେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍ ଲାଗି ମନୋନୀତ ହୋଇଥିବା ତିଲକ ବର୍ମା, ଧ୍ରୁବ ଜୁରେଲ ଓ ଋତୁରାଜ ଗାଏକ୍ୱାଡ୍‌ଙ୍କୁ ବାଦ୍ ଦିଆଯାଇଛି। ରାହୁଲଙ୍କ ନେତୃତ୍ୱରେ ଭାରତ ୨-୧ରେ ଏହି ସିରିଜ୍ ଜିତିଥିଲାବେଳେ ତିଲକ ଓ ଜୁରେଲ ମ୍ୟାଚ୍ ଖେଳି ନ ଥିଲେ। କିନ୍ତୁ ଇନ୍ଦୋରରେ ଗୋଟିଏ ମ୍ୟାଚ୍ ଖେଳି ନଂ-୪ରେ ବ୍ୟାଟିଂ କରିଥିବା ଋତୁରାଜ ୧୦୫ ରନ୍ କରିଥିଲେ।

ବ୍ୟାଟିଂରେ ଗିଲ ଓ ଆୟରଙ୍କ ବ୍ୟତୀତ ଦୁଇ ବରିଷ୍ଠ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି, ଯଶସ୍ୱୀ ଜୟସ୍ୱାଲ, ଓ ଦୁଇ ୱିକେଟକିପର ରାହୁଲ ଓ ପନ୍ତ୍ ରହିଛନ୍ତି। ଦଳରେ ୩ଜଣ ଅଲରାଉଣ୍ଡର ଯଥା ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦର (ଉଭୟ ସ୍ପିନର) ଓ ନୀତୀଶ କୁମାର ରେଡ୍ଡୀ (ମିଡିୟମ ପେସ୍‌ର) ରହିଛନ୍ତି। କୁଲଦୀପ ଏକମାତ୍ର ସ୍ପେଶାଲିଷ୍ଟ ସ୍ପିନ୍‌ର ଭାବେ ସ୍ଥାନ ପାଇଛନ୍ତି।

### ଖେଳସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୧୧।୧ | ପ୍ରଥମ ଦିନିକିଆ | ବରୋଦା |
| ୧୪।୧ | ଦ୍ୱିତୀୟ ଦିନିକିଆ | ରାଜକୋଟ |
| ୧୮।୧ | ତୃତୀୟ ଦିନିକିଆ | ଇନ୍ଦୋର |

### ଖେଳାଳି ଦଳ

**ଭାରତ :** ଯଶସ୍ୱୀ ଜୟସ୍ୱାଲ, ରୋହିତ ଶର୍ମା, ଶୁବମନ ଗିଲ୍ (ଅଧିନାୟକ), ବିରାଟ କୋହଲି, ଶ୍ରେୟସ ଆୟର (ଉପଅଧିନାୟକ), ଲୋକେଶ ରାହୁଲ ଓ ଋଷଭ ପନ୍ତ୍ (ଉଭୟ ୱିକେଟରକ୍ଷକ), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ହର୍ଷିତ ରାଣା, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା ଓ ନୀତୀଶ କୁମାର ରେଡ୍ଡୀ।

**ନ୍ୟୁଜିଲାଣ୍ଡ :** ହେନରୀ ନିକୋଲସ, ୱିଲ ୟଙ୍ଗ୍, ଡେଭନ କନୱେ ଓ ମିଚେଲ ହେ' (ଉଭୟେ ୱିକେଟରକ୍ଷକ), ମାଇକେଲ ବ୍ରେସ୍‌ୱେଲ (ଅଧିନାୟକ), ଜୋଶ କ୍ଲାର୍କସନ, ନିକ୍ କେଲୀ, ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ଜାକାରୀ ଫୋକ୍ସ, ଜେଡେନ ଲେନ୍ନକ୍ସ, ଆଦିତ୍ୟ ଅଶୋକ, କାଏଲ ଜାମିସନ, କ୍ରିଷ୍ଟିଆନ କ୍ଲାର୍କ, ମାଇକେଲ ରେ'।

# ୧୮ ରୁ ରାୟଗଡ଼ାରେ ରାଜ୍ୟ ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍

ଭୁବନେଶ୍ୱର, ୩।୧ (ସମିସ): ରାଜ୍ୟ ବାଳକ ଓ ବାଳିକା ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍‌ର ୩୧ତମ ସଂସ୍କରଣ ଚଳିତ ମାସ ୧୮ ରୁ ରାୟଗଡ଼ାରେ ଆରମ୍ଭ ହେବ। ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ୍ ସଂଘ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ୩ ଦିନ ଧରି ରାୟଗଡ଼ା ଜିଲ୍ଲାର ବିଷମକଟକଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ସମଗ୍ର ଓଡ଼ିଶାରୁ ୨୦ଟି ଲେଖାଏ ବାଳକ ଓ ବାଳିକା ଦଳର ପାଖାପାଖି ୮୦୦ ଖେଳାଳି ଅଂଶଗ୍ରହଣ କରିବେ ବୋଲି ରାଜ୍ୟ ହ୍ୟାଣ୍ଡବଲ୍ ସଂଘର ସମ୍ପାଦକ ଇଂ ମାନସ କୁମାର ସିଂ ଜଣାଇଛନ୍ତି। ଅଧିକ ଯୋଗାଯୋଗ ଲାଗି କୋର୍ଡିନେଟର ଗୌରୀଶଙ୍କର ମିଶ୍ର ଓ ରାୟଗଡ଼ା ଜିଲ୍ଲା ସମ୍ପାଦକ ଶୁଭେନ୍ଦୁ ଚୌଧୁରୀଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ଏହି ପ୍ରତିଯୋଗୀତାରୁ ଜାତୀୟ ଟୁର୍ଣ୍ଣାମେଣ୍ଟ ଲାଗି ଖେଳାଳି ଚୟନ କରାଯିବ।

# ପାଣ୍ଡ୍ୟା-ପଟେଲଙ୍କ ପ୍ରଥମ ଲିଷ୍ଟ-ଏ ଶତକ

ବେଙ୍ଗାଲୁରୁ, ୩।୧ (ଏଜେନ୍ସି): ଚଳିତ ବିଜୟ ହଜାରେ ଟ୍ରଫିର ୫ମ ରାଉଣ୍ଡ ମୁକାବିଲାରେ ଦୁଇ ତାରକା ଖେଳାଳି ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ଶତକୀୟ ପାଳି ଖେଳିଛନ୍ତି। ଲିଷ୍ଟ-ଏ କ୍ରିକେଟ୍‌ରେ ଉଭୟ ଖେଳାଳିଙ୍କ ଏହା ପ୍ରଥମ ଶତକ ଥିଲା। ଆଲୁରରେ ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ ମ୍ୟାଚରେ ଅକ୍ଷରଙ୍କ ଶତକ ବଳରେ ଗୁଜରାଟ ୭ ରନରେ ଆନ୍ଧ୍ର ପ୍ରଦେଶକୁ ହରାଇଦେଇଛି। ଅକ୍ଷର ୧୧୧ ବଲରେ ୧୦ ଚୌକା ଓ ୫ ଛକା ସହାୟତାରେ ୧୩୦ ରନ କରିଥିଲେ। ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ୯ ୱିକେଟ୍ ହରାଇ ୩୧୮ ରନ କରିଥିଲା। ଜବାବରେ ଓପନର୍ ସିଆର୍ ଗଣେଶ୍ୱରନଙ୍କ ୧୦୨ ରନ ସତ୍ତ୍ୱେ ଆନ୍ଧ୍ର ୭ ୱିକେଟ୍‌ରେ ୩୧୧ ରନ କରି ପରାସ୍ତ ହୋଇଥିଲା। ପୂର୍ବରୁ ଅକ୍ଷର ଲିଷ୍ଟ-ଏ'ରେ ୧୨୪ଟି ପାଳି ଖେଳିଥିଲେ ମଧ୍ୟ ୯୮ ତାଙ୍କର ସର୍ବୋଚ୍ଚ ସ୍କୋର ରହିଥିଲା। ଅପରପକ୍ଷରେ ରାଜକୋଟରେ ଅନୁଷ୍ଠିତ ଏକ ମ୍ୟାଚରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଶତକ ସତ୍ତ୍ୱେ ବରୋଦା ୯ ୱିକେଟ୍‌ରେ ବିଦର୍ଭଠାରୁ ହାରିଯାଇଛି। ୧୧ ଛକା ଓ ୮ ଚୌକା ବଳରେ ୯୨ ବଲରୁ ପାଣ୍ଡ୍ୟା ୧୩୩ ରନର ଦ୍ରୁତ ଶତକୀୟ ପାଳି ଖେଳିଥିଲେ। ଏପରିକି ବାମହାତୀ ସ୍ପିନର ପାର୍ଥ ରେଖାଡେଙ୍କ ଏକ ଓଭରରୁ ସେ ୩୪ ରନ ସଂଗ୍ରହ କରିଥିଲେ। ପାଣ୍ଡ୍ୟା ଏଥିପୂର୍ବରୁ ଲିଷ୍ଟ-ଏ'ରେ ୧୧୯ଟି ମ୍ୟାଚ୍ ଖେଳିଥିଲେ ମଧ୍ୟ ଶତକ ମାରିପାରି ନ ଥିଲେ।

## ଶେଷ ୨ଟି ମ୍ୟାଚ୍ ଖେଳିବେ ଆୟର

ଜୟପୁର, ୩।୧ (ଏଜେନ୍ସି): ଫିଟ୍‌ନେସ ପ୍ରମାଣ ଦେବାର ସର୍ତ୍ତରେ ଶ୍ରେୟସ ଆୟରଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଲାଗି ଭାରତୀୟ ଦଳରେ ସାମିଲ କରାଯାଇଛି। ଏହା ଫଳରେ ସେ ମୁମ୍ବଇ ଖେଳିବାକୁ ଥିବା ଜାନୁଆର ୬ ଓ ୮ରେ ଦୁଇଟିଯାକ ମ୍ୟାଚ୍ ଖେଳିବେ ବୋଲି ମୁମ୍ବଇର ମୁଖ୍ୟ ଚୟନକର୍ତ୍ତା ସଞ୍ଜୟ ପାଟିଲ କହିଛନ୍ତି। ଏହି ମ୍ୟାଚ୍ ଦ୍ୱୟରେ ଭାରତୀୟ ଦଳର ଉପଅଧିନାୟକ ଆୟର ମ୍ୟାଚ୍ ଫିଟ୍‌ନେସ ପରୀକ୍ଷା ଦେଲେ ତାଙ୍କୁ ସାମିଲ କରାଯିବ। ସେହିପରି ଅସୁସ୍ଥତା ହେତୁ ଅଧିନାୟକ ଶୁବମନ ଗିଲ୍ ଆଜି ସିକ୍କିମ ବିପକ୍ଷ ମ୍ୟାଚ୍‌ରେ ଖେଳି ନ ଥିଲେ। ସେ ସେ ୬ରେ ହେବାକୁ ଥିବା ଗୋଆ ବିପକ୍ଷ ମ୍ୟାଚ୍‌ରେ ଖେଳିବେ ବୋଲି କୋଚ୍ ସନ୍ଦୀପ ଶର୍ମା କହିଛନ୍ତି। ଜାନୁଆରୀ ୭ରେ ମନୋନୀତ ଖେଳାଳିମାନେ ବରୋଦାରେ ଏକତ୍ର ହେବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ଆୟର ଫିଟ୍ ହେଲେ ୯ କିମ୍ବା ୧୦ରେ ଦଳ ସହ ଯୋଗଦେବେ। ବରୋଦାରେ ୧୧ ତାରିଖରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

■ ପୁରୁଷ ହକି ଇଣ୍ଡିଆ ଲିଗ୍

# ସୁଟ୍‌ଆଉଟ୍‌ରେ ଜିତିଲା ତାମିଲନାଡୁ ଡ୍ରାଗନ୍ସ

ଚେନ୍ନଇ, ୩।୧ (ଏଜେନ୍ସି): ରୋମାଞ୍ଚକ ଓ ପ୍ରତିଦ୍ୱନ୍ଦ୍ୱିତାମୂଳକ ମୁକାବିଲାରୁ ସ୍ଥାନୀୟ ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହୋଇଛି ପୁରୁଷ ହକି ଇଣ୍ଡିଆ ଲିଗ୍। ଏହି ଲିଗ୍‌ର ଉଦ୍‌ଘାଟନୀ ମୁକାବିଲାରେ ତାମିଲନାଡୁ ଡ୍ରାଗନ୍ସ ୪-୨ ପେନାଲ୍ଟି ସୁଟ୍‌ଆଉଟରେ ହାଇଦ୍ରାବାଦ୍ ତୁଫାନ୍ସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ର ନିର୍ଦ୍ଧାରିତ ସମୟରେ ଖେଳ ୩-୩ ଗୋଲରେ ସମାନସ୍ତରରେ ରହିଥିଲା। ଫଳରେ ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଅମିତ ରୋହିଦାସଙ୍କ ନେତୃତ୍ୱରେ ଖେଳୁଥିବା ତାମିଲନାଡୁ ଡ୍ରାଗନ୍ସ ୩ଟି ଓ ଶିଳାନନ୍ଦ ଲାକ୍ରାଙ୍କ ହାଇଦ୍ରାବାଦ୍ ତୁଫାନ୍ସ ୨ଟି ଗୋଲ ସ୍କୋର କରିବାରେ ସମର୍ଥ ହୋଇଥିଲା। ତାମିଲନାଡୁର ଗୋଲ ରକ୍ଷକ ଡେଭିଡ୍ ହାର୍ଟେ ଚମତ୍କାର ଖେଳ ପ୍ରଦର୍ଶନ କରି ଦଳକୁ ମ୍ୟାଚ୍ ଜିତାଇଥିଲେ। ଖେଳର ନିର୍ଦ୍ଧାରିତ ସମୟରେ ହାଇଦ୍ରାବାଦ୍ ପକ୍ଷରୁ ଅମନଦୀପ ଲାକ୍ରା ୨ଟି, ଆର୍ଥର ଡି ସ୍ଲୁଭର, ତାମିଲନାଡୁ ପକ୍ଷରୁ କାର୍ଥୀ ସେଲଭାମ୍, ଉତ୍ତମ ସିଂ ଓ ଥୋମାସ ସୋର୍ସବୀ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଆସନ୍ତାକାଲି ଓଡ଼ିଶା ଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦଳ ସହ ପ୍ରଥମ ମ୍ୟାଚ୍ ଖେଳିବ।



ମହିଳା ହକି ଇଣ୍ଡିଆ ଲିଗ୍

# ପାଇପର୍ସ ବିଜୟୀ

ରାଞ୍ଚି,୩।୧(ଏଜେନ୍ସି): ମହିଳା ହକି ଇଣ୍ଡିଆ ଲିଗ୍‌ର ଏକ ରୋମାଞ୍ଚକ ମ୍ୟାଚ୍‌ରେ ଏସ୍‌ଜି ପାଇପର୍ସ ୩-୧ ଗୋଲରେ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ୍‌କୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଲୋଲା ରିଏରା, ଜ୍ୟୋତି ସିଂ ଓ ଓଡ଼ିଆ ଖେଳାଳି ସୁନେଲିତା ଟପ୍ପୋ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ସୁରମା ପକ୍ଷରୁ ପେନି ସ୍କ୍ୱିବ୍ ପେନାଲ୍ଟି କର୍ଣ୍ଣରରୁ ଏକମାତ୍ର ଗୋଲ ଦେଇଥିଲେ।

# ଆଇଏସଏଲ୍ ବଞ୍ଚିଗଲା

ନୂଆଦିଲ୍ଲୀ, ୩।୧ (ଏଜେନ୍ସି): ମାସ ମାସର ଅନିଶ୍ଚିତତା ପରେ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ଆୟୋଜନ ନେଇ ସବୁଜ ସଙ୍କେତ ମିଳିଛି। ଆଇଏସ୍‌ଏଲ୍ ଆରମ୍ଭ କରାଯିବା ନେଇ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫଏଫ୍) ପକ୍ଷରୁ ନିଶ୍ଚିତ କରାଯାଇଛି। ଆସନ୍ତା ସପ୍ତାହରେ ଆଗାମୀ ସିଜନ ଲାଗି ତାରିଖ ଘୋଷଣା କରାଯିବ। ଏଆଇଏଫ୍‌ଏଫ୍ ଜରୁରୀକାଳୀନ କମିଟିର ବୈଠକରେ ଏଆଇଏଫଏଫ୍-ଆଇଏସଏଲ୍ ସମନ୍ୱୟ କମିଟି ଦ୍ୱାରା ଦାଖଲ ହୋଇଥିବା ରିପୋର୍ଟକୁ ସମୀକ୍ଷା ପରେ ଆୟୋଜନ ନେଇ ସ୍ୱୀକୃତି ଦିଆଯାଇଥିଲା।

ବିଜୟ ହଜାରେ ଟ୍ରଫି | ସାମଲଙ୍କ ଶତକ ବ୍ୟର୍ଥ

# ଓଡ଼ିଶାକୁ ହରାଇଲେ ପାର୍ଥ-ଅନୁଜ

ଭୁବନେଶ୍ୱର,୩।୧(ସମିସ):

ଦୁଇ ଯୁବ ଖେଳାଳି ପାର୍ଥ ଭାଟ୍ସ ଓ ଅନୁଜ ଠାକରାଲଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ବେଙ୍ଗାଲୁରୁର ଅଲୁର ଷ୍ଟାଡିୟମ୍‌ରେ ଆଜି ଅନୁଷ୍ଠିତ ବିଜୟ ହଜାରେ ଗ୍ରୁପ୍-ଡି'ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ହରିୟାଣା ୪ ୱିକେଟରେ ଓଡ଼ିଶାକୁ ପରାସ୍ତ କରିଛି। ଏହା ଫଳରେ ୫ମ ରାଉଣ୍ଡ ଖେଳ ଶେଷପରେ ଦିଲ୍ଲୀ ଓ ହରିୟାଣା ୪ଟି ଲେଖାଏଁ ବିଜୟ ସହ ଗ୍ରୁପ୍-ଡି' ପଏଣ୍ଟ ଟେବଲର ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଛି। ଓଡ଼ିଶା ୫ମ ମୁକାବିଲାରୁ ଦ୍ୱିତୀୟ ପରାଜୟ ପରେ ରେଳବାଇ ଓ ସୌରାଷ୍ଟ୍ର ସହ ସମାନ ୧୨ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛି। କିନ୍ତୁ ଉନ୍ନତ ନେଟ୍‌ରନ୍‌ରେଟ୍ ଯୋଗୁଁ ଦଳ ତୃତୀୟ ସ୍ଥାନରେ ରହିଛି। ଏହି ଗ୍ରୁପ୍‌ରେ ଓଡ଼ିଶା ତାହାର ଶେଷ ଦୁଇଟି ଲିଗ୍ ମ୍ୟାଚ୍ ଜାନୁଆରୀ ୬ରେ ଶକ୍ତିଶାଳୀ ଗୁଜରାଟ ଓ ୮ରେ ରେଳବାଇ ସହ ଖେଳିବ। ଏହି ମ୍ୟାଚ୍ ଦୁଇଟିରେ ଦଳ ବିଜୟୀ ହେଲେ ପରବର୍ତ୍ତୀ ପର୍ଯ୍ୟାୟକୁ ଯିବାର ସମ୍ଭାବନା ରହିପାରେ।



ସ୍ୱସ୍ତିକ ସାମଲ



ଗୋବିନ୍ଦ ପୋଦ୍ଦାର

ଅଲୁରଠାରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ହରିୟାଣା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ଲାଗି ଓଡ଼ିଶାକୁ ଆମନ୍ତ୍ରଣ କରିଥିଲା। ଦଳ ଯୁବ ଖେଳାଳି ସ୍ୱସ୍ତିକ ସାମଲ (୧୦୧ରନ୍, ୧୦୨ ବଲ୍, ୧୦ ଚୌକା, ୩ଛକା)ଙ୍କ ଶତକ ଏବଂ ଦୁଇ ସିନିଅର ଖେଳାଳି ଗୋବିନ୍ଦ ପୋଦ୍ଦାରଙ୍କ ୮୨ବଲ୍‌ରୁ ୭୭ ଓ ବିପ୍ଳବ ସାମନ୍ତରାୟଙ୍କ ୩୯ ବଲ୍‌ରୁ ୪୭ ରନ୍ ସହାୟତାରେ ଓଡ଼ିଶା ୯ ୱିକେଟରେ ୩୦୫ ରନ୍ କରିଥିଲା। ଜବାବରେ ୩୦୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ହରିୟାଣା ୮ଟି ବଲ ଓ ୪ ୱିକେଟ ବାକିଥାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଦଳ ୩୦.୧ ଓଭରରେ ୬ ୱିକେଟ ହରାଇ ୧୩୩ ରନ୍ କରିଥିବାବେଳେ ଓଡ଼ିଶାର ଖେଳାଳିମାନେ ହାଲ୍‌କା ହୋଇଯାଇଥିଲେ। ଫଳରେ ଦୁଇ ଯୁବ ଖେଳାଳି ଯଥା ୨୨ ବର୍ଷୀୟ ପାର୍ଥ ଭାଟ୍ସ ଓ ୨୩ ବର୍ଷୀୟ ପେସ୍ ବୋଲିଂ ଅଲରାଉଣ୍ଡର ଅନୁଜ ଠାକ୍‌ରାଲ ଅବିଭକ୍ତ ୭ମ ୱିକେଟ ଯୋଡିରୁ ୧୧୧ ବଲ୍‌ରେ ୧୭୬ ରନ୍ ଉଠାଇ ୪୮.୪ ଓଭରରେ ୬ ୱିକେଟ ହରାଇ ଓଡ଼ିଶାକୁ ହରାଇଦେଇଥିଲେ। ଦଳ ମ୍ୟାଚ୍ ଜିତିଲାବେଳକୁ ପାର୍ଥ ୧୩୬ ବଲ୍‌ର ସାମ୍ନା କରି ୧୩ ଚୌକା ଓ ୫ଛକା ସହ ୧୫୭ ଓ ଅନୁଜ ୪୮ ବଲ୍‌ରୁ ୩ଟି ଲେଖାଏଁ ଚୌକା ଓ ଛକା ସହ ୫୯ ରନ୍‌ରେ ଅପରାଜିତ ରହିଥିଲେ। ନୂଆ ଆତ୍ମବିଶ୍ୱାସର ସହ ଖେଳୁଥିବା ବିପ୍ଳବ ସାମନ୍ତରାୟଙ୍କ ଓଡ଼ିଶା ଦଳ ଏହି ପାର୍ଟନରସିପ୍‌କୁ ଭାଙ୍ଗି ନପାରିବା ଫଳରେ ଦଳର ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହେବା ଆଶଙ୍କା ମଧ୍ୟକୁ ଚାଲିଯାଇଛି। ସେହିପରି ଦଳ ପ୍ରଥମ ମ୍ୟାଚ୍‌ରେ ୩୪୫ ରନ୍ କରି ମଧ୍ୟ ସୌରାଷ୍ଟ୍ର ନିକଟରୁ ହାରିଯାଇଥିଲା। ସଂଯୋଗ ବଶତଃ ଏହି ମ୍ୟାଚ୍‌ରେ ସ୍ୱସ୍ତିକ ସାମଲ ରାଜ୍ୟ ପକ୍ଷରୁ ପ୍ରଥମ ଦ୍ୱିଶତକ ସହ ୨୧୨ ରନ୍ କରିଥିଲେ। ବିପ୍ଳବଙ୍କ ବ୍ୟାଟରୁ ଶତକୀୟ ଇନିଂସ ମଧ୍ୟ ଦେଖିବାକୁ ମିଳିଥିଲା।

# ଅନିମେଶଙ୍କୁ ଭାଙ୍ଗିବାକୁ ପଡ଼ିବ ନିଜ ରେକର୍ଡ

ନୂଆଦିଲ୍ଲୀ, ୩।୧ (ଏଜେନ୍ସି): ଏସୀୟ କ୍ରୀଡ଼ାର ୨୦ତମ ସଂସ୍କରଣ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଜାପାନରେ ଅନୁଷ୍ଠିତ ହେବ। ଏସିଆ ମହାଦେଶର ଏହି ସର୍ବଶ୍ରେଷ୍ଠ କ୍ରୀଡ଼ା ପ୍ରତିଯୋଗିତା ଲାଗି ଶନିବାର ଭାରତୀୟ ଦୌଡ଼କୁଦ ମହାସଂଘ (ଏଏଫ୍‌ଆଇ) ପକ୍ଷରୁ ଆଥ୍‌ଲେଟ୍‌ଙ୍କ ଲାଗି ଯୋଗ୍ୟତା ମାନଦଣ୍ଡ ଜାରି କରାଯାଇଛି। ଏହିକ୍ରମରେ ପୁରୁଷ ଓ ମହିଳା ୧୦୦ ମିଟର ରେସ୍ ଲାଗି ଯଥାକ୍ରମେ ୧୦.୧୬ ଓ ୧୧.୫୪ ସେକେଣ୍ଡ ସମୟ ଧାର୍ଯ୍ୟ କରାଯାଇଛି। ଏହି ଟାଇମିଂକୁ ଦେଖିଲେ ବର୍ତ୍ତମାନ ପୁରୁଷ ୧୦୦ ମିଟରରେ ଜାତୀୟ ରେକର୍ଡର ଅଧିକାରୀ ରହିଥିବା ଅନିମେଶ କୁଜୁରଙ୍କ ଶ୍ରେଷ୍ଠ ଟାଇମିଂ ୧୦.୧୮ ସେକେଣ୍ଡ ରହିଛି। ଅର୍ଥାତ୍ ଏସୀୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିବାକୁ ହେଲେ ଅନିମେଶଙ୍କୁ ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ଆଗାମୀ ଦିନରେ ଭାଙ୍ଗିବାକୁ ପଡ଼ିବ। ସେହିଭଳି ପୁରୁଷ ଜାଭେଲିନ୍ ଥ୍ରୋ'ରେ ଯୋଗ୍ୟତା ମାନଦଣ୍ଡ ୭୭.୮୭ ମିଟର ରହିଛି।

### ଏସୀୟ କ୍ରୀଡ଼ା ଯୋଗ୍ୟତା ମାନଦଣ୍ଡ

ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍

# ସେମିରେ ବାପୁଜୀ କ୍ଲବ୍



ଯାଜପୁର,୩।୧(ସମିସ): ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ମେଳବର୍ଣ୍ଣ କ୍ରିକେଟ୍ କ୍ଲବ ଯାଜପୁରର ମିଳିତ ଉଦ୍ୟମରେ କୁସୁମା ନିକଟସ୍ଥ ଷ୍ଟାଡିୟମରେ ଅନୁଷ୍ଠିତ ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ ମ୍ୟାଚରେ ଭୁବନେଶ୍ୱରର ବାପୁଜୀ କ୍ଲବ୍ ସେମିଫାଇନାଲ୍ ଖେଳିବାକୁ ଯୋଗ୍ୟତା ହାସଲ କରିଛି।

ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବନାରସ କ୍ରିକେଟ୍ କ୍ଲବ ୨୩.୪ ଓଭରରେ ୧୩୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବେଦ ପ୍ରକାଶ ସର୍ବାଧିକ ୪୭ରନ୍ ସଂଗ୍ରହ କରିଥିଲେ। ବାପୁଜୀ କ୍ଲବ ଭୁବନେଶ୍ୱରର ବୋଲର କ୍ଷମା ସାଗର ୫ଓଭରରେ ୨୦ରନ୍ ଦେଇ ୩ଟି ଓ ସୟଦ ଜାକି ୨୪ରନ୍ ଦେଇ ୩ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ବାପୁଜୀ କ୍ଲବ ୧୪ଓଭରରେ ୩ ୱିକେଟ୍ ହରାଇ ୧୩୯ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବିକାଶ ଦୀକ୍ଷିତ ସର୍ବାଧିକ ୬୯ ଓ ଜୟନ୍ତ କାୱତ୍ ୫୨ରନ୍ ସଂଗ୍ରହ କରିଥିଲେ। ଆଜିର ମ୍ୟାଚରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିକାଶ ଦୀକ୍ଷିତଙ୍କୁ ଯାଜପୁର ସହରର ବରିଷ୍ଠ ବ୍ୟବସାୟୀ ତଥା ସମାଜସେବୀ ମନୋଜ କୁମାର ସାହୁ ପୁରସ୍କୃତ କରିଥିଲେ। ଅମ୍ପାୟାର୍ ରଞ୍ଜନ ମହାନ୍ତି, ଆଶୁତୋଷ ପାଣି ମ୍ୟାଚ୍ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସ୍ୱସ୍ତିକ ପହି, ବିଶ୍ୱଜିତ୍ ଦାସ ଦାୟିତ୍ୱ ତୁଲାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS